୬ ମହିଳା ଟି-୨୦ ବିଶ୍ୱକପ୍ : ପାକିସ୍ତାନକୁ ୬ ୱିକେଟରେ ହରାଇଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୫୧ ● ୭ ଅକ୍ଟୋବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-251 ● 7th October 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# ଲକ୍ଷ୍ମୀ ବସ୍‌କୁ ଘରୋଇ ମାଲିକ ସଂଘର ବିରୋଧ: ଆଜି ବସ୍ ଚଳାଚଳ ବନ୍ଦ

**ଜୟପୁର, ୬ା୧୦**
**ନ୍ୟୁଜ୍ ବ୍ୟୁରୋ**



ଲକ୍ଷ୍ମୀ ବସ୍ ସେବାକୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇଛି । ୭ ତାରିଖ ଅର୍ଥାତ ସୋମବାର ସନ୍ଧ୍ୟାରୁ ୨୪ ଘଣ୍ଟିଆ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ୍ ସେବା ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଲକ୍ଷ୍ମୀ ବସ୍ ସେବାକୁ ଘରୋଇ ବସ୍ ମାଲିକ ସଂଘ ପ୍ରଥମରୁ ବିରୋଧ କରି ଆସୁଛି । ବର୍ତ୍ତମାନ ଲକ୍ଷ୍ମୀ ବସ୍ ଟାଇପ-୨ ସେବା ଯୋଗାଇବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ଘରୋଇ ବସ୍ ମାଲିକ ସଂଘ ଜୋରଦାର ବିରୋଧ କରିଛି । ଏନେଇ ଜୟପୁର ଘରୋଇ ବସ୍ ମାଲିକ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ସୋମବାର ସନ୍ଧ୍ୟା ୬ଟାରୁ ମଙ୍ଗଳବାର ସନ୍ଧ୍ୟା ୬ ଯାଏଁ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଜୟପୁର ଘରୋଇ ବସ ମାଲିକ ସଂଘ ସମ୍ପାଦକ ନରେନ୍ଦ୍ର ମହାନ୍ତି କହିଛନ୍ତି । ବିଗତ ଦିନରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବା ପରେ ଘରୋଇ ବସ୍ ମାଲିକମାନେ କ୍ଷତି ସହିବାରୁ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ପରେ ତତ୍କାଳୀନ ବିଜେଡି ସରକାର ରାଜ୍ୟ ସଂଘ ସହ ଆଲୋଚନା କରିଥିଲେ । ଟାଇପ-୧ ଲକ୍ଷ୍ମୀ ବସ୍ ଚଳାଇବାକୁ ରାଜି ହୋଇଥିଲେ । ସେହି ସମୟରେ ବିରୋଧୀ ଦଳରେ ଥିବା ଆଜିର ବିଜେପି ସରକାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘକୁ ସମର୍ଥନ କରିଥିଲେ । ବର୍ତ୍ତମାନ ବିଜେପି ଶାସନକୁ ଆସିବା ପରେ ଟାଇପ-୨ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିବାକୁ ଯାଉଛନ୍ତି । ଏହାକୁ ସଂଘ ତରଫରୁ ବିରୋଧ କରାଯାଉଛି । ଟାଇପ-୧ ପଞ୍ଚାୟତରୁ ବ୍ଲକ, ଟାଇପ-୨ରେ ବ୍ଲକରୁ ଜିଲ୍ଲା ସଦରମହକୁମା ଯାଏଁ ଲକ୍ଷ୍ମୀ ବସ୍ ଚଳିବ ବୋଲି କୁହାଯାଇଥିଲା । ସଂଘ ପକ୍ଷରୁ ବିରୋଧ କରାଯିବାରୁ ଟାଇପ-୨ରେ ସେବାକୁ ସରକାର ସ୍ଥଗିତ ରଖିଥିଲେ । ବର୍ତ୍ତମାନ ଟାଇପ-୨ରେ ଲକ୍ଷ୍ମୀ ବସ୍ ଚଳାଇବାକୁ ଏକ ସଂସ୍ଥା ଆବେଦନ କରି ସାରିଛି । ଏହାକୁ ବିରୋଧ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଘରୋଇ ବସ୍ ମାଲିକ ସଂଘ ତରଫରୁ ବନ୍ଦ ଡାକରା ଦିଆଯାଇଥିବା ଶ୍ରୀ ମହାନ୍ତି କହିଛନ୍ତି । ବେସରକାରୀ ବସ୍ ମାଲିକମାନେ ଦୁର୍ଗମ ଅଞ୍ଚଳକୁ କ୍ଷତି ସହି ମଧ୍ୟ ଗାଡି ଚଳାଚଳ କରୁଛନ୍ତି । ସେମାନଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ଦେବା ବଦଳରେ ବୋଝ ଦିଆଯାଉଛି । ବେସରକାରୀ ସଂସ୍ଥାକୁ ଯେମିତି ରିହାତି ଦେଇ ଲକ୍ଷ୍ମୀ ଟାଇପ-୨ ଚଳାଇବାକୁ ସୁଯୋଗ ଦେଇଛନ୍ତି ସେହିପରି ସୁଯୋଗ ଘରୋଇ ବସ ମାଲିକମାନଙ୍କୁ ଦେଲେ ବିରୋଧ କରାଯିବ ନାହିଁ ବୋଲି ସଂଘ ତରଫରୁ କୁହାଯାଇଛି । ଦଶହରା ସମୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ୍ ସେବା ୨୪ ଘଣ୍ଟା ବନ୍ଦ ରହିଲେ, ନିଶ୍ଚିତ ଭାବେ ସାଧାରଣ ଜନତାଙ୍କ ଉପରେ ଏହାର ପ୍ରଭାବ ପଡ଼ିବ । ଏହା ସତ୍ତ୍ୱେ ଘରୋଇ ବସ୍ ମାଲିକ ସଂଘ ତରଫରୁ ୭ ତାରିଖ ସନ୍ଧ୍ୟା ୬ଟାରୁ ୮ ତାରିଖ ସନ୍ଧ୍ୟା ୬ଟା ଯାଏଁ ୨୪ ଘଣ୍ଟା ବସ ଚଳାଚଳ ବନ୍ଦ କରିବାକୁ ଘୋଷଣା କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘରୋଇ ବସ୍ ମାଲିକ ସଂଘର ସଭାପତି ବି ସୁବ୍ରମଣ୍ୟମ ପାତ୍ର, ପବିତ୍ର ପାତ୍ର, ଶଙ୍କର ରାଓ, ଜଗନ୍ନାଥ ପାଣିଗ୍ରାହୀ, ତ୍ରିପତି ପାଣିଗ୍ରାହୀ, ଶାମ୍ବାଶିବ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଇସ୍ରାଏଲ ଉପରେ ଆକ୍ରମଣର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ

## ତିନି ଦେଶରୁ ଯୋଦ୍ଧା ପହଞ୍ଚିଲେ

**ତେହେରାନ, ୬ା୧୦**



ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣକୁ ବର୍ଷେ ପୂରଣ ହେବାକୁ ଯାଉଛି । ପୁଣି ଥରେ ଇସ୍ରାଏଲ କମ୍ପିତ ହେବାର ଆଶଙ୍କା ରହିଛି । ବର୍ଷେ ତଳେ ୭ ଅକ୍ଟୋବର ୨୦୨୩ରେ ହମାସ ଆକ୍ରମଣ କରିଥିଲା । ଆମେରିକାର ଗୁପ୍ତଚର ଏଜେନ୍ସି ଏନେଇ ଏଫବିଆଇ ଏକ ସତର୍କ ସୂଚନା ଜାରି କରିଛି ।

ସୂଚନାରେ ଉଲ୍ଲେଖ କରାଯାଇଛି ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲ ଉପରେ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ୟେମେନ, ସିରିଆ ଏବଂ ଇରାକ ଆଦି ୩ ଦେଶରୁ ହଜାର ହଜାର ଯୋଦ୍ଧା ଲେବାନନରେ ପହଞ୍ଚିଛନ୍ତି । ଏହି ପ୍ରକ୍ସି ଆକ୍ରମଣ ପାଇଁ ଇରାନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ।

ଇସ୍ରାଏଲର ସହର ସହିତ ଗୋଲାନ ହାଇଟ୍ସ ଉପରେ ମଧ୍ୟ ଆକ୍ରମଣ କରାଯାଇପାରେ । ବର୍ତ୍ତମାନ ଏହି ଆକ୍ରମଣ ପାଇଁ କେବଳ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲି ଖୋମେନିଙ୍କ ଆଦେଶକୁ ଅପେକ୍ଷା କରାଯାଇଛି, ଯାହା ପରେ ଇରାନର ପ୍ରକ୍ସି ଯୋଦ୍ଧାମାନେ ଗତ ବର୍ଷ ଅକ୍ଟୋବର ୭ ପରି ଆକ୍ରମଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ ତିନିସ୍ତରୀୟ ପ୍ରତିରକ୍ଷା ବ୍ୟବସ୍ଥା ସ୍ଥାପନ କରି ଆକ୍ରମଣକୁ ରୋକିବା ପାଇଁ ଇସ୍ରାଏଲ ଯୋଜନା କରିଛି । ଏହା ସହିତ ସୀମାରେ ଅତିରିକ୍ତ ନିୟୋଜନ ମଧ୍ୟ କରାଯାଇଛି ।

ଶୁକ୍ରବାର ଦିନ, ଖୋମେନି ଜିହାଦି ଭାଷଣ ଦେଇଥିବାରୁ ଇରାନର ପ୍ରକ୍ସି ସଦସ୍ୟଙ୍କ ଉତ୍ସାହ ବଢିବାରେ ଲାଗିଛି । ଯେହେତୁ ଖୋମେନି ଇସ୍ରାଏଲ ବିରୁଦ୍ଧରେ କହୁଥିଲେ ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲର ବିନାଶ ବିଷୟରେ ଯୋଜନା କରିବା ଆରମ୍ଭ କରିଛନ୍ତି । ଏହାର ପରିଣାମ ସ୍ୱରୂପ ଇରାନର ପ୍ରକ୍ସି ସଂଗଠନର ହଜାର ହଜାର ଯୋଦ୍ଧା ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି । ସେମାନେ ଲେବାନନ ଯାଇ ହିଜବୁଲ୍ଲାକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ।

ଶୁକ୍ରବାର ଦିନ ଦିଆଯାଇଥିବା ଭାଷଣ ପରେ ଇରାନର ସର୍ବୋଚ୍ଚ ନେତା ଖୋମେନି ଇରାନର ପ୍ରକ୍ସି କମାଣ୍ଡରଙ୍କ ସହ ଏକ ବୈଠକ କରିଛନ୍ତି ଯେଉଁଥିରେ ଇସ୍ରାଏଲର ବିନାଶ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ଗୋଟିଏ ଦିନ ପରେ ଇସ୍ରାଏଲ ଉପରେ ଏକ ବଡ଼ ଧରଣର ଆକ୍ରମଣ ହୋଇପାରେ ବୋଲି *(ପୃଷ୍ଠା ୭ରେ)*

# ମଧ୍ୟପ୍ରଦେଶରେ ୧,୮୧୪ କୋଟି ଟଙ୍କାର ଡ୍ରଗ୍ସ ଜବତ



**ନୂଆଦିଲ୍ଲୀ, ୬ା୧୦**

ଦିଲ୍ଲୀ ପରେ ମଧ୍ୟପ୍ରଦେଶରେ ବଡ଼ ଧରଣର ଚଢଉ କରାଯାଇଛି । ମଧ୍ୟପ୍ରଦେଶ ରାଜଧାନୀ ଭୋପାଳ ନିକଟସ୍ଥ ଏକ କାରଖାନାରୁ ବିପୁଳ ପରିମାଣର ଡ୍ରଗ୍ସ ଏବଂ କଞ୍ଚାମାଲ ଜବତ କରାଯାଇଛି, ଯାହାର ମୂଲ୍ୟ ୧,୮୧୪ କୋଟି ଟଙ୍କା ହେବ ।

ଏହି କାରାଖାନାରେ ଡ୍ରଗ୍ସ ତିଆରି ଚାଲିଥିଲା । ଗୁଜୁରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ) ଏବଂ ଦିଲ୍ଲୀର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ମିଳିତ ଭାବେ ଏହି ଅପରେସନ କରିଥିଲେ । ଏଥିରେ ଦୁଇ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି ।

ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସଙ୍ଘଭାଇ ଏନେଇ ଏକ ଏକ୍ସ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏଥିସହ ତଦନ୍ତକାରୀ ସଂସ୍ଥାଙ୍କୁ ସାଧୁବାଦ ଜଣାଇଛନ୍ତି । ଡ୍ରଗ୍ସ ବିରୋଧ ଲଢେଇରେ ଏହା ଏକ ବଡ଼ ବିଜୟ ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି, ଏହି ସଫଳତା ଡ୍ରଗ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଜି ଅମିତ ଶାହଙ୍କ ବୈଠକ

**ନୂଆଦିଲ୍ଲୀ, ୬ା୧୦**

ସୋମବାର ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବୈଠକ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବସିବ ।

ଏହି ବୈଠକରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ । ମାଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ ।

ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ସଶସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ *(ପୃଷ୍ଠା ୭ରେ)*



## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ, ମାଓ ମୁକାବିଲା ବୈଠକରେ ଯୋଗଦେବେ



**ଭୁବନେଶ୍ୱର, ୬ା୧୦ : ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିଲ୍ଲୀରେ ମାଓ ମୁକାବିଲା ବୈଠକରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ରବିବାରଠୁ ସେ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏହି ଅବସରରେ *(ପୃଷ୍ଠା ୭ରେ)*

# ଜୁନିଅର ଡାକ୍ତରଙ୍କ ଆମରଣ ଅନଶନ: ମମତାଙ୍କ ଚିନ୍ତା ବଢିଲା

**କୋଲକାତା, ୬ା୧୦**





କୋଲକାତାରେ ଜଣେ ପ୍ରଶିକ୍ଷକ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ଜୀବନ ନେବା ମାମଲାରେ ଜୁନିଅର ଡାକ୍ତରମାନେ ଆମରଣ ଅନଶନରେ ବସିଛନ୍ତି । ସେମାନେ ସ୍ୱାସ୍ଥ୍ୟ ସଚିବଙ୍କୁ ହଟାଇବାକୁ ଦାବି କରି ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟା ସମୟ ଦେଇଥିଲେ । କିନ୍ତୁ ଏହି ସମୟସୀମା ଶେଷ ହୋଇଛି । ଏଭଳି ପରିସ୍ଥିତିରେ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ଡାକ୍ତରମାନେ କହିଛନ୍ତି ଯେ ଆମରଣ ଅନଶନରେ ଆବଶ୍ୟକୀୟ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେମାନେ ସିସିଟିଭି ସ୍ଥାପନ କରିବେ । ଯାହାଫଳରେ ସେଠାରେ କ'ଣ ଘଟୁଛି ସମସ୍ତେ ଦେଖିପାରିବେ ।

କୋଲକାତାରେ ଜଣେ ପ୍ରଶିକ୍ଷକ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ଜୀବନ ନେବା ଘଟଣାରେ ଜୁନିଅର ଡାକ୍ତରମାନେ ଅଗଷ୍ଟ ୧୦ରୁ ସେପ୍ଟେମ୍ବର ୨୧ ମଧ୍ୟରେ ୪୨ ଦିନ ପାଇଁ ଧର୍ମଘଟ କରିଥିଲେ । ଡାକ୍ତରଙ୍କ ୫ଟି ଦାବି ମଧ୍ୟରୁ ୩ଟି ରାଜ୍ୟ ସରକାର ଗ୍ରହଣ କରିଥିଲେ, ଡାକ୍ତରମାନେ ଧର୍ମଘଟ ଶେଷ କରିଥିଲେ ।

କିନ୍ତୁ ୨୭ ସେପ୍ଟେମ୍ବରରେ ସାଗର ଦତ୍ତା ହସ୍ପିଟାଲରେ ୩ ଡାକ୍ତର ଏବଂ ୩ ନର୍ସଙ୍କୁ ମାଡ଼ ମାରିବା ମାମଲା ସାମ୍ନାକୁ ଆସିଥିଲା ଯେଉଁ କାରଣରୁ ଡାକ୍ତରମାନେ ରାଗିଯାଇ ଅକ୍ଟୋବର ୧ ରେ ପୁଣି ଧର୍ମଘଟ ଆରମ୍ଭ କରିଥିଲେ । ତେବେ ଏହା ପରେ, ଅକ୍ଟୋବର ୪ରେ ଡାକ୍ତରମାନେ କହିଥିଲେ ଯେ ସେମାନେ ବିରୋଧ ଜାରି ରଖିବେ, କିନ୍ତୁ ଧର୍ମଘଟ ବନ୍ଦ କରିବେ । କାରଣ ବହୁ ସଂଖ୍ୟକ ରୋଗୀ ସରକାରୀ ଡାକ୍ତରଖାନାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ସେମାନେ ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟା ସମୟ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଜୁନିୟର ଡାକ୍ତରମାନେ ରବିବାର କୋଲକାତାର ଧର୍ମତାଲା ଅଞ୍ଚଳର ଡୋରିନା କ୍ରସିଂରେ ଧର୍ମଘଟରେ ବସିଛନ୍ତି ଏବଂ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟା ସମୟସୀମା ମଧ୍ୟରେ ସରକାର ଆମର ଦାବି ପୂରଣ କରିବାରେ ବିଫଳ ହୋଇଥିବା କହିଛନ୍ତି । ତେଣୁ ଆମର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମେ ମୃତ୍ୟୁ ପର୍ଯ୍ୟନ୍ତ ଆମରଣ ଅନଶନ ଆରମ୍ଭ କରୁଛୁ । ଏଥିରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆମେ ମଞ୍ଚରେ ସିସିଟିଭି କ୍ୟାମେରା ଲଗାଇଛୁ । ଯେଉଁଠାରେ ଆମର ବନ୍ଧୁମାନେ ଉପବାସ କରିବେ । ସେମାନେ କହିଛନ୍ତି ଯେ *(ପୃଷ୍ଠା ୭ରେ)*

# ନଦୀରେ ବୁଡ଼ିଗଲେ ୭ ପିଲା, ଗୋଟିଏ ପରିବାରର ତିନି ଭାଇ ମୃତ

**ପାଟନା, ୬ା୧୦**

ନଦୀରେ ଗାଧୋଇବା ବେଳେ ୭ ନାବାଳକ ବୁଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକମାନେ ତିନି ଭାଇ ବୋଲି ଜଣାପଡ଼ିଛି ।



ସୂଚନା ଅନୁସାରେ, ଏହି ଘଟଣା ବିହାରର ରୋହତାସରେ ଘଟିଛି । ରବିବାର ସକାଳେ ୭ ଜଣ ନାବାଳକ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ । ଜଣେ ନାବାଳକ ପ୍ରଥମେ ଗାଧୋଇବାକୁ *(ପୃଷ୍ଠା ୭ରେ)*

# ଓଏସ୍‌ଏସ୍‌ସି ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷାରେ ତ୍ରୁଟି !

## ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ଆଣିଲେ ଛାତ୍ର

**ଭୁବନେଶ୍ୱର, ୬ା୧୦ : ନ୍ୟୁଜ୍ ବ୍ୟୁରୋ**

ରବିବାର ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ହୋଇଥିବା ବେଳେ ସାଂଘାତିକ ତ୍ରୁଟି ହୋଇଥିବା ଅଭିଯୋଗ ଆସିଛି । ବାଲେଶ୍ୱରର ଗୋପାଳ ଗାଁ ପରୀକ୍ଷା କେନ୍ଦ୍ରରେ ସମୟ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲି ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି । ଏପରି *(ପୃଷ୍ଠା ୭ରେ)*



## ଜିଆରଏସ ପଦକୁ ପୁଣି ଫେରାଇନେବା ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

**କଟକ, ୬ା୧୦ : ନ୍ୟୁଜ୍ ବ୍ୟୁରୋ**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଭାବେ ଗତ ମାର୍ଚ୍ଚ ମାସରେ ନିଯୁକ୍ତି ପାଇଥିବା ଗ୍ରାମରୋଜଗାର ସେବକ(ଜିଆରଏସ)ଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବା ପାଇଁ ୨୦୨୪, ସେପ୍ଟେମ୍ବର ୨୫ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଏଥି ସହିତ ହାଇକୋର୍ଟ ମାମଲାରେ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ସଭିଏଁ ଆନନ୍ଦଉଲ୍ଲାସେ ପୁରା
ଶୋଭାଦିଏ ଭବ୍ୟତୋରଣ
ଅପେକ୍ଷା କରନ୍ତି ସକଳପ୍ରାଣୀ
କେବେହେବେ ଦେବୀ ଧରାବତରଣ
ପାପପାପୀଙ୍କର ହେବ ମରଣ
ସକଳ ସନ୍ତପ ଶୋକ ସଂସାରର
ନିଶ୍ଚୟ କରିବେ ହରଣ ।

# ପୃଥିବୀ ମୁହାଁ ସୌରଝଡ଼: ଇଲୋକ୍ଟ୍ରନିକ୍ସ ତରଙ୍ଗ ପାଇଁ ବିପଦ



**ୱାଶିଂଟନ, ୬ା୧୦**

ପୃଥିବୀବାସୀଙ୍କ ପାଇଁ ନାସା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏକ ବିରାଟ ସୌରଝଡ଼ ପୃଥିବୀ ଆଡକୁ ତୀବ୍ର ବେଗରେ ମାଡ଼ି ଆସୁଛି । ଆମେରିକାର ମହାକାଶ ଏଜେନ୍ସି ନାସା ପୃଥିବୀ ସହିତ ଏହି ସୌରଝଡ଼ର ଧକ୍କା ସମ୍ପର୍କରେ ଚେତାବନୀ ଦେଇଛି । ଏହି ଧକ୍କା ଇଲେକ୍ଟ୍ରୋନିକ ଯୋଗାଯୋଗ ଉପକରଣ ଉପରେ ପ୍ରଭାବ ପକାଇପାରେ । ନାସା କହିଛି ଯେ ବର୍ତ୍ତମାନର ସୌରଚକ୍ରର ସବୁଠାରୁ ଶକ୍ତିଶାଳୀ ସୌରଝଡ଼ କରୋନାଲ ମାସ ଇଜେକସନ (ସିଏମଇ) ସହିତ ଧକ୍କା ହେବାକୁ ପୃଥିବୀ ଯାଉଛି । ସୌରଚକ୍ର ସାଧାରଣତଃ ପ୍ରାୟ ୧୧ ବର୍ଷ ଧରି ରହିଥାଏ । ନାସା ଅନୁଯାୟୀ, ୨୦୧୭ ଠାରୁ ପୃଥିବୀ ଏକ ଏକ୍ସ-୯ ଶ୍ରେଣୀର ସୌରଝଡ଼ ଦେଖି ନାହିଁ ।

ବୈଜ୍ଞାନିକଙ୍କ ଅନୁଯାୟୀ, ୨୦୨୫ମସିହାରେ ସୂର୍ଯ୍ୟଙ୍କର ୧୧ ବର୍ଷର ସୌରଚକ୍ରର ଶୀର୍ଷସ୍ତର । ଆଶା କରାଯାଉଛି ଏହି କାରଣରୁ, ସୌର ପ୍ରଜ୍ୱଳନ, ସୂର୍ଯ୍ୟ ଦାଗ ଏବଂ ସିଏମଇ ଗୁଡିକ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ସମ୍ପ୍ରତି ସୂର୍ଯ୍ୟ ସ୍ପଟ ଏଆର-୩୮୪୨ ଅକ୍ଟୋବର ୩ରେ ସୌରଚକ୍ର ୨୫ର ସବୁଠାରୁ ଶକ୍ତିଶାଳୀ ସୌର ପ୍ରଜ୍ୱଳନ କରିଥିଲା । ଏହାକୁ ଏକ୍ସ-୯.୧ ଜ୍ୱାଳା ଭାବରେ ଶ୍ରେଣୀଭୁକ୍ତ କରାଯାଇଥିଲା ।

ଏହି ସୌର ପ୍ରଜ୍ୱଳନରୁ ବିକିରଣ ବିସ୍ଫୋଟ ଏତେ ତୀବ୍ର ଥିଲା ଯେ ଏହା ଆଫ୍ରିକା ଏବଂ ଦକ୍ଷିଣ ଆଟଲାଣ୍ଟିକ ଉପରେ ରେଡିଓ ସିଗନାଲକୁ କିଛି ସମୟ ପାଇଁ ବନ୍ଦ କରିଦେଇଥିଲା । ପ୍ରାୟ ୩୦ ମିନିଟ ପାଇଁ ରେଡିଓ ସିଗନାଲ ପ୍ରଭାବିତ ହୋଇଥିଲା । *(ପୃଷ୍ଠା ୭ରେ)*

# ପୁଟିନଙ୍କ ପଦକ୍ଷେପ ଆରବରେ ବିପର୍ଯ୍ୟୟ ଆଣିବ !

**ଜେରୁଜେଲମ, ୬ା୧୦**



ସିରିଆ-ଲେବାନନ ସୀମାରେ ଇସ୍ରାଏଲର ଆକ୍ରମଣ ଯୋଗୁ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା ଦେଖାଦେଇଛି । ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ର ଯୋଗାଣ ଲାଇନକୁ କାଟିବା ପାଇଁ ଇସ୍ରାଏଲ ପକ୍ଷରୁ ସିରିଆ-ଲେବାନନ ସୀମାରେ ଏକ ବଡ଼ ବିମାନ ଆକ୍ରମଣ କରିଛି । ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ଏବଂ ତାଙ୍କ ସୈନ୍ୟମାନଙ୍କ ମଧ୍ୟରେ ଏନେଇ ଆକ୍ରୋଶ ପ୍ରକାଶ ପାଇଛି । କୁହାଯାଉଛି ଆଗାମୀ ଦିନରେ ରୁଷିଆ ପକ୍ଷରୁ ସିରିଆରୁ ଇସ୍ରାଏଲ ବିରୁଦ୍ଧରେ ଏକ ନୂଆ ମୋର୍ଚ୍ଚା ଖୋଲିପାରେ । ଯଦି ଏହା ଘଟେ ତେବେ ଆରବରେ ଏକ ବଡ଼ ବିପର୍ଯ୍ୟୟ ଘଟିବ ।

ସିରିଆ ନିକଟରେ ଥିବା ଲେବାନନ ସୀମାରେ ବୋମାମାଡ଼ କରି ଆଇଡିଏଫ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ବନ୍ଦ କରିଦେଇଛି । ଲେବାନନକୁ ସିରିଆ ସହିତ ସଂଯୋଗ କରୁଥିବା ଏକମାତ୍ର ମସନା କ୍ରସିଂ ଉପରେ ଇସ୍ରାଏଲ ସେନା ବୋମା ପକାଇ ଏହାକୁ ଧ୍ୱଂସ କରିଛି । ଏହି ଆକ୍ରମଣ କରି ଇସ୍ରାଏଲ ସିରିଆରୁ ହିଜବୁଲ୍ଲାକୁ ଅସ୍ତ୍ରଶସ୍ତ୍ର ଯୋଗାଣ ରାସ୍ତାକୁ କାଟି ଦେଇଛି ।

ପାଶ୍ଚାତ୍ୟ ଗଣମାଧ୍ୟମ ଅନୁଯାୟୀ, ମସନା ହେଉଛି ଏକ କ୍ରସିଂ ଯାହା ମାଧ୍ୟମରେ ସିରିଆରୁ ହିଜବୁଲ୍ଲାକୁ ଇରାନରୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଥାଏ । *(ପୃଷ୍ଠା ୭ରେ)*





# ଆଦିବାସୀ ଗାଁ କଣ୍ଟାଝରୀ ଅବହେଳିତ : ଲୋକଙ୍କୁ ମିଳୁନି ମୌଳିକ ସୁବିଧା

**ହରିଚନ୍ଦନପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ସ୍ୱାଧୀନତାର ଅମୃତ ଚାଖି ପାରିନାହାନ୍ତି ଦୁର୍ଗମ ଅଞ୍ଚଳବାସୀ, ପ୍ରତି ମୁହୂର୍ତ୍ତରେ ଜିଉଁଛନ୍ତି ଅଭିଶପ୍ତ ଜୀବନ। କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି। ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଣ୍ଟାଝରୀ' ସାହିର କଥା। ଏହି ପଞ୍ଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଞ୍ଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ। ଯାହା କେନ୍ଦୁଝର ଜିଲ୍ଲାର ନଗଡ଼ା ଭାବେ ପୂର୍ବରୁ ବେଶ୍ ପରିଚିତ। ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଣ୍ଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି। ହେଲେ ଆଜିବି



ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ। ପାନୀୟ ଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଞ୍ଚ ହୋଇ ରହିଛି। ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଣ୍ଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଞ୍ଚିଲେ ଜୀବନ ବଞ୍ଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି। ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି। ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଞ୍ଚାଇଥାନ୍ତି। ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡ଼ିଛି, ନା ହେଉଛି ତା'ର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି। ଯାହା ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବାର ନଜିର ମଧ ରହିଛି। ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡ଼ିଯାଏ। କେତେ ଗୁଡ଼ିଏ ସୋଲାର ଲାଇଟ ଛଡ଼ା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଣ୍ଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରି ନାହିଁ। ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଣ୍ଟାଝରୀ ଗାଁ ଖଣି ପ୍ରଭାବିତ ଅଞ୍ଚଳ ହୋଇଥିଲେ ମଧ ବିକାଶ ଶୂନ୍ୟ ହୋଇପଡ଼ିଛି। ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଞ୍ଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବ୍ୟକ୍ତିତ୍ୱ ବିକାଶ ହିଁ ସମାଜରେ ଉନ୍ନତି ଘଟାଏ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଚର୍ତୁବିଂଶତମ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଇବ୍ରେରିର ନିଜସ୍ୱ ପ୍ରେକ୍ଷାଳୟରେ ସମାପନ ହୋଇଯାଇଛି । ପ୍ରଥମ ଅଧିବେଶନ ଆରମ୍ଭରୁ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପରେ ବୁଢାରଜା ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ, ବିଶିଷ୍ଟ ବୈଜ୍ଞାନିକ ସାର ଆଇଜାକ ନିଉଟନଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ନିୟମ ଉପରେ ଆଲୋଚନା କରି ବିଜ୍ଞାନ ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ କୁ ଆରମ୍ଭକରି ପ୍ରାକ୍ତନ ବେଙ୍କ ଅଧିକାରୀ ପୃଥ୍ୱୀରାଜ ମିଶ୍ର 'ବ୍ୟକ୍ତିତ୍ୱ ବିକାଶ' ଉପରେ ଆଲୋଚନା ଆରମ୍ଭ କରି ଦୈନନ୍ଦିନ ଜୀବନରେ ମଣିଷର ଜୀବନଧାରା, ଜୀବନଶୈଳୀ, କାର୍ଯ୍ୟାବଳୀ, ଶ୍ରବଣ, ଲିଖନ, ପଠନ ଓ ଆଚରଣ, ଉଚ୍ଚାରଣ ଉପରେ ନିର୍ଭର କରେ ବୋଲି କହି ସମାଜର ବିକାଶ ବ୍ୟକ୍ତିତ୍ୱ ବିକାଶରୁ ହୁଏ ବୋଲି କହିଥିଲେ। ତେଣୁ ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଞ୍ଚାଳକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭରେ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ ସହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସାହଯ୍ୟ ପ୍ରଦାନକରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷର୍ଥୀଙ୍କ ମଧ୍ୟରୁ ହୁମେରା ବାନୋ, ଦୀପ୍ତି ରଞ୍ଜନ, ସୋନାଲିକା, ସ୍ୱତୀ ପରିମିତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିବିରରେ ପ୍ରୋଫାସର ଆଦିତ୍ୟ ପ୍ରସାଦ ପାଢ଼ୀ, ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ବିଭୁତି ନାରାୟଣ ମାଝୀ, ଗୋଲକ ବିହାରୀ ମିଶ୍ର, ଡ. ଗିରିଧାରୀ ହୋତା, ପ୍ରଫେସର ଶଙ୍କର ପ୍ରସାଦ ପତି, ମନୋଜ କୁମାର ନାଥଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଜାତୀୟ ସଙ୍ଗୀତ ପରେ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା। ଏହି ଶିବିରରେ ୧୪ ଟି ହାଇସ୍କୁଲରୁ ମୋଟ ୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥଲେ।

# ସୋଆ ପକ୍ଷରୁ କୋଲକାତାରେ 'ଆଲିସିପ୍ ++' ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କର୍ପୋରେଟ ଜଗତର ନେତୃବୃନ୍ଦ ତଥା ମାନବ ସମ୍ବଳ ଅଧିକାରୀମାନଙ୍କୁ ନେଇ ଗତ ଶୁକ୍ରବାର ଦିନ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ୟୁନିଭର୍ସିଟି ପକ୍ଷରୁ କୋଲକାତା ଠାରେ ଲିଡରସିପ କନ୍‌କ୍ଲେଭ 'ଆଲିସିପ୍++' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତର ପୂର୍ବତନ ହକି ତାରକା ଗୁରବକ୍ସ ସିଂହ ଓ ଦେଶର ପ୍ରସିଦ୍ଧ ଫୁଟବଲ୍ ଖେଳାଳି ଗୌତମ ସରକାର ମୁଖ୍ୟ ଆକର୍ଷଣ ଥିଲେ। ଏହାଛଡ଼ା ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କ ମେଣ୍ଟର ସତ୍ୟପ୍ରକାଶ କ୍ରିଷ୍ଣା ଓ ସୋଆର ପୂର୍ବତନ ଛାତ୍ର ତଥା ଆଇଏଏସ୍ ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତି ଏଥିରେ ଯୋଗ ଦେଇଥିଲେ। ଶ୍ରୀ ମହାନ୍ତି ବର୍ତ୍ତମାନ ପଶ୍ଚିମ ବଙ୍ଗ ସରକାରଙ୍କ ମତ୍ସ୍ୟଚାଷ ବିଭାଗର ନିର୍ଦ୍ଦେଶକ ତଥା ଏସ୍.ଏଫ୍.ଡି.ସି.ର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଅଛନ୍ତି। ଶିକ୍ଷା ଓ କର୍ପୋରେଟ ଜଗତ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏହି କନ୍‌କ୍ଲେଭର ମୂଳ ଲକ୍ଷ୍ୟ ଥିଲା। ସୋଆର କର୍ପୋରେଟ ରିଲେସନ୍ସ ଓ ପ୍ଲେସମେଣ୍ଟ ବିଭାଗର ଡିନ୍ ଡ. ରାଜ ହୋତା ଏହି କାର୍ଯ୍ୟକ୍ରମର ଆବାହକ ରହିଥିବାବେଳେ ଏଥିରେ ବିଶ୍ୱବିଦ୍ୟାଳୟର ଏସ୍‌ଓଁଆଇସି ଡିନ୍ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ କର୍ପୋରେଟ ରିଲେସନ୍ସ ଡେପୁଟି ଡାଇରେକ୍ଟର କାଜଲ ପଣ୍ଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହୋଇସାରିଛି। କାର୍ଯ୍ୟକ୍ରମରେ ଦୁଇଟ ପ୍ୟାନେଲ ଆଲୋଚନା କରାଯାଇଥିଲା। ଗୋଟିଏ ଆଲୋଚନାରେ ଏନ୍‌ଓଁଆଇ ଫିନ୍‌ଟେକ୍‌ର ଉପସଭାପତି ବ୍ରିଷ୍ଟି ମଣ୍ଡଳ, ଲେକ୍ସମାର୍କ ଇଣ୍ଡିଆର କଣ୍ଟ୍ରିଏଚ୍‌ଆର୍ ମ୍ୟାନେଜର ରଶ୍ମିତା ପରିଜା, ଫର୍ଚ୍ୟୁନ୍ ୫୦୦ କମ୍ପାନୀର ଡି.ଇ.ଆଇ. ପରାମର୍ଶଦାତା ସୁମିତ ଅଗ୍ରୱାଲ, ସ୍ଲାଇସ୍ ଏଚ୍‌ଆର୍ ଓ୍ୱର୍କ୍ସର ସି.ଇ.ଓ. ଓ ପ୍ରତିଷ୍ଠାତା ନଦୀମ କାଜିମ୍, ପ୍ରାଇସ୍ ଓ୍ୱାଟରହାଉସ୍ କୁପରର କ୍ଲାଉଡ୍ ଏବଂ ଡିଜିଟାଲ୍ ପରିଚାଳନା ନିର୍ଦ୍ଦେଶକ ସୁଦୀପ୍ତ ରାୟ ଏବଂ ସ୍ୱୟଂର ଅମ୍ରିତା ଦାସଗୁପ୍ତ ଯୋଗ ଦେଇଥିଲେ। ପ୍ରଦୀପ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ପରିଚାଳିତ ଦ୍ୱିତୀୟ ଆଲୋଚନାରେ ଡବ୍ଲ୍ୟୁଆଇସିସିଆଇର ସଭାପତି ଶ୍ରୀମତି ଟୁମ୍ପା ସରକାର, ଭୋଡାଫୋନର ଦେବଲୀନା ରାୟ ଓ ରିଲାଏନ୍ସ ଜିଓ ଇନ୍‌ଫୋକମର ଡେପୁଟି ଜେନେରୋଲ ମ୍ୟାନେଜର ସୌରଭ ରାୟ ଯୋଗ ଦେଇଥିଲେ।

## ମା' ଭଗବତୀ ଦିବ୍ୟାଙ୍ଗ ସଂଘ ପକ୍ଷରୁ କଣ୍ଟାବାଞ୍ଜି ତହସିଲ ସମ୍ମୁଖରେ ଧାରଣା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ମା' ଭଗବତୀ ଦିବ୍ୟାଙ୍ଗ ସଂଘ ସମ୍ପାଦକ ରୂପେଲ ମଜାଙ୍କ ନେତୃତ୍ୱରେ ଦିବ୍ୟାଙ୍ଗ କଣ୍ଟାବାଞ୍ଜି ତହସିଲ ସମ୍ମୁଖରେ ଧାରଣା ଦେବା ଏକ ଆଲୋଚନାର ବିଷୟ ହୋଇଛି। ସୂଚନା ଯୋଗ୍ୟ ଯେ ଗତ ଅଗଷ୍ଟ ୫ ତାରିଖ ଦିନ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଧାରଣା ଦିଆଯାଇଛି। ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାବାଞ୍ଜି ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ମାସକୁ ୩୫ କେଜି ଚାଉଳ ପ୍ରଦାନ, ସ୍କୁଲ କଲେଜ ଯିବା ପାଇଁ ମୁକ୍ତ ଯିବା ଆସିବାର ଅନୁମତି ଦିଆଯାଉ ୮୦% ୫୦୦୦, ୫୦% ପ୍ରତିଶତଙ୍କୁ ସର୍ବନିମ୍ନ ୩୦୦ଟଙ୍କା ଭତ୍ତା ପ୍ରଦାନ ଆଦି ନେଇ ଦାବି ହୋଇଛି।

# ରାସ୍ତା କଂକ୍ରିଟକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା : ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ବଡ଼ମାଳ ପଞ୍ଚାୟତ ସଦର ମହକୁମାରେ ୧୦ ଲକ୍ଷ ବ୍ୟୟ ଅଟକଳରେ ହେଉଥିବା ରାସ୍ତା କଂକ୍ରିଟ କରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ସୂଚନାନୁଯାୟୀ, ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୩-୨୪ରେ ୫ମ ଏସ୍‌ଏଫସ / ସିଏଫସି ଯୋଜନାରେ କଂକ୍ରିଟକରଣ ରାସ୍ତା ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗ୍ରାମର ଅତୀଶ ଗଳିଠାରୁ ଗନଘୋଷା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା କାର୍ଯ୍ୟରେ ବ୍ୟବହୃତ ବାଲି, ସିମେଣ୍ଟ, ଗୋଡ଼ି ମାଟି ସଠିକ୍ ଅନୁପାତରେ ଦିଆଯାଉ ନଥିବା ବେଳେ ସରକାରଙ୍କ ନୂତନ କାର୍ଯ୍ୟାଦେଶ ଅନୁଯାୟୀ ଅଣକୁଶଳୀ ଶ୍ରମିକଙ୍କୁ ୪୫୦ ଓ କୁଶଳୀ ଶ୍ରମିକଙ୍କୁ ୫୦୦ ଟଙ୍କା ଦିନ ପ୍ରତି ମଜୁରି ଦେବା ବଦଳରେ କେବଳ ୨୫୦ ଟଙ୍କା ଗ୍ରାମର ଠିକାଦାର ଦେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଗ୍ରାମବାସୀ ଠିକାଦାରଙ୍କୁ ପ୍ରତିବାଦ କରିବାରୁ ଠିକାଦାର କୌଣସି ପ୍ରତିକ୍ରିୟା ନଦେଇ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି। ଏପରିକି କେତେକ ଗଣମାଧ୍ୟମ ପ୍ରତିନିଧି ଏ ସମ୍ପର୍କରେ ଠିକାଦାରଙ୍କୁ ଯୋଗାଯୋଗ କରୁଥିଲେ ଠିକାଦାର ଜଣକ କାହାରିକୁ ଧରା ଛୁଆଁ ଦେଉନାହାଁନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀ ଲେବର କମିଶନର ସମ୍ବଲପୁରଙ୍କୁ ବିଡ଼ିଓଙ୍କ ଜରିଆରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣା ସମ୍ପର୍କରେ ଗ୍ରାମର ଯୁବକ ଦିଲ୍ଲୀପ ବଗାରଙ୍କ ଅଭିଯୋଗ ଯେ ଏହି ସିସି ରୋଡ଼କୁ ନିର୍ବାଚନୀ ଏମ.ସି.ସି ଲାଗୁ ହେବା ଆଗରୁ କାମ ଆରମ୍ଭ କରିଥିଲେ। ମାତ୍ର କୁଚିଣ୍ଡା ବିଧାୟକ ପରିବର୍ତ୍ତନ ହେଲା ପରେ ତାଙ୍କୁ ଆଉ କାମ କରିବା ପାଇଁ ଦିଆଗଲା ନାହିଁ, କି ତାଙ୍କର ହେଇଥିବା ଖର୍ଚ୍ଚ ବିଷୟରେ ସଂପୃକ୍ତ ଠିକାଦାର ବୁଝିଲେ ନାହିଁ। ଏ ନେଇ ସେ ଜେଇ, ଏ.ଇ.ଇ ସୁଶ୍ରୀ ସାଲିନି ସିଂଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏ ସମ୍ପର୍କରେ କୌଣସି ପଦକ୍ଷେପ ନନେବା ଏବେ ସମଗ୍ର ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରାଇଛି। ସେହିପରି ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି। ଶ୍ରମିକଙ୍କୁ ସରକାରୀ ଧାର୍ଯ୍ୟ ଅନୁସାରେ ଶ୍ରମ ପ୍ରଦାନ କରାନଗଲେ ଆଗାମୀ ଦିନରେ ଜିଲ୍ଲା ଅଫିସ ଘେରାଉ କରାଯିବ। ଜିଲ୍ଲା ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ଜଙ୍ଗଲରେ ଗାତ ଭିତରେ ଫସିଲା ହାତୀ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ଜଙ୍ଗଲରେ ଗାତ ଭିତରେ ଫସିଲା ହାତୀ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଞ୍ଜ୍ ଅଧୀନ ରଲସିଙ୍ଗା ଭାୟା ସଉଁରାଦର ଯିବା ରାସ୍ତା ପାର୍ଶ୍ୱର ଏକ ଗାତରେ ହାତୀ ଫସି ରହିଥିବା ଆଜି ସକାଳୁ ସ୍ଥାନୀୟ ଲୋକେ ଦେଖିବାକୁ ପାଇଛନ୍ତି। ଅଞ୍ଚଳରେ କିଛିଦିନ ହେଲା ୨୦ଟିକିଆ ହାତୀପଲ ସହ ମିଶି ପାଖ ଅଞ୍ଚଳରେ ଫସଲ ନଷ୍ଟ ବେଳେ ସକାଳୁ ଏଭଳି ଘଟଣା ସ୍ଥାନୀୟ ଲୋକେ ଦେଖିବାକୁ ପାଇଛନ୍ତି। ହାତୀକୁ ଗାତରୁ ଉଦ୍ଧାର ପାଇଁ ବନବିଭାଗର ଉଦ୍ୟମ ଜାରି ରଖିଛି।

# ଦେବାଳୟ ଓ କୋଶଳ କଳାମଣ୍ଡଳ ସୁରକ୍ଷା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିରରେ ଐତିହାସିକ ମନ୍ଦିର ଏବଂ ବିଶେଷ କରି କଳା ସଂସ୍କୃତିର ଐତିହ୍ୟ ପୀଠ କୋଶଳ କଳାମଣ୍ଡଳ ଅବସ୍ଥିତ। ମାତ୍ର ପରିତାପର ବିଷୟ ଯେ ପ୍ରାୟତଃ ମନ୍ଦିର ଏବଂ କୋଶଳ କଳା ମଣ୍ଡଳ ଅବହେଳିତ ଅବସ୍ଥାରେ ରହିଛି। ଅନେକ ସମୟରେ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ଫଳପ୍ରସୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିରେ ଆହତ ହୋଇ ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ତାଙ୍କର ସର୍କିଟ ହାଉସରେ ଅବସ୍ଥାନ ସମୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ରାଣୀପୁର ଝରିଏଲ, ହରିଶଙ୍କର ମନ୍ଦିର, ବଲାଙ୍ଗିର ସହର ସ୍ଥିତ ପାଟଣେଶ୍ୱରୀ ମନ୍ଦିର, ସମଲେଇଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ଗୋପାଳଜୀ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରଭୃତିର ଉନ୍ନତିକରଣ ପାଇଁ ପୂର୍ବରୁ ଓଡ଼ିଶା ସରକାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। କୋଶଳ କଳାମଣ୍ଡଳର ଉନ୍ନତିକରଣ ପାଇଁ ମଧ ପୂର୍ବରୁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି ମାତ୍ର ସେସବୁ ଅର୍ଥ ବିନିଯୋଗ ନ ହୋଇ ପଡ଼ିରହିଛି। ଉକ୍ତ ଅନୁଦାନ ଅର୍ଥକୁ ବିନିଯୋଗ କରି ମନ୍ଦିର ସମୂହ ତଥା କୋଶଳ କଳା ମଣ୍ଡଳର ଉନ୍ନତିକରଣ କରାଯାଉ ବୋଲି ଦେବାଳୟ ସୁରକ୍ଷା କମିଟି ଉପମୁଖ୍ୟମନ୍ତ୍ରୀଙ୍କ ଠାରେ ଦୃଢ଼ ଦାବି କରିଛି। ଉପମୁଖ୍ୟମନ୍ତ୍ରୀଙ୍କୁ ଦେବାଳୟ ସୁରକ୍ଷା କମିଟି ଚେତେଇ ଦେଇଛି ଯେ, ସେ କେବଳ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ନୁହନ୍ତି ତା ସହିତ ପାଟଣା ରାଜ୍ୟର ମହାରାଜା ମଧ ଅଛନ୍ତି। କୋଶଳ କଳା ମଣ୍ଡଳ ତାଙ୍କର ପ୍ରପିତା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଦ୍ୱାରା ପ୍ରଦତ୍ତ ଏବଂ ପ୍ରତିଷ୍ଠିତ। ମନ୍ଦିର ସମୂହ ଓ କୋଶଳ କଳାମଣ୍ଡଳର ସୁପରିଚାଳନା ଉପରେ ରାଜ ପରିବାରର ନୈତିକ ଦାୟିତ୍ୱ ରହିଛି ତେଣୁ ଏହାର ଅବହେଳା ସମୟରେ ବଲାଙ୍ଗୀର ଜନସାଧାରଣ ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ଅନେକ କିଛି ଆଶା କରନ୍ତି। ଦେବାଳୟ ସୁରକ୍ଷା କମିଟି କୋଶଳ କଳା ମଣ୍ଡଳର ପ୍ରତିଷ୍ଠାତା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଏକ ପ୍ରତିମୂର୍ତ୍ତି କୋଶଳ କଳା ମଣ୍ଡଳ ଠାରେ ସ୍ଥାପିତ କରିବାକୁ ଦାବି କରିଥିଲେ। ଦେବାଳୟ ସୁରକ୍ଷା କମିଟିର ଉପ-ସଭାପତି ପ୍ରଶାନ୍ତ ମହାକୁର, ସଂପାଦକ ନରେନ୍ଦ୍ର କବାଟ, କୋଷାଧ୍ୟକ୍ଷ ରିଙ୍କୁ ସାହୁ, ସଚ୍ଚିଦାନନ୍ଦ ନାଏକମ, ସୁରେନ୍ଦ୍ର ନେଗୀ, ଦାବିପତ୍ର ପ୍ରଦାନ କରିଥିଲେ।

# ମାଲକାନଗିରି ମୋଟୁରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ମୋଟୁରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲକୁ ବେଆଇନ କବ୍‌ଜା କରି ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ। ମତ୍ସ୍ୟ ଓ କୃଷି ବିଭାଗ ସହାୟତାରେ ଖୋଳାଯାଇଛି ବଡ଼ ବଡ଼ ପୋଖରୀ। ଜଙ୍ଗଲ ଜମିରେ ମନରେଗା ଯୋଜନାରେ ତିଆରି ହୋଇଛି ରାସ୍ତା। ସଂରକ୍ଷିତ ଜଙ୍ଗଲ ନା ରାଜସ୍ୱ ଜଙ୍ଗଲ ତହସିଲଦାର ଓ ରେଞ୍ଜରଙ୍କ କଥାରେ ନାହିଁ ତାଳମେଳ। ବେଆଇନ ଜମି ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛି କିଏ? ନିଛାଟିଆ ଜଙ୍ଗଲ, ତା' ଭିତରେ ଦୀର୍ଘ ମାଟି ରାସ୍ତା। ଆଉ ଶେଷରେ ତାରବାଡ଼ ଘେରା ଏ ଅଞ୍ଚଳ। ବଡ଼ ବଡ଼ ଅଟ୍ଟାଳିକା, ଗୋଦାମ ଘର।



ବଡ଼ ବଡ଼ ପୋଖରୀ। ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି । ପୁଣି ଭିତରେ ଥୁଆ ଯାଇଛି ଜେସିବି ମେସିନ୍ ଆଉ ଟ୍ରାକ୍ଟର। ଇଏ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳ। ୩୨୬ ନମ୍ବର ଜାତୀୟ ରାଜପଥରୁ ମାତ୍ର ଦୁଇ-ତିନି କିଲୋମିଟର ଦୂରରେ ଜଙ୍ଗଲ ଭିତରେ ସାବେରୀ ନଦୀ କୂଳରେ ହୋଇଛି ନିର୍ମାଣ। ଯାହାର ନାଁ ରହିଛି ଇସଲାମ ନଗର। ଆସିଛି ଏପରି ସାଂଘାତିକ ଅଭିଯୋଗ, ଜଣେ ବ୍ୟକ୍ତି ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ବେଆଇନ ଜବରଦଖଲ କରି କରିଛନ୍ତି ବେଆଇନ ନିର୍ମାଣ। ଦିବାକର ପାଳ, ସଦସ୍ୟ, ବିଶ୍ୱ ହିନ୍ଦୁ ପରିଷଦ, ମାଣିକ ଚକ୍ରବର୍ତ୍ତୀ, ଯୁବ ବିଜେପି ନେତା, ଭାଗିରଥୀ ଦଳେଇ, ସଦସ୍ୟ, ହିନ୍ଦୁ ଜାଗରଣ ମଞ୍ଚ ଅଭିଯୋଗ କରିଛନ୍ତି। ଜବରଦଖଲ ହୋଇଥିବା ଏ ଜମିକୁ ସଂଯୋଗ ହୋଇଥିବା ରାସ୍ତା ମନରେଗା ଯୋଜନାରେ ନିର୍ମାଣ ହୋଇଛି। ପୋଖରୀ ଖୋଳା ପାଇଁ ମତ୍ସ୍ୟ ବିଭାଗ ଯୋଗାଇ ଦେଇଛି ଆର୍ଥିକ ସହାୟତା। ସରକାରୀ ଉଠାଜଳସେଚନ ପ୍ରକଳ୍ପ ବି କରାଯାଇଛି। ସବୁଠାରୁ ବଡ଼ କଥା ହେଲା, ତହସିଲଦାରଙ୍କ ଠାରୁ ନେଇ ସ୍ଥାନୀୟ ରେଞ୍ଜର ଜଙ୍ଗଲ ଜମି ଜବରଦଖଲ ବାବଦରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ସବୁ ଜଣା। କିନ୍ତୁ କଥାରେ ନାହିଁ ତାଳମେଳ। ତହସିଲଦାର ଏହାକୁ ସଂରକ୍ଷିତ ଜଙ୍ଗଲ କହୁଥିବାବେଳେ, ରେଞ୍ଜର କହିଛନ୍ତି ରାଜସ୍ୱ ଜଙ୍ଗଲ। ଅନ୍ୟପଟେ ଜବରଦଖଲ ଉଚ୍ଛେଦ ନେଇ ପରସ୍ପର ଉପରକୁ ଦୋଷ ଦେଉଛନ୍ତି।

# ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ : ଭାରରେ ବୁହାହେଲେ ରୋଗୀ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଭାରରେ ବୁହାହେଲେ ରୋଗୀ, ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଞ୍ଚାୟତର ରଥଗୁଡା ଗ୍ରାମରେ। କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତ ସାରିଆପାଲ୍ଲୀ ଗ୍ରାମରୁ ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଞ୍ଚାୟତର ଆରଏସସି-୧୦ କୁ ପାହାଡ଼ କାଟି ଏକ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହୋଇଛି। ଏହି ସଡ଼କଟି ନିର୍ମାଣ ହୋଇଛି ସତ, କିନ୍ତୁ ନିଳାକାମ୍ବେରୁ ପଞ୍ଚାୟତର ମନ୍ତ୍ରୀପୁଟ ଗ୍ରାମ ନିକଟରେ ଏକ ସେତୁ ନିର୍ମାଣ କାର୍ଯ୍ୟ କରାଯାଇନାହିଁ। ଯାହା ଫଳରେ ଏହି ବ୍ରିଜ୍‌ର କାର୍ଯ୍ୟ ହୋଇନଥିବା ଯୋଗୁଁ ଏହି ଝରଣା ଦେଇ ଲୋକେ କେବଳ ବାଇକ୍‌ରେ ହିଁ ଯାତାୟାତ କରିପାରୁଛନ୍ତି। ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ବି ଏହି ସେତୁ କାର୍ଯ୍ୟ ଆରଡି ବିଭାଗ ପକ୍ଷରୁ କରାଯାଉ ନଥିବାରୁ କୌଣସି ଚାରି ଚକିଆ ଯାନ କିମ୍ବା ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚିପାରୁନାହିଁ। ତେଣୁ ବାଧ ହୋଇ ଗ୍ରାମର ଯଦି କାହାର ସ୍ୱାସ୍ଥ୍ୟବସ୍ଥା ଖରାପ ହୁଏ ତେବେ ଏହିପରି ଭାବେ ଭାରରେ ବୁହା ହୋଇ ରୋଗୀଙ୍କୁ ଆଣୁଛନ୍ତି। ପରେ ସେଠାରୁ ଆସି ଆମ୍ବୁଲାନ୍ସ ରୋଗୀଙ୍କୁ ମେଡିକାଲ ନେଇଯାଉଥିବା ଗ୍ରାମବାସୀ କହିଛନ୍ତି। ରଥଗୁଡ଼ା ଗ୍ରାମର ଡମ ପୂଜାରୀ(୫୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଆମ୍ବୁଲାନ୍ସ ଡାକିଥିଲେ ଗାଁ ଲୋକେ, କିନ୍ତୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରି ନଥିଲା। ବାଧ ହୋଇ ଗ୍ରାମବାସୀମାନେ ଏକ ଭାର ସାହାଯ୍ୟରେ ଗାଁରୁ କିଛି ଦୂର ଚାଲିଚାଲି ଆସିବା ପରେ ନାଳ ପାର କରାଇ ଆମ୍ବୁଲାନ୍ସ ନିକଟରେ ଡମ୍ବୁ ପୂଜାରୀଙ୍କୁ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ ବାଲିମେଳା ମେଡିକାଲକୁ ନିଆଯାଇଥିଲା। ତେବେ ତୁରନ୍ତ ଗ୍ରାମବାସୀ ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

# ହଷ୍ଟେଲ ଛାତରୁ ଖସିପଡ଼ି ଯୁକ୍ତ ୨ ଛାତ୍ର ଗୁରୁତର

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ହଷ୍ଟେଲ ଛାତରୁ ଖସିପଡ଼ି ଜଣେ ଯୁକ୍ତ ୨ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଭବାନୀପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଭବାନୀପାଟଣା ଟାଉନ୍ ଥାନା ଅନ୍ତର୍ଗତ ଏକ ଘରୋଇ କଲେଜ ହଷ୍ଟେଲରେ ରାତିରେ ଏହି ଅଘଟଣ ଘଟିଛି। ଗୁରୁତର ଛାତ୍ର ଜଣକ ଯୁକ୍ତ ୨ ଦ୍ୱିତୀୟ ବର୍ଷର ବୋଲି ଜଣାପଡ଼ିଛି। ସେ ରାଗିଂର ଶିକାର ହୋଇଥିବା ନେଇ ଟାଉନ୍ ଥାନାରେ ପରିବାର ପକ୍ଷରୁ ଏତଲା ହୋଇଛି। ଏତଲାକୁ ଭିତ୍ତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ଛାନଭିନ୍ ଆରମ୍ଭ କରିଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରଥି ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ୍. ନିଶା, ସରପଞ୍ଚ ସହ ଅନ୍ୟ ଲାଇନର ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗର ଅଧିକାରୀମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।

## ଉଦ୍ଧାର ହେଲା ଏକ ଟନ୍ କଇଁଛ : ୨ ଗିରଫ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ଥର ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଉଦ୍ଧାର ହେଲା ଏକ ଟନ୍ କଇଁଛ। ବଡ଼ ସଫଳତା ମିଳିଛି ବନ ବିଭାଗକୁ। ଧରା ପଡ଼ିଲେ ଆନ୍ତଃ ରାଜ୍ୟ କଇଁଛ ଚାଲାଣକାରୀ। ଆନ୍ଧ୍ର ପ୍ରଦେଶ ନରସିପାଟଣାରୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମ୍‌ଭି ୭୯କୁ କଇଁଛ ଚୋରା ଚାଲାଣ ପାଇଁ ଯାଉଥିବା ବେଳେ ଚିତ୍ରକୋଣ୍ଡା ସୀମାନ୍ତ ରାଜୁଲକୋଣ୍ଡା ଠାରେ ଜବତ କଲେ ରେଞ୍ଜର ଓ ବନ କର୍ମଚାରୀ।କଇଁଛ ଚାଲାଣ ପାଇଁ ଆସୁଥିବା ଏକ ବିଶେଷ ସୂତ୍ର ଖବର ପାଇ ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକ, ବନପାଳ ନିରଞ୍ଜନ ସାରକା ଏକ ଟିମ ପ୍ରସ୍ତୁତ କରି ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ରାଜୁଲକୋଣ୍ଡା ଠାରେ ସକାଳେ ଜଗି ରହିଥିଲେ। ଏହି ସମୟରେ ଏକ ମେକ୍ସ ପିକ୍ ଅପ ଗାଡ଼ି ଦ୍ରୁତ ଗତିରେ ଓଡ଼ିଶା ଆଡ଼େ ପ୍ରବେଶ କରୁଥିଲା। ତା'ପରେ ଗାଡିଟିକୁ ଚେକିଂ ବେଳେ ସେଥିରେ ୩୫ଟି ବସ୍ତାରେ କଇଁଛ ଥିବା ଦେଖିବାକୁ ପାଇଥିଲେ । ଏହି ବସ୍ତାରେ ଥିବା ମୋଟ ଏକ ଟନ କଇଁଛ ଜବତ କରିବା ସହ ଏହି ଚୋରା ଚାଲାଣରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି ଚିତ୍ରକୋଣ୍ଡା ବନ ବିଭାଗ।

# ଅସରାଏ ବର୍ଷାରେ କାଦୁଅ ସଲବଲ ହରିଚନ୍ଦନପୁର ସାପ୍ତାହିକ ହାଟ : ଆରଏମସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ

**ହରିଚନ୍ଦନପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସାପ୍ତାହିକ ହାଟ ଅସରାଏ ବର୍ଷାରେ କାଦୁଅ ସଲବଲ ହୋଇପଡୁଛି। ବାରମ୍ବାର ଏନେଇ ଅଭିଯୋଗ ସତ୍ତ୍ୱେ ଆରଏମସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯେ, ହରିଚନ୍ଦନପୁର ଗ୍ରାମପଞ୍ଚାୟତ ଠାରୁ ୯୯ ବର୍ଷ ପାଇଁ ଆରଏମସି ଦୀର୍ଘ ବର୍ଷ ହେବ ନେଇଛି। ଯାହାକି ବାର୍ଷିକ କିଛି ଟଙ୍କା ଗ୍ରାମପଞ୍ଚାୟତକୁ ଦେବା ସହ ହାଟ ମଧ୍ୟରେ ଉନ୍ନତିମୂଳକ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇ ଚୁକ୍ତିନାମା ହୋଇଛି। ଆରଏମସି କର୍ତ୍ତୃପକ୍ଷ ପ୍ରତ୍ୟେକ ଦିନ ହାଟରେ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ମାଲେମାଲ ହେଉଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବେପାରୀ ସହ ଜନସାଧାରଣ।

ଦୁର୍ଭାଗ୍ୟର ବିଷୟ, ହାଟର ଚତୁଃପାର୍ଶ୍ୱ ଦେଖିଲେ ସେହିଭଳି କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳେନାହିଁ। ଯଦିଓ ଦୀର୍ଘବର୍ଷ ପରେ ହାଟ ମଧ୍ୟରେ ପାଇଖାନା ନିର୍ମାଣ କରାଯାଇଛି, ହେଲେ ତାହା ମଧ୍ୟ କେବଳ ଲୋକ ଦେଖାଣିଆ, କାରଣ ନିର୍ମାଣ ପରଠାରୁ ସେଥିରେ ତାଲା ପଡ଼ି ରହିଛି। ସେହିଭଳି ସୁରକ୍ଷାକୁ ଦୃଷ୍ଟିରେ ରଖି ପଞ୍ଚାୟତ ନିର୍ମିତ ଚତୁଃପାର୍ଶ୍ୱ ପାଚେରୀ ଅଧାଖଣ୍ଡିଆରେ ନିଲାମ ପୂର୍ବରୁ ପଡ଼ିରହିଛି, ହେଲେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ହାଟ ମଧ୍ୟକୁ ଯିବା ଆସିବା ପାଇଁ ରହିଥିବା ରାସ୍ତାର କଥା ନକହିବା ଭଲ, କାରଣ ସେ ଦୃଶ୍ୟ ଦେଖିଲେ ଜାଣିବ ତ କାଦୁଅ ବିଲରେ ଲୋକେ ତଳି ପକାଉଛନ୍ତି। ହାଟ ମଧ୍ୟରେ ବେପାରୀଙ୍କ ବସିବା ପାଇଁ ନିର୍ମିତ ହୋଇଥିବା ପିଣ୍ଡିଗୁଡ଼ିକର ମରାମତି କରାଯାଉନଥିବା କାରଣରୁ ବେପାରୀମାନେ ବସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଟ ମଧ୍ୟରେ ପାନୀୟ ଜଳ ନିମନ୍ତେ ୪ଟି ନଳକୂପ ରହିଛି ସତ, ହେଲେ ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ। ହାଟ ମଧ୍ୟରେ ଗୋରୁ, ଗାଇ, ଛେଳି, ମେଣ୍ଢା, କୁକୁଡା ହାଟ କିଣା ବିକାରେ ମୋଟା ଅଙ୍କର ଟଙ୍କା ଆଦାୟ ହେଉଥିବା ସତ୍ତ୍ୱେ ସେମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ, ଯଦିଓ କୁଣ୍ଡ ନିର୍ମାଣ ହୋଇଥିଲା ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ହାଟ ପରିବେଶ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି, ତାହାକୁ ସଠିକ୍ ଭାବେ ପରିଷ୍କାର କରାଯାଉନାହିଁ। ହାଟର ପରିବେଶ ଏତେ କଦର୍ଯ୍ୟ ଯେ ଲୋକ ଯିବାପାଇଁ ମୁହଁ ବୁଲାଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ହାଟର ସୁରକ୍ଷାକୁ ଦୃଷ୍ଟିରେ ରଖି ଚତୁଃପାର୍ଶ୍ୱ ପାଚେରୀ ନିର୍ମାଣକୁ ସମ୍ପୂର୍ଣ୍ଣ କରାଯାଇ, ଆବଶ୍ୟକ ରାସ୍ତାରେ ଫାଟକ ଲଗାଯିବାର ନିହାତି ବ୍ୟବସ୍ଥା କରାଯାଉ। ଏଥିସହ ହାଟ ପରିବେଶକୁ ପରିଷ୍କାର ରଖାଯାଇ ସମସ୍ୟା ଥିବା କାର୍ଯ୍ୟର ଶୀଘ୍ର ସମାଧାନ କରାଇବାକୁ ଏଠାକାର ଜନସାଧାରଣ ଓ ବୁଦ୍ଧିଜୀବୀ ଅନୁରୋଧ ସହ ଦାବି କରିଛନ୍ତି।





# ତ୍ରିପୁର ସୁନ୍ଦରୀ ବା ଷୋଡ଼ଶୀ' ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଲେ ମା'ସୁରେଶ୍ୱରୀ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଇଷ୍ଟଦେବୀ ମାଁ ସୁରେଶ୍ୱରୀ ନବରାତ୍ରି ଅବସରରେ ଦଶ ମହାବିଦ୍ୟା ଅନୁସାରେ ବେଶ ଧାରଣ କରିଥାନ୍ତି। ସେହି ଅନୁଯାୟୀ ତୃତୀୟ ଦିବସରେ ରହିଥିବା ଛିନ୍ନମସ୍ତା ବେଶ କିନ୍ତୁ ଧାରଣ କରିନଥାନ୍ତି। ତାପରର ରହିଥିବା ବେଶ ଷୋଡ଼ଶୀ ବା ତ୍ରିପୁର ସୁନ୍ଦରୀ ବେଶ ଧାରଣ କରି ଦର୍ଶନ ଦେଇଥାନ୍ତି। ତେଣୁ ମାତା ନବରାତ୍ରିର ତୃତୀୟ ଦିବସରେ ଷୋଡ଼ଶୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ସ୍ୱରୂପରେ ମା'ଶାନ୍ତ ମୁଦ୍ରାରେ ଶୋଇଥିବା ଦେବ ଦେବ ମହାଦେବଙ୍କ ଉପରେ ସ୍ଥିତପଦ୍ମ ଆସନରେ ବିରାଜିତ। ଦେବୀଙ୍କର ଏହି ସ୍ୱରୂପରେ ଅତ୍ୟନ୍ତ ଶାନ୍ତି ଦାୟକ ଓ କଲ୍ୟାଣକାରୀ ହୋଇଥାନ୍ତି। ମା'ଙ୍କ ସମସ୍ତ ବେଶ ମଧ୍ୟରୁ ଦଶମହାବିଦ୍ୟା ର ଚତୁର୍ଥ ବେଶ ତନ୍ତ୍ର ,ମନ୍ତ୍ର,ଯନ୍ତ୍ର ସାଧକ ତଥା ସାଧାରଣ ଶ୍ରଦ୍ଧାଳୁ ବୃନ୍ଦଙ୍କ ପାଇଁ ବେଶ୍ ସହାୟକ ରହିଥାଏ। ପୌରାଣିକ କଥା ଅନୁଯାୟୀ ଏକଦା ମାତା ପାର୍ବତୀ ଭଗବାନ ଶିବଙ୍କୁ ପଚାରିଥିଲେ 'ହେ ଭଗବାନ' କାହାକୁ ପୂଜାର୍ଚ୍ଚନା କଲେ ଜୀବନରେ ଆଧି-ବ୍ୟାଧି, ଶୋକ-ସନ୍ତାପ ଏବଂ ଏପରିକି ଗର୍ଭବାସ ଓ ମରଣ ଯନ୍ତ୍ରଣାରୁ ମୁକ୍ତିଲାଭ ହୋଇପାରିବ। ସେତେବେଳେ ଦେ଼ବ ଦେବ ମହାଦେବ ମାତା ପାର୍ବତୀଙ୍କୁ ଅବଗତ କରାଇଥିଲେ ଯେଉଁମାନେଶ୍ରଦ୍ଧାପୂର୍ବକ ମା'ଷୋଡ଼ଶୀଙ୍କ ପୂଜାର୍ଚ୍ଚନା କରିବେ ସେହିମାନେ ସମସ୍ତ ପ୍ରକାରର ଶୋକ-ସନ୍ତାପ, ଆଧି-ବ୍ୟାଧିରୁ ମୁକ୍ତିଲାଭ କରିବା କଥା ରହିଛି। ଦଶମହାବିଦ୍ୟାର ତୃତୀୟସ୍ୱରୂପ ମାତା ଷୋଡ଼ଶୀ। ମାଁ ସୁରେଶ୍ୱରୀ ଦଶମହାବିଦ୍ୟାରେ ଏହି ନବରାତ୍ରି ସମୟରେ ଦର୍ଶନ ଦେଇଥାନ୍ତି। ତେଣୁ ମାତା ନବରାତ୍ରି ଚାଲିଥିବା ଦିବସରେ ଷୋଡ଼ଶୀ ବେଶରେ ଦର୍ଶନ ଦେଉଛନ୍ତି।



ଦେବୀଙ୍କର ଏହି ସ୍ୱରୂପ ଅତ୍ୟନ୍ତ ଶାନ୍ତିଦାୟକ ଓ କଲ୍ୟାଣକାରୀ ହୋଇଥାନ୍ତି। ସେଥିପାଇଁ ଉକ୍ତଦିନ ମାଆଙ୍କ ପାଖରେ ଶ୍ରଦ୍ଧାଳୁ ବୃନ୍ଦ ନିଜ ନିଜର ମନୋବାଞ୍ଛିତ ଫଳ ଓ ମୋକ୍ଷ ପ୍ରାପ୍ତି ସକାଶେ ବିଶେଷ ପୂଜାର୍ଚ୍ଚନା କରିବା ସକାଶେ ବ୍ୟଗ୍ରଥିବା ମନେହୁଏ।

# କଟକର ୩୪ଟି ମେଢରେ ଲାଗିବ ୧୦୦ କ୍ୱିଣ୍ଟାଲ୍‌ରୁ ଅଧିକ ସୁନା ଓ ଚାନ୍ଦି

**କଟକ, ନ୍ୟୁଜ ବ୍ୟୁରୋ**

ଚଉତିରିଶ ଚାନ୍ଦି ମେଢ଼, ହାରାହାରି ହିସାବରେ ଗୋଟିକୁ ଅଢ଼େଇରୁ ସାଢ଼େ ତିନି କ୍ୱିଣ୍ଟାଲ୍ ଧରିଲେ ମୋଟ ଶହେ କ୍ୱିଣ୍ଟାଲ ଚାନ୍ଦି। ରୁପାର ବଜାର ଦର ଓ ତାରକସି କାରିଗରି ଗଢ଼ା ମୂଲ୍ୟ ମିଶାଇଦେଲେ ପାଖାପାଖି ଶହେ କୋଟି। ସେମିତି, ମାଙ୍କ ମୁକୁଟ ଓ ଆଭୂଷଣଠୁ ଆରମ୍ଭ କରି ପାର୍ଶ୍ୱ ଦେବାଦେବୀଙ୍କ ମୁକୁଟ, ଅଳଙ୍କାର, ଅସ୍ତ୍ରଶସ୍ତ୍ରକୁ ମିଶାଇଦେଲେ ପ୍ରାୟ ୧ କ୍ୱିଣ୍ଟାଲ ସୁନା। ଗଢ଼ା ମୂଲ୍ୟ ସହ ଦାମ୍ ଛୁଇଁଯିବ ଆଉ ଶହେ କୋଟିଏ ସବୁର ସ୍ତାହବ୍ୟାପୀ ଉନମୁକ୍ତ ପ୍ରଦର୍ଶନୀ ହେବ ପୂଜାମଣ୍ଡପରେ। ସୁନା-ଚାନ୍ଦିର ଆଟୋପରେ ଐଶ୍ୱର୍ଯ୍ୟରେ, ଔଜଲ୍ୟରେ ଝଲସିବ ମା'ଙ୍କ ମଣ୍ଡପ। କଟକ ଦଶହରା ଏହି ଆଖିଝଲସା ବିଭବକୁ ନେଇ ସ୍ୱତନ୍ତ ପ୍ରତିବେଦନ। ତାରକସି କାମ ପାଇଁ ରୌପ୍ୟନଗରୀ କୁହାଯାଉଥିବା କଟକକୁ ଯଥାର୍ଥ ଭାବେ ରୁପାରେ ସଜେଇଛି ଏହାର ଦଶହରା। କଟକ ଦଶହରାର ସବୁଠୁ ବଡ଼ ଆକର୍ଷଣ ହେଉଛି ରୁପା ତାରକସି କାମରେ ପରିପୂର୍ଣ୍ଣ ଚାନ୍ଦି ମେଢ଼ । କଟକରେ ଅଦ୍ୟାବଧି ୩୩ଟି ଚାନ୍ଦିମେଢ ରହିଛି । ଚଳିତବର୍ଷ ଚାନ୍ଦିମେଢ କ୍ଲବ୍ ?ରେ ସାମିଲ୍ ? ହେବାକୁ ଯାଉଛନ୍ତି କନିକାରୋଡ୍ ରାମଗଡ଼ ବନଦୁର୍ଗା ପୂଜା କମିଟି ଓ ତୁଳସୀପୁର ଦୁର୍ଗାପୂଜା କମିଟି । ତେଣୁ ଚଳିତ ବର୍ଷ ଦୁର୍ଗାପୂଜା ଆରମ୍ଭ ହେବା ସହ କଟକର ଚାନ୍ଦିମେଢ ସଂଖ୍ୟା ୩୫ରେ ପହଞ୍ଚିବ । ୧୯୫୬ ମସିହାରେ କଟକର ପ୍ରଥମଚାନ୍ଦି ମେଢ ପ୍ରତିଷ୍ଠା କରିଥିଲା ଚୌଧୁରୀବଜାର ଶ୍ରୀଶ୍ରୀ ଦୁର୍ଗା ପଞ୍ଚାୟତ କମିଟି । ଏହାର ପ୍ରାୟ ୩୫ବର୍ଷ ପରେ କଟକଚଣ୍ଡୀ ରୋଡ୍-ଶେଖ୍‌ବଜାର ପୂଜା କମିଟି ୧୯୯୧ ମସିହାରେ କଟକ ଦୁର୍ଗାପୂଜାର ଚମକ ବୃଦ୍ଧି କରି ଦ୍ୱିତୀୟ ଚାନ୍ଦିମେଢ ନିର୍ମାଣ କରିବାର ଗୌରବ ଅର୍ଜନ କରିଥିଲା । ପରକୁ ପର କଟକ ସହରର ବହୁ ପୂଜା କମିଟି ଚାନ୍ଦିମେଢ ତିଆରି କରିବାକୁ ଆଗେଇଲେ । ଚଳିତବର୍ଷ ଦଶହରା ସୁଦ୍ଧା ଏହି ସଂଖ୍ୟା ୩୫ରେ ପହଞ୍ଚିବ । ପ୍ରତ୍ୟେକ ପୂଜା କମିଟିର ଚାନ୍ଦିମେଢ ଓ ସାଜସଜ୍ଜା ୨ କ୍ୱିଣ୍ଟାଲ୍‌ରୁ ଆରମ୍ଭ କରି ୪ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ରହିଛି । ତେଣୁ ଏହି ହିସାବରେ ୩୪ଟି ଚାନ୍ଦିମେଢର ମୋଟ୍ ଓଜନ ଦେଖିଲେ ପ୍ରାୟ ୧୦୦ କ୍ୱିଣ୍ଟାଲ୍‌ରୁ ଅଧିକ ହେବ ।

ଆଜିର ସମୟରେ ଏହି ଶହେ କ୍ୱିଣ୍ଟାଲ୍ ଓଜନର ଚାନ୍ଦି ମୂଲ୍ୟ ଶହେ କୋଟି ଟଙ୍କା। ତାରକସିର ଗଢା ମୂଲ୍ୟ ମିଶାଇଲେ ଏହି ପରିମାଣ ଆହୁରି ୧୦ କୋଟି ଟଙ୍କା ବଢିବ । କେବଳ ଚାନ୍ଦି ନୁହଁ, ବରଂ ପୂଜା କମିଟିମାନେ ଏଣିକି ସୁନା ବ୍ୟବହାର ନେଇ ମଧ୍ୟ ପ୍ରତିଯୋଗିତା ଆରମ୍ଭ କରିସାରିଛନ୍ତି । ୧୯୯୩ ମସିହାରେ ଚୌଧୁରୀବଜାର କମିଟି ଦେବୀ ଦୁର୍ଗାଙ୍କ ଲାଗି ସାଢେ ତିନିକିଲୋ ଓଜନର ପ୍ରଥମ ସୁନା ମୁକୁଟ ନିର୍ମାଣ କରି ସାରା ଓଡ଼ିଶାରେ ଚହଳ ପକାଇଥିଲା । ଏହା ପରଠାରୁ ଅନ୍ୟ ପୂଜା କମିଟିମାନେ ସୁନାମୁକୁଟ ଟ୍ରେଣ୍ଡ୍‌ରେ ଆଗେଇଲେ । ଏଯାବତ୍ ଶେଖ୍‌ବଜାର, ରାଣୀହାଟ, ଚାଉଳିଆଗଞ୍ଜ, ଖାନ୍‌ନଗର, କାଠଗଡ଼ାସାହି, ମଙ୍ଗଳାବାଗ୍ ଭଳି ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମସ୍ତକରେ ସୁନାମୁକୁଟ ଶୋଭା ପାଇସାରିଛି। କେବଳ ସୁନା ମୁକୁଟ ନୁହେଁ, ମା'ଙ୍କ ଲାଗି ସୁନା ଆଭୂଷଣ, ସାଜସଜ୍ଜା, ହାର, ପାଶ୍ୱର୍ ଦେବାଦେବୀଙ୍କ ଲାଗି ସୁନା ମୁକୁଟ କରିବାକୁ ମଧ୍ୟ ପୂଜା କମିଟି କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱ ଦେଇଆସୁଛନ୍ତି । ଏମିତିକି ଚୌଧୁରୀବଜାର ଆଜକୁ ୧୧ବର୍ଷ ତଳୁ ଚାନ୍ଦିମେଢରେ ସୁନା କାମ କରିବା ଆରମ୍ଭ କରିସାରିଛି । ସୁନା କଳିକା ନିର୍ମାଣ କରି ସମସ୍ତଙ୍କୁ ଆଚମ୍ଭିତ କରିଛି। ସେହିପରି ଅନେକ ପୂଜା କମିଟି ସୁନାମୁକୁଟ ନକରି ମଧ୍ୟ ମା'ଙ୍କ ଲାଗି ସୁନା କାନଫୁଲ, ହାର, ନୋଥ, ଟିକିଲି, ସିନ୍ଥି ଆଦି ନିର୍ମାଣ କରିଛନ୍ତି । ତେଣୁ କଟକ ଦୁର୍ଗାପୂଜାରେ ମୋଟ୍ ସୁନାର ହିସାବ ଦେଖିଲେ ୧୦୦ କିଲୋରୁ ଅଧିକ ହେବ, ଯାହାର ବଜାର ମୂଲ୍ୟ ଆଜିର ଦିନରେ ୮୦ କୋଟି ଟଙ୍କା । ଗଢାମୂଲ୍ୟ ମିଶାଇଲେ କଟକ ଦୁର୍ଗାପୂଜାରେ ବ୍ୟବହୃତ ସୁନାମୂଲ୍ୟ ଶହେ କୋଟି ଟଙ୍କା ଛୁଇଁବ ।

# ବାଲେଶ୍ୱରରେ ୨,୧୦,୯୬୩ ଚାଷୀଙ୍କୁ ମିଳିଲା ପିଏମ କିଶାନ ନିଧି ଅନୁଦାନ



**ବାଲେଶ୍ୱର, ନ୍ୟୁଜ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ୱାସିମ ସହରଠାରେ ଆୟୋଜିତ ପି-ଏମ କିଷାନ ସମାରୋହରେ ଦେଶର ୯କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦୦୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପି-ଏମ କିଷାନ ଉତ୍ସବ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ, ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ୱାସିମ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ୱାବଧାନରେ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ୨,୧୦,୯୬୩ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ। ଏଠାରେ ସୂଚନା ଥାଉ କି, କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପି-ଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନି ଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ।

# ଖୋର୍ଦ୍ଧାରୁ ଜଗତସିଂହପୁରକୁ ଲମ୍ବିଛି ଚୋରଙ୍କ ରାକେଟ

## ମନ୍ଦିରରୁ ଚୋରି ସାମଗ୍ରୀ ସହ ୭୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ଜବତ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଏକାଧିକ ମନ୍ଦିରରୁ ଚୋରିଯାଇଥିବା ମୂଲ୍ୟବାନ ସାମଗ୍ରୀ ଜଗତସିଂହପୁର ଚଢେଇ ଗାଁ ବ୍ରହ୍ମାନନ୍ଦ ଆଚାର୍ଯ୍ୟଙ୍କ ଘର ମାଟି ତଳୁ ଉଦ୍ଧାର କରିଛି ପୋଲିସ। ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାରୁ ଲମ୍ବିଛି ଜଗତସିଂହପୁରକୁ ଚୋରଙ୍କ ରାକେଟ। ଜଗତସିଂହପୁର ପୋଲିସକୁ ବଡ଼ ସଫଳତା ମିଳିଛି। ୭୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ବିଭିନ୍ନ ମନ୍ଦିରରୁ ଚୋରି ସାମଗ୍ରୀ ସହିତ ଚୋରମାନଙ୍କୁ ଧରିବାରେ ସଫଳତା ହାସଲ କରିଛି ପୋଲିସ। ଏହି ଚୋରି ସମ୍ପର୍କରେ ଜଗତସିଂହପୁର ନୂତନ ଭାବେ ଯୋଗଦେଇଥିବା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଗାତା ଏକ ସାମ୍ବାଦିକ ସମ୍ମିଳନୀରେ ଚୋରିର ପର୍ଦାଫାଶ କରିଛନ୍ତି। ଗୋଟିଏ ପରିବାରରୁ ୩ ଭାଇ ଓ ମା ଚୋରିରେ ସମ୍ପୃକ୍ତ ନେଇ ଗ୍ରାମବାସୀ ଆଶ୍ଚର୍ଯ୍ୟ। ଘଟଣାଟି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଅଂଚଳର ଏକ ମନ୍ଦିରରେ ଘଟିଛି। ବରଦା ପ୍ରସାଦ ଆଚାର୍ଯ୍ୟ ଓ ଅନଦା ପ୍ରସାଦ ଆଚାର୍ଯ୍ୟ ଦୁଇ ଜଣ ଯୁବକ ବାଲିପାଟଣା ଅଞ୍ଚଳର ଏକ ମନ୍ଦିରରୁ ଚୋରି କରୁଥିବା ବେଳେ ଗ୍ରାମବାସୀ ଓ ପୋଲିସ ହାବୁଡ଼ରେ ପଡିଯାଇଥିବାବେଳେ ଅନଦା ଖସି ପଳାଇଥିଲା। ପୋଲିସ ଅନଦାର ଫୋନ ଟ୍ରାକିଙ୍ଗ କରି ନିଆଳି ଅଞ୍ଚଳରୁ ଗିରଫ କରିଥିଲା। ଉଭୟଙ୍କୁ ଥାନାରେ ପଚରାଉଚରା ସମୟରେ ଉଭୟଙ୍କ ଘର ଜଗତସିଂହପୁର ଜିଲ୍ଲା ତୁମ୍ବା ଅଣ୍ଡେଇ ସାହି ଚଢେଇ ଗାଁ



ରେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଖୋର୍ଦ୍ଧା ପୋଲିସ ଜଗତସିଂହପୁର ପୋଲିସ ସହାୟତାରେ ଚଢେଇ ଗାଁ ବାସଭବନ ଚଢ଼ାଉ କରିବା ସମୟରେ ମାଟି ତଳେ ପୋତାହୋଇ ରହିଥିବା ନାଗ ମୂର୍ତ୍ତି, ଗରା, କଂସା, ଘଣ୍ଟ, ଘଣ୍ଟି, ମୁକୁଟ, ବାଲ୍ଟି, କଟୁରୀ, ଖଣ୍ଡା, କୁରାଢ଼ୀ, ରେଞ୍ଚି ସମେତ ବହୁ ମୂଲ୍ୟବାନ ସାମଗ୍ରୀ ବାହାରିଥିଲା। ପୋଲିସ ସମସ୍ତ ସାମଗ୍ରୀ ଜବତ କରିବା ସହିତ ବରଦାର ସହଯୋଗୀ ଭାଇ ସାରଦା ଓ ମାକୁ ଥାନାକୁ ଆଣି ଅଧିକ ପଚରା ଉଚରା କରିଥିଲା। ଜଗତସିଂହପୁର ଅଂଚଳର ପ୍ରାୟତଃ ୧୦ରୁ ଉର୍ଦ୍ଧ୍ୱ ମନ୍ଦିରରୁ ଚୋରି ଯାଇଥିବା ସାମଗ୍ରୀ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହି ମନ୍ଦିର କର୍ମକର୍ତ୍ତାମାନଙ୍କୁ ପୋଲିସ ଡାକି ସାମଗ୍ରୀକୁ ଚିହ୍ନଟ କରାଇଥିଲେ। ଅଭିଯୋଗକାରି ଚଢେଇଗାଁର ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ରହି ସାମଗ୍ରୀ ଗୁଡ଼ିକୁ ଚିହ୍ନଟ କରିଥିଲେ। ପୋଲିସ କେଶ ନମ୍ବର ୯୫୧/୨୪ ଧାରା ୩୩୧(୪)/୩୦୫(ଏ) ରେ ରୁଜୁକରି ଅଧିକ ପଚରା ଉଚରା କରୁଛି। ବାଲିପାଟଣାରେ ଗିରଫ ଦୁଇ ଭାଇଙ୍କୁ ଦରକାର ପଡିଲେ ଜଗତସିଂହପୁର ପୋଲିସ ରିମାଣ୍ଡରେ ଆଣି ତଦନ୍ତ କରିବବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉଦ୍ଗାତା ସୂଚନା ଦେଇଥିଲେ।

# ସେବା, ରକ୍ତଦାନ ଓ କ୍ରୀଡ଼ା ପାଇଁ ୩ ପ୍ରତିଭା ସମ୍ମାନିତ

**ବରଗଡ, ନ୍ୟୁଜ ବ୍ୟୁରୋ**



ବଲାଙ୍ଗୀରରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ପ୍ରେରଣା। ଖବର ଓ ପ୍ରେରଣା। ପୋର୍ଟାଲର ୪ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ମହା ଆଡ଼ମ୍ବରରେ ସହିତ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀରର ବିଧାୟକ କଲିକେଶ ନାରାୟଣ ସିଂହଦେଓ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। କିନ୍ତୁ ବରଗଡ଼ର ୩ ଜଣ ପ୍ରତିଭାଙ୍କୁ ଗୋଟିଏ ମଞ୍ଚରେ ସମ୍ମାନିତ ଏହି ପରିପ୍ରେକ୍ଷିରେ ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶଙ୍କୁ ସେବା ସମ୍ମାନ ଓ ରକ୍ତଦାନ ଏବଂ ହସ୍ପିଟାଲରେ ସେବା ପାଇଁ ବରଗଡ଼ର ଶିବାନନ୍ଦ ମଟାରୀ, ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ କ୍ରିଡ଼ା ପାଇଁ ସୁନାମ ଅର୍ଜନ କରିଥିବା ସନ୍ତୋଷ କୁମାର ପ୍ରଧାନଙ୍କୁ ସମ୍ମାନିତ କରିବା ସହିତ ବିଧାୟକ ସମସ୍ତ କାର୍ଯ୍ୟ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ । ଖବର କାଗଜର ସମ୍ପାଦକ ରଘୁନନ୍ଦନ ସିଂ ଜନ କଲ୍ୟାଣ ସେବା ଟ୍ରଷ୍ଟ ପରି ସେବା କରିବା ପାଇଁ ଯୁବପିଢିମାନଙ୍କୁ ଜଣାଇଥିଲେ । ଏହା ସହିତ ଶିବାନନ୍ଦ ମଟାରୀ ଓ ସନ୍ତୋଷ ପ୍ରଧାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

# ଅସୁରକ୍ଷିତ ଶିକ୍ଷାନୁଷ୍ଠାନ : ଅଧିକାଂଶ ବିଦ୍ୟାଳୟରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ କରିଥିବା ବେଳେ ସହରରେ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଏହାକୁ ଅଣଦେଖା କରାଯାଉଥିବା ଦେଖିବାକୁ ମିଳିଛି । ସହରର ବହୁ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଭିତିଭୂମି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି । ଶ୍ରେଣୀଗୃହ ଗୁଡ଼ିକ ଦୟନୀୟ ଅବସ୍ଥାରେ ରହିଥିବା ଯୋଗୁଁ ଅସୁରକ୍ଷିତ ଅବସ୍ଥାରେ ପିଲା ପାଠ ପଢୁଛନ୍ତି । ଏଭଳି ବିଦ୍ୟାଳୟଗୁଡ଼ିକରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ କର୍ତୃପକ୍ଷ ଓ ଶିକ୍ଷା ବିଭାଗ କର୍ତୃପକ୍ଷ ଏଥିପ୍ରତି ଯତ୍ନବାନ୍ ହେଉନଥିବା ଯୋଗୁଁ ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କ ମହଲରେ ଉଦବେଗ




ପ୍ରକାଶ ପାଇଛି । ମହାନଗରରେ ୭୧ଟି ସରକାରୀ ଓ ୭୦ରୁ ଉର୍ଦ୍ଧ୍ୱ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି । ହାତଗଣତି କିଛି ଶିକ୍ଷାନୁଷ୍ଠାନକୁ ବାଦ ଦେଲେ ଅନ୍ୟମାନଙ୍କର ଅଗ୍ନି ନିରାପତା ସମ୍ବନ୍ଧୀୟ ପ୍ରମାଣପତ୍ର କିମ୍ବା ଅଗ୍ନି ନିର୍ବାପକ ଯନ୍ତ୍ର ନାହିଁ । ସରକାରୀ ନିୟମ ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ବାଧ୍ୟତାମୂଳକ । ତେବେ ସମ୍ପ୍ରତି ରୂପାନ୍ତରୀକରଣ ହୋଇଥିବା କିଛି ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ବାଦ ଦିଆଗଲେ ଅନ୍ୟ କୌଣସି ଏହି ନିୟମକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସ୍ଥିତି ନକହିଲେ ଭଲ । ଅଗ୍ନି ନିରାପତା ପାଇଁ ରହିଥିବା ଯନ୍ତ୍ରର ଅବଧି ଶେଷ ହୋଇଯାଇଥିବା ବେଳେ ସେଗୁଡ଼ିକୁ ନବୀକରଣ କରାଯାଇନାହିଁ । ସରକାରୀ ବିଦ୍ୟାଳୟମାନଙ୍କୁ ସେଫ୍ଟି ଓ କମ୍ପୋଜିଟ୍ ଗ୍ରାଣ୍ଟରେ ଅନୁଦାନ ଆସୁଥିବା ବେଳେ ଅବହେଳା କାରଣରୁ ପିଲାଙ୍କ ସୁରକ୍ଷା ଦିଗକୁ ଅଣଦେଖା କରାଯାଉଛି । ରାଜ୍ୟ ଅଗ୍ନି ସୁରକ୍ଷା ଓ ଅଗ୍ନି ନିରାପତା ନିୟମାବଳୀ ୨୦୧୭ ଓ ସଂଶୋଧିତ ନିୟମାବଳୀ ୨୦୧୯ର ନିୟମ ୩ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶ୍ରେଣୀଗୃହର ଉଚ୍ଚତା ୧୨ ମିଟର ଅଧିକ କିମ୍ବା ତିନି ମହଲା ବିଶିଷ୍ଟ ହୋଇଥିବା। ଉକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ଅଗ୍ନି ନିରାପତା ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ । କିନ୍ତୁ ସହରର ଅଧିକାଂଶ ବିଦ୍ୟାଳୟରେ ଏହି ନିୟମ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି । ପ୍ରଥମତଃ ଅଗ୍ନି ନିରାପତା ବ୍ୟବସ୍ଥା ନାହିଁ, ଅଗ୍ନିକାଣ୍ଡ ଘଟିଲେ ଉଦ୍ଧାର କାର୍ଯ୍ୟ କିଭଳି ହେବ ସେଥିନେଇ ବି ବିକଳ୍ପ ବ୍ୟବସ୍ଥା ପାଇଁ କୌଣସି ଉତର କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ । ଅଗ୍ନିଶମ ବିଭାଗ ପକ୍ଷରୁ ସହରର ବହୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏ ଦିଗରେ ନୋଟିସ୍ ଜାରି କରାଯାଇଥିବା ବେଳେ ସେମାନଙ୍କ ପକ୍ଷରୁ ତତ୍ପରତା ଦେଖାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ଶହିଦ ବାଜି ରାଉତଙ୍କ ୯୮ତମ ଜୟନ୍ତୀ ଓ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୪ତମ ତିରୋଧାନ ଦିବସ ରାଜଧାନୀରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଅଛି। ଆଜି ବାଳୁତ ବିପ୍ଳବୀ ବାଜି ରାଉତଙ୍କର ଦେଶ ପ୍ରେମ ଓ ବଳିଦାନ ଉପରେ ଆଲୋଚନା ହୋଇଥିବା ବେଳେ ସାମ୍ୟବାଦୀ ଜନନେତା ପ୍ରାଣନାଥଙ୍କ ଜୀବନବ୍ୟାପୀ ସଂଗ୍ରାମ ଉପରେ ଉପସ୍ଥିତ ଅତିଥିମାନେ ଦୃଷ୍ଟାନ୍ତ ମୂଳକ ବକ୍ତବ୍ୟ ରଖିଥିଲେ। ଉଭୟ ସଭାର ପ୍ରାରମ୍ଭରେ ପ୍ରତିମୂର୍ତ୍ତି ମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ଜେନା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପ୍ରଦ୍ୟୁମ୍ନ ଶତପଥୀ, ବସନ୍ତ ପାଇକରାୟ, ସ୍ଥାନୀୟ କର୍ପୋରେଟର ଗିତା ରାୟ, ଦିଲ୍ଲୀପ ଦାସ ଶର୍ମା, ଅମିତ୍ ପାତାଳ ସିଂ, ଅମିୟ ରଞ୍ଜନ ଦୀପ, ସ୍ୱରାଜ୍ୟ ରାଉତ, ସତ୍ୟବ୍ରତ ଜେନା, ଗୋକୁଳାନନ୍ଦ ମଲ୍ଲିକ, ସବିତା ଦଳେଇ, ଅଶ୍ୱିନି ପଟ୍ଟନାୟକ, ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।




# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୭।୧୦।୨୦୨୪, ଆଶ୍ୱିନ ଦି୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୯।୦୨** **ଚନ୍ଦ୍ରୋଦୟ- ଦିଘ ୯।୧୬।୧୦**

**ଚତୁର୍ଥୀ-** ଦିଘ ୯।୪୮ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୨।୨୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୯।୪୮ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ ୭।୧୦ ମଧ୍ୟେ। ଦିଘ ୮।୫୨ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** ପଞ୍ଚମ୍ୟାଦିକଳ୍ପାରମ୍ଭ, ଶ୍ରୀବିରଜା ଦେବୀଙ୍କ ପଞ୍ଚମୀ ହୋମ ।



**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।



**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନ ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ସମସ୍ୟା ଦେଖାଦେଇପାରେ ।



**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।



**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବା ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ। ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବମ ।



**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ। ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।



**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସାହ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୮।୧୦।୨୦୨୪, ଆଶ୍ୱିନ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୯।୧୮** **ଚନ୍ଦ୍ରୋଦୟ- ଦିଘ ୧୦।୧୩।୧୩**

**ପଞ୍ଚମୀ-** ଦିଘ ୧୧।୧୮ ପର୍ଯ୍ୟନ୍ତ । **ଜ୍ୟେଷ୍ଠାନକ୍ଷତ୍ର ଓ ବିଛାଚନ୍ଦ୍ର-** ରାଘ ୪।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର, ରାଘ ୪/୦୭ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୧୧।୧୮ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ ୬।୩୦ ମଧ୍ୟେ। ଦିଘ ୮।୩୯ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** ପୀଠେ ଷଷ୍ଠ୍ୟାଧିବାସ, ବଲ୍ବବରଣୋତ୍ସବ।

ପ୍ରସଙ୍ଗତଃ
30 YEARS
ସମ୍ବାଦ କଳିକା

# ନିଯୁକ୍ତି ସୃଷ୍ଟିରେ ଓଡ଼ିଶା ଆଗରେ

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି ।

ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

# ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗେ (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଭାରତୀୟ ଧର୍ମଧାରାରେ ଶକ୍ତି ଉପାସନା ଏକ ବିଶିଷ୍ଟ ଅଙ୍ଗ । ଆଦି ବୈଦିକ ଯୁଗରେ ମଧ୍ୟ ଏହି ଉପାସନାର ସୂଚନା ମିଳେ । ଆର୍ଯ୍ୟ ଋଷିଗଣ ସତ୍ୟଦ୍ରଷ୍ଟା । ସେମାନେ ଅପୌରୁଷେୟ, ବହ୍ମଶକ୍ତି - ଉଭୟଙ୍କୁ ଏକ ମଣୁଥିଲେ । ଅଭିନ୍ନ ବିବେଚନା କରୁଥିଲେ । ସେହି ପରଂବ୍ରହ୍ମ ଶକ୍ତିଙ୍କୁ ଦେବୀରୂପରେ କଳ୍ପନା କରାଯାଇଥିଲା । ଏକଥାଟି ଋଗ୍‌ବେଦର ଦେବୀସୂକ୍ତରେ ବର୍ଣ୍ଣିତ । ଏହା ପୁଣି ଅତି ସଂକ୍ଷିପ୍ତ । ଋଗ୍ ବୈଦିଗ ଯୁଗର ବହୁ ପୂର୍ବରୁ, ଶକ୍ତି ଉପାସନା ଧାରା ମଧ୍ୟ ପ୍ରଚଳିତ ଥିଲା । ଏକଥାଟି ପ୍ରତ୍ନତାତ୍ତ୍ୱିକ ବିଭବରୁ ପ୍ରମାଣିତ । ସିନ୍ଧୁ ଉପତ୍ୟକାର ସଭ୍ୟତାରୁ ଶକ୍ତିପୂଜା ପ୍ରଚଳିତ ହୋଇଆସୁଛି । ଶକ୍ତି ଉପାସକମାନେ ଶାକ୍ତ । ସେମାନଙ୍କର ପ୍ରଧାନ ଉପାସ୍ୟ ହେଉଛନ୍ତି ମହାଶକ୍ତି । ଶକ୍ତି ହିଁ ଜଗତର ମୂଳ ଉତ୍ସ, ତାଙ୍କ ଠାରୁ ବିଶ୍ୱ ଉତ୍ପତ୍ତି, ସ୍ଥିତି; ବିଲୟ ମଧ୍ୟ । ଶକ୍ତି ଉପାସନା ଧାରାରେ ଦୁର୍ଗା, କାତ୍ୟାୟନୀ, କାଳୀ, ଚଣ୍ଡୀ, ମହାମାୟା, ମହାଲକ୍ଷ୍ମୀ, ପାର୍ବତୀ ପ୍ରଭୃତି ଏକ ଏକ ଅଂଶ । ବ୍ରହ୍ମା, ବିଷ୍ଣୁ, ଶିବ - ଏମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଦେବୀଙ୍କୁ ଜାଣି ପାରିନାହାନ୍ତି । ସେଇ ଆଦ୍ୟାଶକ୍ତିଙ୍କ ସମ୍ବନ୍ଧରେ ପଣ୍ଡିତ ମାନଙ୍କର ନାନାଦି ମତ । ଦେବୀ ନାନା ରୂପରେ ପରିକଳ୍ପିତା । ଚଣ୍ଡୀ ସ୍ତବରେ ଉଲ୍ଲେଖ ଅଛି - "ଯସ୍ୟାଃ ପ୍ରଭାବମତୁଳଂ ଭଗବାନ ନନ୍ତୋ / ବ୍ରହ୍ମା ହରଶ୍ଚ ନ ହି ବକ୍ତୁମଳଂ ଚଳଞ୍ଚ । "

ଭାରତ ବର୍ଷ ଦେବଦେବୀଙ୍କର ଦେଶ । ଏଠାରେ ଅନେକ ଦେବତା ପୂଜା ପାଆନ୍ତି । ସେମାନଙ୍କ ମଧ୍ୟରୁ ପୁଂ ଦେବତାଙ୍କ ସଂଖ୍ୟା କମ୍, ସ୍ତ୍ରୀ ଦେବତାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଭାରତୀୟ ସମାଜ । ଏଥିରେ ମୁଖ୍ୟତଃ ଦୁଇ ଦେବତାଙ୍କ ପରିବାର ଗୁରୁତ୍ୱ ଅଧିକ । ଏଇ ଦୁଇ ପରିବାର ଶିବ, ବିଷ୍ଣୁଙ୍କର । ଏତଦ୍‌ଭିନ୍ନ ଚନ୍ଦ୍ରାଦି କେତେକ ଉପଦେବତାଙ୍କର ଉପାସନା ହିନ୍ଦୁ ସମାଜରେ ପ୍ରଚଳିତ; ମାତ୍ର ତାହା ସାର୍ବଜନୀନ ନୁହେଁ । ଶିବଙ୍କ ପରିବାରର ପୁଂ ଦେବତା ଗଣେଶ, କାର୍ତ୍ତିକେୟ । ବିଷ୍ଣୁ ପରିବାର ମଧ୍ୟରେ ଅଂଶାବତାର କଳ୍ପନା କରାଯାଇଛି । ଏମାନେ ରାମ, କୃଷ୍ଣ, ବଳରାମ, ନୃସିଂହ, ଏସବୁ ଦେବତାଙ୍କ ଉପାସନା ବହୁଳ ପ୍ରଚଳିତ । ଏ ପରିପ୍ରେକ୍ଷୀରେ ସ୍ତ୍ରୀ-ଦେବତାଙ୍କ ସଂଖ୍ୟା ଯେ ବହୁ ଅଧିକ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏମାନଙ୍କ ଉପାସନା ସର୍ବତ୍ର । ଘଞ୍ଚ ଅରଣ୍ୟାନୀ ଠାରୁ ଆରମ୍ଭ କରି ସହର, ମଫସଲ, ରାଜପ୍ରାସାଦ ସର୍ବତ୍ର, ମହାଶକ୍ତି ଦେବୀ ରୂପେ ଉପାସିତା । ସେମାନଙ୍କ ଆରାଧନା ବୈଦିକ ମତରେ ଅନୁଷ୍ଠିତ ହୋଇଥାଏ ।

ବୈଦିକ ଯୁଗରେ ମହାଦେବୀଙ୍କ ଉପାସନା ନ ଥିଲା । ଏ କଥା କେହି କେହି ମତବ୍ୟକ୍ତ କରିଥାଆନ୍ତି । କିନ୍ତୁ ଦେବୀଙ୍କ ନିକଟରେ ଋଗ୍‌ବେଦୀୟ ଦେବୀସୂକ୍ତି ପାଠର ବ୍ୟବସ୍ଥା ଥିଲା । ଏକଥାଟିକୁ କେବଳ ଶାକ୍ତ ଉପାସକ ନୁହନ୍ତି, ପ୍ରଖ୍ୟାତ ବେଦାଚାର୍ଯ୍ୟମାନେ ସ୍ୱୀକାର କରିଛନ୍ତି । ଅଥର୍ବ ବେଦ, ଋଗ୍‌ବେଦୀୟ ସାଂଖ୍ୟାୟନ ଆରଣ୍ୟକ, ସାଂଖ୍ୟାୟନ ଶ୍ରୌତ୍ରସୂତ୍ର; ଏଥି ସହିତ ବୃହଦ୍ଧାରିତ ସଂହିତା, ବଶିଷ୍ଠ ଧର୍ମଶାସ୍ତ୍ର, କୌଶିକ ସୂତ୍ରାଦି ଗ୍ରନ୍ଥରେ ଦେବୀସୂକ୍ତିର ମନ୍ତ୍ର ଉଲ୍ଲେଖ ରହିଛି । ଋଗ୍‌ବେଦରେ 'ଶକ୍ତି' ଉଦ୍ଦେଶ୍ୟରେ କୌଣସି ପ୍ରତ୍ୟକ୍ଷ ସ୍ତୁତି ମୂଳକ ସୂତ୍ର ଦେଖିବାକୁ ମିଳେ ନାହିଁ । ଏହାସତ୍ତ୍ୱେ; ଅନେକତ୍ର ଶକ୍ତି ଉପାସନାର ଗୋପନ ବୀଜ ନିହିତ ଅଛି । ଏଠାରେ ସ୍ପଷ୍ଟ କରି ଦିଆଯାଇ ପାରେ, ଭାରତ ବର୍ଷରେ ଯେତେ ଦେବଦେବୀ ଉପାସିତ, ସମସ୍ତେ ବୈଦିକ । ଯାହା ବୈଦିକ ନୁହେଁ ତାହା ଅମୌଳିକ । ଋଗ୍‌ବେଦ ମନ୍ତ୍ରରେ 'ଅଗ୍ନିବର୍ଣ୍ଣାଂ', 'ତପସାଜ୍ୱଳନ୍ତୀଂ', ବୈରୋଚନୀଂ, 'ଦେବୀଂ' ପ୍ରଭୃତି ବିଶେଷ ଶବ୍ଦ ବ୍ୟବହୃତ । ଏହା ମୁଖ୍ୟତଃ ଦୁର୍ଗାଙ୍କ ପାଇଁ ଉଦ୍ଦିଷ୍ଟ । ସେଇ କଥାକୁ ବିଖ୍ୟାତ ଭାଷ୍ୟକାର ଶାୟନାଚାର୍ଯ୍ୟ କହିଛନ୍ତି - "ତମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ / ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାଂ / ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ / ସୁତରସି ତରସେ ନମଃ । "

ଯାଜ୍ଞିକୀ ଉପନିଷଦର ଦଶମ ପ୍ରପାଠକରେ ମଧ୍ୟ ଦୁର୍ଗା - ଗାୟତ୍ରୀଙ୍କ ବର୍ଣ୍ଣନା ରହିଛି - "କତ୍ୟାୟନାୟ ବିଦ୍ମହେ କନ୍ୟାକୁମାରୀ ଧୀମହି/ ତନ୍ନୋ, ଦୁର୍ଗିଃ ପ୍ରଚୋଦୟାତ୍ । "

ଏଥିରେ 'ଦୁର୍ଗା' ନୁହେଁ 'ଦୁର୍ଗି', 'କାତ୍ୟାୟନୀ' ବଦଳରେ 'କାତ୍ୟାୟନାୟ' ଶବ୍ଦ ପ୍ରୟୋଗ ରହିଛି । ଏହା ସତ୍ତ୍ୱେ ଦୁର୍ଗାଦେବୀଙ୍କ ବୈଦିକତ୍ୱ ପ୍ରମାଣିତ । ଋଗ୍‌ବେଦରେ ବିଭିନ୍ନ ଦେବାଦେବୀଙ୍କ ନାମ ପରିଲକ୍ଷିତ । ତନ୍ମଧ୍ୟରେ ଗୌରୀ ନାମକ ଦେବୀଙ୍କ ନାମୋଲ୍ଲେଖ ରହିଛି । ଯଜ୍ଞାଦି କର୍ମକାଳରେ ଗୌରୀ ଆଦି ଅଷ୍ଟମାତୃକାଙ୍କୁ ଆବାହନ କରାଯାଏ । ସେମାନଙ୍କୁ ସନ୍ତୁଷ୍ଟ କରିବାର ପରମ୍ପରା ମଧ୍ୟ ରହିଆସିଛି । ସେଇ ଦେବୀମାନେ ହେଲେ ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା, ସ୍ୱାହା, ସ୍ୱଧା, ମାତା, ଲୋକମାତା, ଧୃତି, ତୁଷ୍ଟି, କ୍ଷମା, ପୁଷ୍ଟି, ଆତ୍ମଦେବୀ, କୁଳଦେବତା । ଏମାନଙ୍କ ମଧ୍ୟରେ ଶ୍ରେଷ୍ଠା ଗୌରୀ । ଅଷ୍ଟମହାଦେବୀ ପାଇଁ ଯେଉଁ ଆହୁତି ଉଦ୍ଦିଷ୍ଟ ସେମାନେ ହେଲେ - ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ଭାସ୍କରୀ, ବୈନାୟକୀ, ବୈଷ୍ଣବୀ, ଇନ୍ଦ୍ରାଣୀ, ବୈଧବୀ । ବ୍ରହ୍ମା, ମହେଶ୍ୱର, କୁମାର, ଭାସ୍କର, ବିନାୟକ, ବିଷ୍ଣୁ, ଇନ୍ଦ୍ର, ବିଧୁ; ଏମାନଙ୍କର ନାମ ସ୍ତ୍ରୀଲିଙ୍ଗ କୃତ ଶବ୍ଦ ଯୋଡ଼ାଯାଇ ଉପର୍ଯ୍ୟୁକ୍ତ ନାମକରଣ ହୋଇଛି ।

ବିଭିନ୍ନ ପୁରାଣମାନଙ୍କରେ 'ଦେବୀ' ଚଣ୍ଡୀ ନାମରେ ପରିଚିତା । ମାର୍କଣ୍ଡେୟ ପୁରାଣରେ ଚଣ୍ଡୀ ସ୍ତୁତିରେ ଏକଥାଟି ସ୍ପଷ୍ଟ । ଚଣ୍ଡୀଙ୍କ ବିଭିନ୍ନ ରୂପର ପରିପ୍ରକାଶ ଦଶମହାବିଦ୍ୟା । ଏମାନେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା । ଶକ୍ତି ଶିବ ଆଉ ରୁଦ୍ରଙ୍କ ସହ ସଂଯୁକ୍ତ । ଏ ସମ୍ପର୍କକୁ ନେଇ ଦେବୀ ଶିବାନୀ, ରୁଦ୍ରାଣୀ, ସର୍ବାଣୀ । ସେହିପରି ହିମବନ୍ତ ପର୍ବତର ପୈତୃକ ସମ୍ବନ୍ଧାନୁଯାୟୀ ହୈମବତୀ, ପାର୍ବତୀ, ଗିରିଜା ପ୍ରଭୃତି ନାମରେ ନାମିତ ।

ଶକ୍ତି ଉପାସନା ମଧ୍ୟରେ ସପ୍ତମାତୃକା ପୂଜା ଅନ୍ତର୍ଭୁକ୍ତ । ଏକଥା ତନ୍ତ୍ରଶାସ୍ତ୍ରରେ ବର୍ଣ୍ଣିତ । ସପ୍ତମାତୃକାଙ୍କର ଉତ୍ପତ୍ତି ସମ୍ପର୍କରେ ବରାହ ପୁରାଣରେ ବର୍ଣ୍ଣିତ । ଅନ୍ଧକାସୁରକୁ ବିନାଶ କରିବା ପାଇଁ ରୁଦ୍ର ତା' ଦେହରେ ତ୍ରିଶୂଳାଘାତ କଲେ; ମାତ୍ର ତା'ର ମୃତ୍ୟୁ ହେଲାନି । ରୁଦ୍ର ଭୟଙ୍କର ରୂପ ଧାରଣ କଲେ । ତାଙ୍କ ଶରୀରରୁ ଲେଲିହାନ ଶିଖା ରୂପୀ ଅଗ୍ନି ନିର୍ଗତ ହେଲା । ଅଗ୍ନିଶିଖା ମଧ୍ୟରୁ ତେଜୋମୟୀ ଦେବୀ ମୂର୍ତ୍ତି ଆବିର୍ଭୂତା ହେଲେ । ତାଙ୍କ ନାମ ଯୋଗଶ୍ୱରୀ, ଦେବୀ ସଂହାର ମୂର୍ତ୍ତି ଧାରଣ କଲେ । ବିଷ୍ଣୁ, ବ୍ରହ୍ମା, ଇନ୍ଦ୍ର, କାର୍ତ୍ତିକେୟ, ଯମ, ବରାହୀ ବିଷ୍ଣୁ ପ୍ରତ୍ୟେକ ଏକ ଏକ ମାତୃକା ସୃଷ୍ଟି କଲେ । ସେମାନେ ଅନ୍ଧକାସୁରକୁ ଧ୍ୱଂସ କରେ । ସପ୍ତମାତୃକାଙ୍କ ଉତ୍ପତ୍ତି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଅସୂୟାରୁ ସମ୍ଭୂତ । ସେମାନେ ହେଲେ ଯୋଗେଶ୍ୱରୀ (କାମ), ମାହେଶ୍ୱରୀ (କ୍ରୋଧ), ବୈଷ୍ଣବୀ (ଲୋଭ), ବ୍ରାହ୍ମଣୀ (ମଦ), କୌମାରୀ (ମୋହ), ଇନ୍ଦ୍ରାଣୀ (ମତ୍ସର୍ଯ୍ୟ), ବରାହୀ (ଅସୂୟା), ଅମରକୋଷରେ ଏହି ମାତୃଦେବୀଙ୍କ ନାମରେ କିଛିଟା ଭିନ୍ନତା ପରିଲକ୍ଷିତ - "ବ୍ରାହ୍ମୀ ଚ ବୈଷ୍ଣବୀ ଚୈନ୍ଦ୍ରୀ ରୌଦ୍ରୀ ବରାହିକୀ ତଥା, / କୌବେରୀ ଚୈବ କୌମାରୀ ମାତରଃ ସପ୍ତକୀର୍ତ୍ତିତାଃ । " କେହି କେହି ସପ୍ତ ମାତୃକାଙ୍କ ସଂଖ୍ୟା ଆଠ କହିଥାନ୍ତି । ଏହି ଦେବୀମାନେ ମାହେଶ୍ୱରୀ, ଐନ୍ଦ୍ରୀ, ବୈଷ୍ଣବୀ, ବରାହୀ, କୌମାରୀ, ଚମୁଣ୍ଡା, ଚର୍ଚ୍ଚିକା । ପରବର୍ତ୍ତୀ କାଳରେ ଚର୍ଚ୍ଚିକାଙ୍କୁ ବାଦ ଦିଆଯାଇଛି । ସେହିପରି କୌବେରୀଙ୍କ ସ୍ଥାନରେ ଚାମୁଣ୍ଡା ଆସିଛନ୍ତି । କେବଳ ସେତିକି ନୁହେଁ ବ୍ରାହ୍ମଣୀ, ବୈଷ୍ଣବୀ, ରୌଦ୍ରୀ, ବରାହୀ, ନାରସିଂହୀ, କୌମାରୀ, ମାହେନ୍ଦ୍ରୀ, ଚାମୁଣ୍ଡା, ଚର୍ଚ୍ଚିକା - ଏମିତି ନବମାତୃକା କଥା ବି ଉଲ୍ଲେଖ କରିଛନ୍ତି । କର୍ମକାଣ୍ଡ ପ୍ରକ୍ରିୟାରେ ଷୋଡ଼ ମାତୃକା, ଅଷ୍ଟାଦଶ ମାତୃକାଙ୍କ ପୂଜା ଆରାଧନା କରାଯାଏ । ତାନ୍ତ୍ରିକ ମାତୃକା ତାଲିକାକୁ ବୈଷ୍ଣବମାନେ ଗ୍ରହଣ କରିନାହାନ୍ତି । ସେମାନେ ଭଗବତୀ, ପୌର୍ଣ୍ଣମାସୀ, ପଦ୍ମା, ତରଙ୍ଗିକା, ଗଙ୍ଗା, କଳୀନ୍ଦ ତନୟା, ଗୋପୀ, ବୃନ୍ଦାବତୀ, ଗାୟତ୍ରୀ, ପୃଥିବୀ, ଗୋ, ବୈଷ୍ଣବୀ, ଶ୍ରୀଯଶୋଦା, ଦେବହୂତୀ, ରୋହିଣୀ, ଶ୍ରୀମତୀ, ଦ୍ରୌପଦୀ, କୁନ୍ତୀ, ରୁକ୍ମଣୀ - ଏସବୁ ମାତୃକାଙ୍କୁ ଉପାସନା କରିଥାଆନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷ କରି ଭଦ୍ରକ, ଯାଜପୁର, ଧର୍ମଶାଳା, ପୁରୀ, ଭୁବନେଶ୍ୱର, ବାରିପଦା ଆଦି ସ୍ଥାନରେ ଉପର୍ଯ୍ୟୁକ୍ତ ମାତୃକା ଗଣ ଆରାଧିତା ।

ଶକ୍ତି ଉପାସନାରେ ଦେବୀ 'ଦୁର୍ଗା'ଙ୍କ ସ୍ଥାନ ସ୍ୱତନ୍ତ୍ର । ଋଗ୍ ବେଦରେ 'ରାତ୍ରି'ଙ୍କର ପ୍ରତ୍ୟକ୍ଷ ସ୍ତୁତି ରହିଛି । ସେହି 'ରାତ୍ରି' ହିଁ 'ଦୁର୍ଗା' ନାମରେ ପରିଚିତା । ଆମର କୋଷକାର କହିଛନ୍ତି - "କଳାହୀନେ ସାନୁ ମତିଃ ପୂର୍ଣ୍ଣେରାକା ନିଶାକରେ, / ଦୃଷ୍ଟେନ୍ଦୁଃ ସିନୀବାଲୀ ସା ନଷ୍ଟେନ୍ଦୁ କଳାକୁହୂଃ । "

ଏଠାରେ ଔଜ୍ଜ୍ୱଲ୍ୟ ପ୍ରକାଶିବା ପ୍ରକୃତି, 'ରାତ୍ରି' ଦେବୀଙ୍କ 'ଅନୁମତି' ତଥା 'ରାକା' ରୂପ କଳ୍ପନା କରାଯାଇଛି । ଅନୁରୂପ ଭାବେ 'ସିନୀବାଲୀ', କୁହୂନାମରେ ବିଭିକ୍ଷିକାମୟ ରୂପର ସଙ୍କେତ ବିଦ୍ୟମାନ । ଋଗ୍‌ବେଦର 'ରାତ୍ରି' ଉପନିଷଦୀୟ 'ଦୁର୍ଗା' ଭାବେ ପରିକଳ୍ପିତା । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀ ବେଳକୁ ଦେବୀ ଉପାସନା ସମାଜରେ ପ୍ରାଧାନ୍ୟ ଲାଭ କରିଛି । ଲଳିତ ବିସ୍ତର ଗ୍ରନ୍ଥରେ 'ଦେବୀ କାତ୍ୟାୟନୀ' ପ୍ରସଙ୍ଗ ଉଲ୍ଲେଖ କରିଛି । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ 'ଅପରାଜିତା'ଙ୍କ ନାମୋଲ୍ଲେଖ ରହିଛି । ମାର୍କଣ୍ଡେୟ ପୁରାଣର ଧୃତ ଦେବୀ ମାହାତ୍ମ୍ୟ, ଏଇ ମହାତ୍ମ୍ୟର ୮୧ ଅଧ୍ୟାୟଠାରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ ଦେବୀ ସମ୍ପର୍କିତ ବର୍ଣ୍ଣନା ଦେବୀ ମାହାତ୍ମ୍ୟ ଭାବେ ପରିଚିତ । ଏହା 'ଚଣ୍ଡୀ', 'ଦୁର୍ଗା', 'ସପ୍ତସତୀ' ନାମରେ ଅଭିହିତା । ଦେବୀ-ସୂକ୍ତିରେ କୁହାଯାଇଛି, "ତାଂ ମା ଦେବୀ ବ୍ୟଦଧୂଃ ପୁରୁତ୍ରା ଭୂରିସ୍ଥାତ୍ରାଂ ଭାର୍ଯ୍ୟା - ବେଶୟନ୍ତୀଂ ଅହମେବ ସ୍ୱୟମିଦଂ ବଦାମି ଜୁଷ୍ଟଂ ଦେବେଭିରୁତ ମାନୁଷେଭିଃ । "

ବହୁଭାବରେ ବହୁରୂପରେ ଅଧିଷ୍ଠିତା ଦେବୀଙ୍କୁ ଦେବଗଣ ଭଜନ କରନ୍ତି, ଦେବୀ ଦେବତା, ମନୁଷ୍ୟମାନଙ୍କୁ ବ୍ରାହ୍ମଜ୍ଞାନ ପ୍ରଦାନ କରନ୍ତି ।

ଦେବୀଙ୍କ ମହିମା ଅନାକଳନୀୟ, ସ୍ୱୟଂ ବ୍ରହ୍ମାଙ୍କୁ ବି ଅଗୋଚର । ତାଙ୍କୁ ନେଇ ନାନାଦି ମତ, ବହୁ ବର୍ଣ୍ଣନା ପୁରାଣ ସାହିତ୍ୟରେ ଦେଖିବାକୁ ମିଳେ । କାଳୀ ପୁରାଣରେ ବର୍ଣ୍ଣିତ ଅଛି - "ନୀଳୋତ୍ପଳଦଳଶ୍ୟାମା ଚତୁର୍ବାହୁ ସମନ୍ୱିତା, / ଖଟ୍ୱାଙ୍ଗ ଚନ୍ଦ୍ରହାସଞ୍ଚ ବିଭ୍ରତୀ ଦକ୍ଷିଣେ କରେ । / ବାମେ ଚର୍ମଞ୍ଚ ପାଶଞ୍ଚ ଉର୍ଦ୍ଧ୍ୱାଧୋ ଭାବତଃପୁନଃ । / ଦଧତୀ ମୁଣ୍ଡମାଳାଂ ଶ୍ଚ ବ୍ୟାଘ୍ରଚର୍ମ ବରାମ୍ବର । / କୃଶାଙ୍ଗୀ ଦୀର୍ଘଦଂଷ୍ଟ୍ରାଚ ଅତିଦୀର୍ଘାତିଭୀଷଣା । "

ମହାକାଳ ସଂହିତାରେ ମଧ୍ୟ ଦେବୀଙ୍କ ନିର୍ଗୁଣ ଦ୍ୟୋତକ ଧ୍ୟାନ ବର୍ଣ୍ଣିତ - "ବିଦ୍ୟାଅବିଦ୍ୟାଦିଯୁକ୍ତାଂ ହରବିଧିନମିତାଂ / ନିଷ୍କଳାଂ କଳହନ୍ତୀଂ / ଭକ୍ତାଭୀଷ୍ଟ ପ୍ରଦାତ୍ରୀଂ କନକନିଧିକଳାଂ/ ଚିନ୍ମୟାନନ୍ଦରୂପାଂ । "

ଏମିତି ଜଗତ ମଙ୍ଗଳକାରୀଙ୍କୁ ବହୁ ଭାବରେ, ବହୁ ରୂପରେ ଧ୍ୟାନ କରାଯାଏ । କେବେ ନିର୍ଗୁଣ ତ କେବେ ଏହା ସଗୁଣ ଦ୍ୟୋତକ । ଦୁଷ୍ଟ, ଦୁରାଚାରୀ, ରାକ୍ଷସମାନଙ୍କ ପାଇଁ ଦେବୀ କ୍ରୂରା, ନିଷ୍ଠୁରା, ରୁଦ୍ରମୂର୍ତ୍ତି ଧାରିଣୀ । ସେଥିପାଇଁ ସେ 'କରାଳ ବଦନା', 'ଉଗ୍ରା', 'ଭୟାନକା' । ଦେବୀ ଶରୀର ବିହୀନ ମାୟାରୂପୀ ରାକ୍ଷସକୁ ଦୂର କରନ୍ତି, ତେଣୁ ସେ 'ମୋକ୍ଷଦାତ୍ରୀ', 'ସୁଚାରୁ ଦଶନା' । ଏମିତି ଦେବୀଙ୍କ ସହସ୍ର ନାମ । ଦେବୀ ଶକ୍ତିର ଉତ୍ସ । ଶକ୍ତି ବିନା ଶିବ ଶବ । ଦେବୀ କୃଷ୍ଣବର୍ଣ୍ଣା, ମୋକ୍ଷଦାତ୍ରୀ ମଧ୍ୟ ।

ଶିବଗୀତାରେ ତାହା ବର୍ଣ୍ଣିତ - "ସାଲୋକ୍ୟମପି ସାରୂପ୍ୟଂ ସାର୍ଷ୍ଟ୍ୟଂ ସାୟୁଜ୍ୟମେବେ ଚ, / କୈବଲ୍ୟଞ୍ଚେତ୍ ତାଂ ବିଦ୍ଧି ମୁକ୍ତିଂ ରାଘବ ପଞ୍ଚଧା । "

ଦେବୀ ଏଠାରେ କୈବଲ୍ୟଦାତ୍ରୀ । ଦେବୀ ଶଶି ଶେଖରା, ମୁକ୍ତକେଶୀ, ତ୍ରିନେତ୍ରା, ପ୍ରକଟିତ ରଦନା, ପୀନୋନ୍ନତ ପୟୋଧାରା, ଦିଗମ୍ବରା, କୃପାଣ ଧାରିଣୀ । ସେ ସୃଷ୍ଟି କରନ୍ତି, ଧ୍ୱଂସ ବି । ଦେବୀ ଜ୍ଞାନରୂପୀ ଖଡ଼୍‌ଗରେ ନିଷ୍କାମ ସାଧକର ମୋହ, ରିପୁ ଆଦି ଅବିଗୁଣ ଖଣ୍ଡନ କରନ୍ତି । ସେ ବୃଦ୍ଧା ନୁହନ୍ତି କିମ୍ବା ଛୋଟ ପିଲା ନୁହନ୍ତି । ସେ ନିତ୍ୟ ଯୌବନା, ପରିବର୍ତ୍ତନଶୀଳା, ତେଣୁ ସେ - 'ନ ବାଳା ନ ଚ ତ୍ୱଂ ବୟସ୍ଥା ନ ବୃଦ୍ଧା ।" ଏହା ବ୍ରହ୍ମର ଲକ୍ଷଣ, ତେଣୁ ସେ ବ୍ରହ୍ମର ଚିତ୍ ସ୍ୱରୂପ, କଦାପି କ୍ଷୟଶୀଳା ନୁହନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ବିରଜା ପୀଠରେ ଶାରଦୀୟ ପୂଜା ଓ ରଥଯାତ୍ରା



ବିରଜାରତ୍ନ ପଣ୍ଡିତ
ଭୂପତି ଭୂଷଣ ମିଶ୍ର
ସଭାପତି, ବିରଜାମଣ୍ଡଳ
ଗଣକମଣ୍ଡଳୀ
ଓ ପଣ୍ଡିତ ସଭା, ଯାଜପୁର
ମୋ-୯୪୩୮୫୬୧୦୮୯

ଶକ୍ତି ସଂସ୍କୃତିରେ ଶାରଦୀୟ ପୂଜାର ମହତ୍ତ୍ୱ ଓ ଗୁରୁତ୍ୱ ଯଥେଷ୍ଟ ଅଧିକ । ପିତୃପକ୍ଷରେ ଦେବୀ ବିରଜା ପିତୃକନ୍ୟାରୂପେ ପୂଜା ପାଇଥାନ୍ତି କିନ୍ତୁ ଶୁକ୍ଳପକ୍ଷରେ ମହିଷମର୍ଦ୍ଦିନୀ ଦୁର୍ଗାରୂପେ ତାଙ୍କର ଉପାସନା କରାଯାଇଥାଏ । ଶକ୍ତି ପୂଜାର ପରମ୍ପରା ଅନୁସାରେ ମୂଳାଷ୍ଟମୀଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀଙ୍କର ଷୋଡ଼ଶ ଦିବସୀୟ ପୂଜା ଅନୁଷ୍ଠିତ ହୁଏ । ଏହି ପୂଜାରେ ଦେବୀ ବିରଜାଙ୍କର ତିନୋଟି ବିଶେଷତ୍ୱ ଲକ୍ଷ୍ୟ କରାଯାଏ । ପ୍ରଥମରେ ଏହି ସମୟରେ ମା'ଙ୍କର ବେଶର ପରିବର୍ତ୍ତନ ହୁଏ ନାହିଁ କିନ୍ତୁ ମନ୍ତ୍ରର ପରିବର୍ତ୍ତନ ହୋଇଥାଏ । ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ବନଦୁର୍ଗା ମନ୍ତ୍ରରେ, ମହାଷ୍ଟମୀ ରାତ୍ରିରେ ଉଗ୍ରଚଣ୍ଡା ମନ୍ତ୍ରରେ ଓ ମହାନବମୀରେ ମହାମାରୀ ମନ୍ତ୍ରରେ ଦେବୀଙ୍କର ପୂଜା ଅନୁଷ୍ଠିତ ହୁଏ । ଦ୍ୱିତୀୟରେ ଶାରଦୀୟ ପୂଜାରେ ଦେବୀଙ୍କର ରଥଯାତ୍ରା ଶୁକ୍ଳ ପ୍ରତିପଦ୍‌ଠାରୁ ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏହା ଶକ୍ତି ସଂସ୍କୃତିରେ ଏକ ବିରଳ ପରମ୍ପରା । ତୃତୀୟରେ ମା' ବିରଜାଙ୍କର ଲକ୍ଷ୍ୟଭେଦ ଉତ୍ସବ । ମହାନବମୀର ନିଶାର୍ଦ୍ଧରେ ମା'ଙ୍କର ବିଜେ ପ୍ରତିମା ରଥରୁ ଅବତରଣ କରି ଲକ୍ଷ୍ୟଭେଦ ପାଇଁ ଲାଖବିନ୍ଧା ପଡ଼ିଆକୁ ଦୋଳାରେ ଚଢ଼ି ବିଭିନ୍ନ ବାଦ୍ୟ ଧ୍ୱନି ମଧ୍ୟରେ ଯାତ୍ରା କରନ୍ତି । ଏହି ତିନିପ୍ରକାର ବିଶେଷତ୍ୱକୁ ବହନ କରି ମା' ବିରଜାଙ୍କର ଶାରଦୀୟ ପୂଜା ମହାସମାରୋହରେ ପାଳନ କରାଯାଏ । ଏତଦ୍ ବ୍ୟତୀତ ଏହି ଅବସରରେ ପ୍ରତିଦିନ ମହାସ୍ନାନ ସହିତ ମହା ହୋମ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

ଶକ୍ତି ସଂସ୍କୃତିରେ ରଥଯାତ୍ରା ବିରଜାକ୍ଷେତ୍ରର ମହନୀୟତାକୁ ବହୁଭାବରେ ପ୍ରତିପାଦନ କରିଥାଏ । ବନଯାଗବିଧି ସମାପନ ହେବାପରେ ଶୁଭ ସୁନିଆଁରୁ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମହାଳୟା ଅମାବାସ୍ୟା ତିଥିରେ ସମାପ୍ତ ହୋଇଥାଏ । ଏହି ରଥର ଉଚ୍ଚତା ୩୪ ହାତ ୧୬ ଆଙ୍ଗୁଳି, ଦୈର୍ଘ୍ୟ ୧୪ ହାତ ୪ ଆଙ୍ଗୁଳି ଏବଂ ପ୍ରସ୍ଥ ୧୧ ହାତ ୯ ଆଙ୍ଗୁଳି ହୋଇଥାଏ । ଏହି ରଥର ନାମ ସିଂହଧ୍ୱଜ କାରଣ ରଥର ଧ୍ୱଜରେ ସିଂହ ବିରାଜମାନ ହୋଇଥାଏ । ଏହାର ପ୍ରମାଣ ରଥପୂଜା ପ୍ରକରଣରୁ ମିଳିଥାଏ -

ଦେବ୍ୟାରଥ ପିନାକି ତ୍ୱଂ ବ୍ରହ୍ମଣା ନିର୍ମିତଃ ପୁରା
ମମ ପାପ ବିନାଶାୟ ସିଂହଧ୍ୱଜ ! ନମୋଽସ୍ତୁତେ ॥

ଦେବୀ ସୁଭଦ୍ରାଙ୍କର ରଥପରି ଏହି ସିଂହଧ୍ୱଜ ରଥର ଚକସଂଖ୍ୟା ବାରା ।



ଏହା ତେରଥାକ ବିଶିଷ୍ଟ । ଏଥିରେ ଛଅଟି ଅଖ, ଚବିଶଟି ଧାରଣା, ଚଉଷଠିଟି ଖୁଣ୍ଟ ଥାଏ । ସମୁଦାୟ ୮୮୧ ଖଣ୍ଡ କାଠ ରଥ ନିର୍ମାଣରେ ବ୍ୟବହୃତ ହୋଇଥାଏ । ମହାଳୟା ଅମାବାସ୍ୟା ତିଥିରେ ରଥର ଅଧିବାସ କର୍ମ ଓ ପ୍ରତିପଦ୍ ତିଥିରେ ରଥ ପ୍ରତିଷ୍ଠା କରାଯାଏ । ପ୍ରତିଷ୍ଠା ମଣ୍ଡପରେ ଦ୍ୱାରପାଳ ପୂଜା, ତୋରଣ ପୂଜା, ରଥ ଦେବତାଙ୍କର ଆବାହନ, ପାର୍ଶ୍ୱ ଦେବତାମାନଙ୍କର ପୂଜା ଓ ଯଜ୍ଞକାର୍ଯ୍ୟ କରାଯାଇଥାଏ । ଏହି ରଥରେ ନବଗ୍ରହ, ଅଷ୍ଟଦିକ୍‌ପାଳ, ନବଦୁର୍ଗା ତଥା ସିଦ୍ଧ, ଚାରଣ, ଗନ୍ଧର୍ବ ପ୍ରଭୃତି ଅବସ୍ଥାନ କରିଥାନ୍ତି ଏହି ରଥର ସାରଥି ସ୍ୱୟଂ ଚତୁର୍ମୁଖ ବ୍ରହ୍ମା । ରଥରେ ଅଶ୍ୱ, ସିଂହ ଓ ଦୁଇଟି ହାତୀ ସଂଯୁକ୍ତ ହୋଇଥାନ୍ତି ।

ପ୍ରତିପଦ୍ ତିଥିରେ ରଥ ପୂଜାପରେ ଦେବୀଙ୍କର ବିଜେ ପ୍ରତିମା "ଆଶାଦଣ୍ଡ" ରଥରେ ବିରାଜମାନ କରନ୍ତି । ତାହାପରେ ରଥଯାତ୍ରା ଆରମ୍ଭ ହୁଏ । ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ନବଦିବସାତ୍ମକ ରଥଯାତ୍ରା ବିରଜାକ୍ଷେତ୍ରର ଏକ ଅନନ୍ୟ ପରମ୍ପରା । ଏହି ସମୟରେ ଦେବୀଙ୍କୁ ରଥରେ ଦର୍ଶନ କଲେ ମନୁଷ୍ୟ ପଞ୍ଚସୂନା ପାତକରୁ ମୁକ୍ତ ହୋଇ ଦେବୀଙ୍କ ସାଯୁଜ୍ୟ ଲାଭ କରିଥାନ୍ତି । ରଥଯାତ୍ରାର ପରିସମାପ୍ତି ପରେ ନିଶାର୍ଦ୍ଧରେ ମଙ୍ଗଳବାଦ୍ୟ ସହିତ ଭକ୍ତମାନେ ବିଜେ ପ୍ରତିମାଙ୍କୁ ବିରଜା ମନ୍ଦିରର ପୂର୍ବ ଦିଗରେ ଅବସ୍ଥିତ ଡାକେଶ୍ୱରୀଙ୍କ ନିକଟକୁ ନେଇଥାନ୍ତି । ଦେବୀଙ୍କୁ ବେଦୀ ଉପରେ ସ୍ଥାପନ କରି ପୂଜକ ବିଧି ଅନୁସାରେ ମହାମାରୀ ମନ୍ତ୍ରରେ ପୂଜା କରିଥାନ୍ତି । ତାହାପରେ ଦେବୀଙ୍କ ହସ୍ତରେ ଧନୁଶର ଅର୍ପଣ କରାଯାଏ । ପୂଜକ ଦେବୀଙ୍କ ପ୍ରତିନିଧିରୂପେ ଚାରି ଦିଗକୁ ଚାରୋଟି ଶର ନିକ୍ଷେପ କରିଥାନ୍ତି । ତାହାପରେ ଦେବୀଙ୍କୁ ବିମାନରେ ବସାଇ ମନ୍ଦିରକୁ ନେଇଆସନ୍ତି । ଏହାପରେ ବିଜେ ପ୍ରତିମାଙ୍କୁ ସିଂହାସନରେ ପୂର୍ବ ପରି ସ୍ଥାପନ କରାଯାଇ ସୁମିଷ୍ଟ ପଣା ଅର୍ପଣପୂର୍ବକ ଦେବୀଙ୍କୁ ବିଶ୍ରାମ ଦିଆଯାଏ । ଏହା ନିଶ୍ଚିତ ଯେ ବିରଜାକ୍ଷେତ୍ରରେ ରଥଯାତ୍ରାର ପରମ୍ପରା ଅତି ପ୍ରାଚୀନ ଓ ଶକ୍ତି ସଂସ୍କୃତିରେ ଏକ ସ୍ୱତନ୍ତ୍ର ଅଧ୍ୟାୟ । କେବଳ ଶକ୍ତିପଲ୍ଲବ ନାମକ ତନ୍ତ୍ରରେ ଦେବୀଙ୍କ ରଥଯାତ୍ରାର ବିଧିବିଧାନ ବିଷୟରେ ବିଶେଷ ବର୍ଣ୍ଣନା ଉପଲବ୍ଧ ହୁଏ । ଶାରଦୀୟ ପୂଜାର ମଙ୍ଗଳମୟ ବିଧିରେ ଦେବୀ ବିରଜା ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ କରନ୍ତି - ଏହା ଆମର ପ୍ରଚଳିତ ବିଶ୍ୱାସ ।

# ଅହିଂସାର ପୂଜାରୀ ତଥା ଶାନ୍ତିର ଦୂତ ଥିଲେ ମହାନ ଶାସକ ମହାରାଜା ଶ୍ରୀ ଅଗ୍ରସେନ

ସମ୍ପତ କୁମାର ଅଗ୍ରୱାଲ
ବରିଷ୍ଠ ସାମ୍ବାଦିକ
ଜିଲା ପ୍ରତିନିଧି,
ଆକାଶବାଣୀ,
ଦୂରଦର୍ଶନ ସମାଚାର
ବୌଦ୍ଧ - ୭୬୨୦୧୪
ମୋ- ୯୯୩୭୦୬୦୧୯୬

ବ୍ୟକ୍ତି, ସମାଜ, ରାଷ୍ଟ୍ର ଏବଂ ବିଶ୍ୱର ଅଗ୍ରଗତି ମୂଳତଃ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଏବଂ ସାମାଜିକ ଆଦି ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ଏହି ଚାରି ସ୍ତମ୍ଭକୁ ମଜବୁତ କରି ଏକ ଉନ୍ନତ ରାଷ୍ଟ୍ରର ନୂତନ ନିର୍ମାଣ ପାଇଁ ମହାରାଜା ଶ୍ରୀ ଅଗ୍ରସେନଙ୍କ ଜୀବନ ଦର୍ଶନ ଏକ ଆଧାର ହୋଇପାରିଛି । ଗୁଣି, ବିଦ୍ୱାନ, ପ୍ରଜାବତ୍ସଳ, କୁଶଳୀ ଶାସକଙ୍କ ଖ୍ୟାତି କେବଳ ଗୋଟିଏ ଯୁଗରେ ସୀମିତ ରୁହେ ନାହିଁ । ତାଙ୍କ ଜନ କଲ୍ୟାଣ ଚିନ୍ତାଧାରା ସମୟହୀନ ହେବା ସହ ଯୁଗ ଯୁଗ ଧରି ସମାଜକୁ ମାର୍ଗଦର୍ଶନ ପ୍ରଦାନ କରିଥାଏ । ଏହିପରି ଶାସକମାନଙ୍କ ଦ୍ୱାରା କେବଳ ଲୋକମାନେ ନୁହଁନ୍ତି, ସଭ୍ୟତା ଏବଂ ସଂସ୍କୃତି ମଧ୍ୟ ସମୃଦ୍ଧ ଏବଂ ଶକ୍ତିଶାଳୀ ହୋଇଥାଏ । ଏହିପରି ଶାସକମାନଙ୍କ ଦୃଷ୍ଟିରେ କେବଳ ସତ୍ତା ହାସଲ କରିବା ସର୍ବୋପରି ନୁହେଁ, ବରଂ ସମାଜ ଏବଂ ମାନବିକତାର ଉତ୍ଥାନ ଓ କଲ୍ୟାଣ ଅଟେ । ଏପରି ଜଣେ ମହାନ ଶାସକ ଥିଲେ ମହାରାଜା ଶ୍ରୀ ଅଗ୍ରସେନ । ସେ କେବଳ ଜଣେ କର୍ମଯୋଗୀ ଲୋକନାୟକ ନଥିଲେ ବରଂ ଏକ ସନ୍ତୁଳିତ ଏବଂ ଆଦର୍ଶ ସମାଜବାଦୀ ବ୍ୟବସ୍ଥାର ସୃଷ୍ଟିକର୍ତ୍ତା ମଧ୍ୟ ଥିଲେ । ସେ ସମାଜବାଦର ଅଗ୍ରଦୂତ, ଗଣତନ୍ତ୍ରର ପ୍ରତିଷ୍ଠାତା, ଅହିଂସାର ପୂଜାରୀ ତଥା ଶାନ୍ତି ଦୂତ ଥିଲେ । ପ୍ରକୃତରେ ତାଙ୍କ ଯୁଗ ରାମରାଜ୍ୟ ରଏକ ପ୍ରତୀକ ଥିଲା, ଯେଉଁଥିରେ ସେ ତାଙ୍କର ଆଦର୍ଶ ଜୀବନ ଓ କାର୍ଯ୍ୟ ମାଧ୍ୟମରେ ସମଗ୍ର ମାନବ ସମାଜକୁ ମହାନତାର ମାର୍ଗ ଦେଖାଇଥିଲେ । ସେହି ଯୁଗରେ, ଲୋକମାନେ ଖରାପ ନଥିଲେ, ସେମାନଙ୍କ ଚିନ୍ତାଧାରା ଖରାପ ନଥିଲା, କିମ୍ବା କାର୍ଯ୍ୟ କଳାପ ମଧ୍ୟ ଖରାପ ନଥିଲା । ରାଜା ଓ ପ୍ରଜାଙ୍କ ମଧ୍ୟରେ ବିଶ୍ୱାସ ଥିଲା । ମହାରାଜା ଶ୍ରୀ ଅଗ୍ରସେନ ସେ ସମୟରେ ଆଲୋକ ବର୍ତିକା , ସେ ସମୟର ସୂର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାହାର ଜନ୍ମ ବାର୍ଷିକୀ ଆଜି ପାଳନ କରାଯାଉଛି । ମହାରାଜା ଶ୍ରୀ ଅଗ୍ରସେନ ହେଉଛନ୍ତି ଅଗ୍ରୱାଲ ଜାତିର ପିତୃପୁରୁଷ । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଆଜକୁ ପ୍ରାୟ ୫୨୦୦ ବର୍ଷ ପୂର୍ବେ ଦ୍ୱାପର ଯୁଗର ଅନ୍ତିମ ଓ କଳିଯୁଗର ପ୍ରାରମ୍ଭରେ ଆଶ୍ୱିନ୍ ଶୁକ୍ଳ ପ୍ରତିପଦା ଦିନ ମହାରାଜା ଶ୍ରୀ ଅଗ୍ରସେନ ଜନ୍ମଲାଭ କରିଥିଲେ । ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ପ୍ରଭୁ ଶ୍ରୀ ରାମଙ୍କ ୩୪ ତମ ପିଢ଼ିରେ ସୂର୍ଯ୍ୟ ବଂଶୀ କ୍ଷତ୍ରିୟ କୁଳର ପ୍ରତାପନଗରର ମହାରାଜା ବଲ୍ଲଭସେନଙ୍କ ଘରେ ଜନ୍ମ ହୋଇଥିଲେ । ବର୍ତ୍ତମାନ ପ୍ରତାପନଗର ରାଜସ୍ଥାନ ଏବଂ ହରିୟାଣା ରାଜ୍ୟ ସୀମାରେ ସରସ୍ୱତୀ ନଦୀ କୂଳରେ ଅବସ୍ଥିତ । ରାଜା ବଲ୍ଲଭସେନଙ୍କର ଅଗ୍ରସେନ ଏବଂ ଶୁରସେନ୍ ନାମକ ଦୁଇଟି ପୁତ୍ର ଥିଲେ । ଅଗ୍ରସେନ ମହାରାଜ ବଲ୍ଲଭସେନଙ୍କ ବଡ ପୁଅ ଥିଲେ । ମହାରାଜା ଅଗ୍ରସେନଙ୍କ ଜନ୍ମ ସମୟରେ ଗର୍ଗ ଋଷି ମହାରାଜା ବଲ୍ଲଭସେନଙ୍କୁ କହିଥିଲେ ଯେ ଅଗ୍ରସେନ ଜଣେ ମହାନ ରାଜା ହେବେ । ତାଙ୍କ ରାଜ୍ୟରେ ଏକ ନୂତନ ଶାସନ ବ୍ୟବସ୍ଥା ଅଭ୍ୟୁଦୟ ହେବ ଏବଂ ହଜାର ହଜାର ବର୍ଷ ପରେ ମଧ୍ୟ ତାଙ୍କ ନାମ ଅମର ହୋଇ ରହିବ । ମହାରାଜ ବଡ ହେବା ପରେ ରାଜକାର୍ଯ୍ୟ ସହିତ ବେଦଶାସ୍ତ୍ର, ଅର୍ଥଶାସ୍ତ୍ର ଏବଂ ଅସ୍ତ୍ରଚାଳନା ମଧ୍ୟ କରିଥିଲେ । ପିତାଙ୍କ ଅନ୍ତେ ରାଜ୍ୟ ଶାସନ ଗ୍ରହଣ କରିଥିଲେ ଏବଂ ସେ ଜଣେ ପ୍ରତାପୀ ରାଜା ଥିଲେ । ତାଙ୍କର ପ୍ରମୁଖ ରାଣୀ ଥିଲେ ନାଗରାଜ କୁମୁଦଙ୍କ କନ୍ୟା ମହାରାଣୀ ମାଧବୀ । ମାଧବୀଙ୍କ ସହିତ ବିବାହ ପରେ ମହାରାଜଙ୍କ ଶକ୍ତି ଦ୍ୱିଗୁଣିତ ହୋଇଥିଲା । ମହାରାଜା ଶ୍ରୀ ଅଗ୍ରସେନଙ୍କୁ ସମାଜବାଦର ଅଗ୍ରଦୂତ କୁହାଯାଏ । ମହାରାଜ ଶ୍ରୀ ଅଗ୍ରେସନ ଜଣେ ଭବିଷ୍ୟଦର୍ଶୀ ଥିଲେ , ଏଣୁ ଭବିଷ୍ୟତର ବିକଟ ପରିସ୍ଥିତିକୁ ଜାଣିପାରି ରାଜ୍ୟବାସୀଙ୍କୁ ସମତା, ଅହିଂସା ଏବଂ ଗଣରାଜ୍ୟର ମୁଳମନ୍ତ୍ର ପ୍ରଦାନ କରିଥିଲେ । ହଜାର ହଜାର ବର୍ଷ ପୂର୍ବେ ପ୍ରଦାନ କରିଥିବା ଶିକ୍ଷା ଆଜି ମଧ୍ୟ ସେତେ ମହତ୍ୱପୂର୍ଣ୍ଣ ଅଟେ ଯାହା ସେହି ସମୟରେ ରହିଥିଲା । ସମାଜବାଦର ସଂଦେଶ ରୂପେ 'ଗୋଟିଏ ଇଟା ଓ ଗୋଟିଏ ମୁଦ୍ରା' ର ମନ୍ତ୍ର ପ୍ରଦାନ କରିଥିଲେ । ଅଗ୍ରୋହା ରାଜ୍ୟରେ ଲକ୍ଷ୍ୟାଧିକ ପରିବାର ବାସ କରୁଥିଲେ । ଅନୁମତି କ୍ରମେ ଯଦି କୌଣସି ବାହାରର ଲୋକ ରାଜ୍ୟ ମଧ୍ୟକୁ ଆସେ କିମ୍ବା କୌଣସି କାରଣରୁ ଗରିବ ହୋଇଯାଏ ତେବେ ପ୍ରତି ପରିବାର ପକ୍ଷରୁ ଉକ୍ତ ଆଗନ୍ତୁକଙ୍କୁ ଗୋଟିଏ ଲେଖାଁଏ ଇଟା ଏବଂ ଗୋଟିଏ ଲେଖାଁଏ ମୁଦ୍ରା ପ୍ରଦାନ କରାଯାଉଥିଲା । ଫଳସ୍ୱରୂପ ସେ ପାଇଥିବା ଏକ ଲକ୍ଷ ଇଟା ଦ୍ୱାରା ନିଜର ବାସଗୃହ ନିର୍ମାଣ କରିବା ସହ ଏକ ଲକ୍ଷ ମୁଦ୍ରାରେ ନିଜର ବ୍ୟବସାୟ କରୁଥିଲା । ଅଗ୍ରୋହା ରାଜ୍ୟରେ ଏହି ମନ୍ତ୍ରର ପ୍ରଭାବରେ କୌଣସି ବ୍ୟକ୍ତି ଗରିବ ନ ଥିଲେ ଏବଂ ଧନୀ ଗରିବ ମଧ୍ୟରେ ପାର୍ଥକ୍ୟ ମଧ୍ୟ ନ ଥିଲା । ତାଙ୍କର ପ୍ରେରଣା ଦ୍ୱାରା ହିଁ ଆଜି ତାଙ୍କର ବଂଶଜ (ଅଗ୍ରୱାଲା ) ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛନ୍ତି । ମହାରାଜା ଶ୍ରୀ ଅଗ୍ରସେନ ଏକ ନୂତନ ବ୍ୟବସ୍ଥା ଜନ୍ମ ଦେଇଥିଲେ । ବୈଦିକ ସନାତନ ଆର୍ଯ୍ୟ ସଂସ୍କୃତିର ମୌଳିକ ବିଶ୍ୱାସକୁ କାର୍ଯ୍ୟକାରୀ କରିବା ସହିତ କୃଷି, ବାଣିଜ୍ୟ, ଶିଳ୍ପ, ଗୋ ପାଳନର ବିକାଶ ସହିତ ନୈତିକ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା କରି ରାଜ୍ୟ ଗଠନ କରିବାରେ ନେତୃତ୍ୱ ନେଇଥିଲେ । ମହାରାଜ ଶ୍ରୀ ଅଗ୍ରସେନ ୧୦୮ ବର୍ଷ ଶାସନ କରିଥିଲେ । ତାଙ୍କ ଜୀବନରେ ମୂଳତଃ ତିନୋଟି ଆଦର୍ଶ ରହିଥିଲା - ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା, ଅର୍ଥନୈତିକ ସମାନତା ଏବଂ ସାମାଜିକ ସମାନତା । ମହାରାଜ ଅଗ୍ରେସନ କେବଳ ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ ତାହା ନୁହେଁ ତାଙ୍କ ରାଜ୍ୟ ବିଭବଶାଳି, ଶକ୍ତିଶାଳୀ ଏବଂ ସୁସଜ୍ଜିତ ରହିଥିଲା । ନିଜ ରାଜ୍ୟରେ ଗଣତନ୍ତ୍ର ପ୍ରଣାଳିର ସ୍ଥାପନା କରିଥିଲେ । ରାଜତନ୍ତ୍ର ଶାସନ ରହିଥିଲେ ମଧ୍ୟ ରାଜ୍ୟକୁ ୧୮ ଟି ଗଣରାଜ୍ୟ (ପ୍ରଦେଶ) ରୂପେ ପ୍ରତିଷ୍ଠା ସହିତ ଗଣତାନ୍ତ୍ରିକ ଶାସନ ପ୍ରଣାଳୀ ସହିତ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରିଥିଲେ । ତାଙ୍କର ମୂଳମନ୍ତ୍ର ଥିଲା - ପରିଶ୍ରମ ଏବଂ ଉଦ୍ୟୋଗ ମାଧ୍ୟମରେ ଅର୍ଥ ଉପାର୍ଜନ ଏବଂ ତାହାର ସୁଷମ ଓ ସମାନ ବିତରଣ । ଆଜି ମଧ୍ୟ ଅଗ୍ରୱାଲା ସମାଜ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରୁଥିଲେ ମଧ୍ୟ କଠିନ ପରିଶ୍ରମ ମାଧ୍ୟମରେ ଅର୍ଜିତ ଅର୍ଥର ଅନେକ ଅଂଶ ଜନହିତ କାର୍ଯ୍ୟରେ ବିନିଯୋଗ କରିଥାନ୍ତି । ସମାଜ ଦ୍ୱାରା ନିର୍ମିତ ସ୍କୁଲ , କଲେଜ, ଧର୍ମଶାଳା , ମଠ, ମନ୍ଦିର, କୁପ, ପୋଖରୀ ଏବଂ ଡାକ୍ତରଖାନା ଗୁଡିକ ଏହାର ଉଦାହରଣ ଅଟେ । ସେହି ସମୟରେ ରାଜା ମହାରାଜା ମାନେ ଧର୍ମ ଅର୍ଜନ ନିମନ୍ତେ ବଡ ବଡ ଯଜ୍ଞ ମାନ ଆୟୋଜନ କରୁଥିଲେ । ମହାରାଜ ଅଗ୍ରେସନ ମଧ୍ୟ ମାନବ କଲ୍ୟାଣ ହେତୁ ୧୮ ଟି ଯଜ୍ଞର ଆୟୋଜନ କରିଥିଲେ । ୧୭ ଟି ଯଜ୍ଞ ସଂପୁର୍ଣ୍ଣ ବିଧି- ବିଧାନ ସମାପ୍ତ ହେବାପରେ ୧୮ ତମ ଯଜ୍ଞର ଶେଷ ପର୍ଯାୟରେ ମହାରାଜାଙ୍କର ଜ୍ଞାନୋଦୟ ହୋଇଥିଲା ଏବଂ ମୁକ ଓ ନିରିହ ପଶୁ ମାନଙ୍କର ହତ୍ୟା କରାଯିବା ଅନୁଚିତ ଅନୁଭବ କରି ବଂଶଜ ଏବଂ ରାଜ୍ୟବାସୀଙ୍କୁ ଜୀବହତ୍ୟା ବନ୍ଦ କରିବା ସହ ଅଂହିସାର ମନ୍ତ୍ର ପ୍ରଦାନ କରିଥିଲେ । ମହାରାଜଙ୍କ ବିଚାରଧାରାର ପ୍ରଭାବରେ ହିଁ ଆଜି ଅଗ୍ରୱାଲା ସମାଜ ଶାକାହାରୀ, ଅଂହିସା ବାଦୀ ଏବଂ ଧର୍ମ ପରାୟଣ ଜାତି ରୁପେ ପ୍ରତିଷ୍ଠା ଲାଭ କରିଛି । ଏକ ନିର୍ଦ୍ଦିଷ୍ଟ ବୟସ ହାସଲ କରିବା ପରେ ମହାରାଜା ଶ୍ରୀ ଅଗ୍ରସେନ କୁଳଦେବୀ ମହାଲକ୍ଷ୍ମୀଙ୍କ ପରାମର୍ଶ କ୍ରମେ ସେ ରାଜ୍ୟଭାର ତାଙ୍କ ବଡ଼ପୁଅଙ୍କୁ ଦେଇଥିଲେ ଏବଂ ତପସ୍ୟା କରିବାକୁ ବାନପ୍ରସ୍ଥ ଗ୍ରହଣ କରିଥିଲେ । ଥରେ ଆଗ୍ରୋହରେ ଏକ ବିରାଟ ଅଗ୍ନିକାଣ୍ଡ ଘଟିଥିଲା । ସେହି ଅଗ୍ନିକାଣ୍ଡ ଯୋଗୁଁ ହଜାର ହଜାର ଲୋକ ବାସହୀନ ହୋଇ ଜୀବିକା ଅନ୍ୱେଷଣରେ ଭାରତର ବିଭିନ୍ନ ରାଜ୍ୟକୁ ଯାଇଥିଲେ, କିନ୍ତୁ ସେମାନେ ସେମାନଙ୍କର ପରିଚୟ ଛାଡ଼ି ନାହାଁନ୍ତି । ଆଜି ବି ସେମାନେ ସମସ୍ତେ -------

ବୋଲି କହିବାକୁ ପସନ୍ଦ କରନ୍ତି । ଆଜି ବି ସମସ୍ତେ ମହାରାଜ ଅଗ୍ରସେନଙ୍କ ଦ୍ୱାରା ପରିଚାଳିତ ପଥ ଅନୁସରଣ କରି ସମାଜର ସେବା କରିବାରେ ନିୟୋଜିତ ଅଛନ୍ତି । ଏକ ସର୍ଭେ ଅନୁଯାୟୀ ଦେଶର ମୋଟ ଆୟକର ଦାତାଙ୍କ ୨୪ ପ୍ରତିଶତରୁ ଅଧିକ ମହାରାଜା ଶ୍ରୀ ଅଗ୍ରସେନଙ୍କ ବଂଶଧର ଅଟନ୍ତି । ସମୁଦାୟ ସାମାଜିକ ଏବଂ ଧାର୍ମିକ ଦାନର ୬୨ ପ୍ରତିଶତ ମହାରାଜା ଶ୍ରୀ ଅଗ୍ରସେନଙ୍କ ବଂଶଧରଙ୍କ ଅଟେ । ଅଗ୍ର ବଂଶଧର ହେଉଛନ୍ତି , ଦେଶର ମୋଟ ଜନସଂଖ୍ୟାର ମାତ୍ର ୧ ପ୍ରତିଶତ, କିନ୍ତୁ ସେମାନେ ଦେଶର ସାମଗ୍ରିକ ବିକାଶରେ ୨୫ ପ୍ରତିଶତ ଯୋଗଦାନ ଦେଇଛନ୍ତି । ନିଜକୁ ସଂଗଠିତ କରି ଆମେ ମହାରାଜା ଶ୍ରୀ ଅଗ୍ରସେନଙ୍କ ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହୋଇପାରିବା । ଆମେ ଆମର ଶକ୍ତି ଏବଂ ସମୃଦ୍ଧତା ସହିତ ଦେଶର ବିକାଶରେ ସହଯୋଗ କରିପାରିଲେ, ସେହି ମହାନ ସମାଜ ନିର୍ମାଣ ଶାସକଙ୍କ ପାଇଁ ତାହା ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ହେବ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୭ ଅକ୍ଟୋବର ୨୦୨୪ ସୋମବାର





## ସକାଳ ୭ଟାରୁ ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ଭିଡ଼

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

‘ସୁଭଦ୍ରା’ ଯୋଜନାରେ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବା ନେଇ ଘୋଷଣା କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଅନ୍ୟପକ୍ଷରେ ଏହି ଯୋଜନାରେ ସାମିଲ୍ ହେବା ନେଇ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଦୁର୍ଗାପୂଜା ନିମନ୍ତେ ବ୍ୟାଙ୍କ ଛୁଟି ରହିବ । ଯାହାକୁ ନେଇ ନିଜ ନିଜର ଚଳନ୍ତି ଖାତାକୁ ଅପଡେଟ୍ କରିବା ପାଇଁ ମହିଳା ଗ୍ରାହକମାନେ ସକାଳ ୭ଟା ଠାରୁ ବ୍ୟାଙ୍କ ଫାଟକ ଆଗରେ ଲମ୍ବା ଲାଇନ୍ ଲଗାଉଛନ୍ତି । ମହିଳାମାନଙ୍କ ଖାତାକୁ ପ୍ରଥମ କିସ୍ତି ନଆସିବାରୁ ସେମାନେ ନିଜ ନିଜର ଚଳନ୍ତି ଖାତାର ପୁନଃ ପ୍ରଚଳନ ପାଇଁ ବ୍ୟାଙ୍କକୁ ଧାଇଁ ଆସୁଛନ୍ତି । ବିଶେଷ କରି ବ୍ୟାଙ୍କରେ ଇ-କେୱାଇସି କରିବା ପାଇଁ ଶହ ଶହ ମହିଳା ଗ୍ରାହକ ପିଲାଛୁଆଙ୍କ ସମେତ ଯୁବତୀ ଓ ବୃଦ୍ଧାମାନେ ସକାଳ ୭ଟାରେ ରସୁଲପୁର ବ୍ଲକ ବ୍ରହ୍ମବରଦା ବ୍ୟାଙ୍କଛକ ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡିରେ ଛିଡା ହେଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବ୍ୟାଙ୍କ ସକାଳ ୧୦ଟାରେ ଖୋଲିବା ପରେ ବ୍ୟାଙ୍କ ପକ୍ଷରୁ ଇ-କେୱାଇସି କରିବା ପାଇଁ ଲମ୍ବା ଲାଇନ୍ର ଆଗ ଧାଡିରେ ଥିବା ଗ୍ରାହକଙ୍କୁ ୫୦ ଗୋଟି ଟୋକନ୍ ଧରାଇ ଦେଉଛନ୍ତି । ଫଳରେ ଅନ୍ୟ ଗ୍ରାହକ ଟୋକନ୍ ନପାଇ ଘଣ୍ଟା ଘଣ୍ଟା ଅପେକ୍ଷାକରି ଘରକୁ ଫେରୁଛନ୍ତି । ଅସହ୍ୟ ଗୁଳୁଗୁଳିରେ ସକାଳ ୭ଟାରୁ ଲମ୍ବା ଧାଡି ଲାଗି ସେମାନଙ୍କ କାମ ନହେବାରୁ ଗ୍ରାହକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ନେଟ୍ ନରହିବାରୁ ବ୍ୟାଙ୍କ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି । ଅନ୍ୟ ଗ୍ରାହକ ମାନଙ୍କର ବ୍ୟାଙ୍କ କାମନକରି ପାରିବାରୁ ସେମାନେ ବି ଅସନ୍ତୋଷ ପ୍ରକାଶ କରୁଛନ୍ତି ।

# ମହଙ୍ଗା ପଡ଼ିଲା ମାତ୍ରାଧିକ ଖଣିଜ ଉତ୍ତୋଳନ:୨୪ କୋଟି ଜରିମାନା

**ଭାପୁର, ନ୍ୟୁଜ୍ ବ୍ୟୁରୋ**

ବର୍ଷ ବର୍ଷ ଧରି ବେଆଇନ୍ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ହେଉଥିଲା ଏପରିକି ଧାର୍ଯ୍ୟ ନିୟମ ବାହାରେ ଲକ୍ଷାଧିକ ଘନମିଟରେ ପଥର ବାହାରକୁ ଚାଲାଣ କରାଯାଇଛି ତେବେ ବିଭାଗୀୟ ଅନୁସନ୍ଧାନ ଏବଂ ଜ୍ଞାନକୌଶଳ ଆଧାରିତ ସର୍ଭେ ଦ୍ୱାରା ଦୁର୍ନୀତି ଧରାପଡିଥିବା ବେଳେ ଜିଲ୍ଲା ଖଣି ବିଭାଗ ଜରିମାନ କଷିଛି । ନୟାଗଡ଼ ଜିଲ୍ଲାର ବହୁଚର୍ଚ୍ଚିତ କାଶିଆ ପାହାଡ଼ ପଥର ଖଣିରୁ ବେଆଇନ୍ ଖନନ ଅଭିଯୋଗରେ ୨୪ କୋଟି ଜରିମାନା କରିଛି । ନୟାଗଡ ଜିଲ୍ଲା ଖଣି ବିଭାଗ ଏହି ସଇରାତକୁ ବେଣୁଧର ପ୍ରଧାନଙ୍କ ନାମରେ ନିଲାମ ଦିଆଯାଇଥିବା ବେଳେ ସରକାରୀ ନିୟମ ବାହାରେ ଏଠାରୁ ଲକ୍ଷାଧିକ ଘନମିଟରରୁ ଉର୍ଦ୍ଧ୍ୱ ପଥର ଉତ୍ତୋଳନ କରାଯାଇଥିବା ଏବଂ ଏହାକୁ କ୍ରସର ଅଞ୍ଚଳରେ ଜମା କରାଯାଇଥିବା ଭଳି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଗତ ଜୁଲାଇ ୨୫ ତାରିଖରେ ନୟାଗଡ଼ ଜିଲ୍ଲା ଖଣି ଅଧିକାରୀ ଈଶ୍ୱରଚନ୍ଦ୍ର ପ୍ରଧାନଙ୍କ ସମେତ ଡିଏଫ୍ଓ, ଭାପୁର ତହସିଲଦାର ଓ ପୋଲିସ ଖଣି ଉପରେ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଅତ୍ୟଧିକ ପଥର ବୃଷ୍ଟି ହୋଇଥିବା ଜଣାପଡ଼ିଥିବା ବେଳେ ଏହାକୁ ଆକଳନ କରିବା ସମ୍ଭବ ନଥିଲା । ଭୁବନେଶ୍ୱର ଓରସାକ ଟିମ୍ ଦ୍ୱାରା ସର୍ଭେ କରାଯିବା ପରେ ଅତ୍ୟଧିକ ପଥର ଉତ୍ତୋଳନ ହୋଇଥିବା ସ୍ପଷ୍ଟ ହୋଇଥିଲା । ଖାଲି ସେତିକି ନୁହେଁ, ପଥରଖଣି ବାହାରେ ଅତ୍ୟଧିକ ବୃଷ୍ଟି ହୋଇଥିବା ଏବଂ ପରିବହନ ସମୟରେ ୱାଇ ଫର୍ମରେ ବ୍ୟାପକ ହେର୍ଫେର୍ ହୋଇଥିବା ଜାଣିବାକୁ ପାଇଛି ତଦନ୍ତକାରୀ ଟିମ୍ । ସେହିପରି ବିଭାଗ ପକ୍ଷରୁ ହୋଇଥିବା ୨୪ କୋଟି ଟଙ୍କା ଜରିମାନାକୁ ଗତ ସେପ୍ଟେମ୍ବର ମାସ ୨୦ ତାରିଖ ସୁଦ୍ଧା ଜମା କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଯାବତ ତାହା ଜମା ହୋଇନଥିବା ସୂଚନା ମିଳିଛି । ଏବେ ମଧ୍ୟ ସେଠାରେ ବେଆଇନ୍ ବୃଷ୍ଟି ଓ ପରିବହନ ଚାଲୁ ରହିଛି । ଉଲ୍ଲେଖଯୋଗ୍ୟ ଯେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଭାପୁର କାଶିଆ ପାହାଡ଼ ପଥର ଖଣି ଦ୍ୱାରା ଧନଜୀବନ ହାନି ହେଉଥିବା ନେଇ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା:ସେବାରୁ ବଞ୍ଚିତ ପର୍ଯ୍ୟଟକ

**ନିମାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଚରିଚ୍ଛକ-ନିଆଳି ରାସ୍ତାର ଚନ୍ଦ୍ରମଉଳି ଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ୩ ମାସ ଧରି ବନ୍ଦ ରହିଛି । ଫଳରେ ସେହି ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକ ଓ ପଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ୨୦୧୮ ଜୁଲାଇ ୩୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଟି ଉଦ୍‌ଘାଟିତ ହୋଇଥିଲା । କ୍ଲାନ୍ତ ପଥକଙ୍କ ସାମୟିକ ବିଶ୍ରାମ ଏବଂ ଶୌଚ ପାଇଁ ସମସ୍ତ ସୁବିଧା ରହିଥିଲା । ତେବେ ୩ ମାସରୁ ଉର୍ଦ୍ଧ୍ୱ ହେବ ଏହି ସୁବିଧା କେନ୍ଦ୍ରରେ ତାଲା ଝୁଲୁଛି । କଟକ, ଭୁବନେଶ୍ୱର ଆଦି ସ୍ଥାନରୁ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀ ଜଗନ୍ନାଥ ମନ୍ଦିର, ଅସ୍ତରଙ୍ଗ ପୀର ଜାହାନିଆ, କାକଟପୁର ମା’ ମଙ୍ଗଳାଙ୍କ ମନ୍ଦିର ଆଦି ସ୍ଥାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ବିଶ୍ରାମ ପାଇଁ ଚନ୍ଦ୍ରମଉଳି ଠାରେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା । ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରରେ ୬ ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ । ଏହା ବନ୍ଦ ରହିବା ଫଳରେ କର୍ମଚାରୀମାନେ ୩ ମାସ ଧରି ଦରମା ପାଇନଥିବା ପ୍ରକାଶ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହାର ସୁପରିଚାଳନା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ପୂର୍ତ୍ତବିଭାଗ ଯନ୍ତ୍ରୀ ରବୀନ୍ଦ୍ର ଦଣ୍ଡପାତ ପ୍ରକାଶ କରିଛନ୍ତି । ଏଥିପ୍ରତି ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ତରଭା ଥାନାରେ ରଖିଲେନି ଏତଲା:ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯୁବତୀ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର କେନଝରିଆପାଲିର ଜଣେ ଯୁବତୀ ଆୟଶା ଖାତୁନ ତରଭା ସଦର ଥାନା କୁମ୍ଭାରପଡ଼ା ସ୍ଥିତ ତାଙ୍କ ଭଉଣୀ ଘରକୁ ସେପ୍ଟେମ୍ବର ୨୯ ତାରିଖ ଦିନ ବୁଲିବାକୁ ଯାଇଥିଲେ । ସେହି ଦିନ ସନ୍ଧ୍ୟା ହୋଇଯିବାରୁ ଭଉଣୀ ଘରେ ରହିଯାଇଥିଲା ବେଳେ ପରଦିନ ନିଜ ଘରକୁ ଫେରି ଆସିଥିଲେ । ଆସି ଜାଣିବାକୁ ପାଇଲେ ଯେ ତାଙ୍କ ବ୍ୟାଗରେ ଥିବା ୧୭ ହଜାର ଟଙ୍କା ନାହିଁ । ପରେ ସେ ଭଉଣୀକୁ ଫୋନ୍ କରିବାରୁ ଟଙ୍କା ନିଜ ଭିଣୋଇ ନେଇଥିବା କହି ଧମକ ଦେଇଥିଲେ । ପରେ ଆୟଶା ତରଭା ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ତରଭା ଥାନାରେ ଥିବା ଏସ୍ଆଇ ତାଙ୍କୁ ସହଯୋଗ କରିନଥିଲେ କି ତାଙ୍କ ଏତଲା ରଖି ନଥିବା ଅଭିଯୋଗ କରିଛନ୍ତି ଯୁବତୀ । ଏପରିକି ସମ୍ପୃକ୍ତ ଯୁବତୀଙ୍କୁ ସୋନପୁରରେ ତାଙ୍କ ଭିଣୋଇ ଏସିଡ ପକାଇଦେବି ବୋଲି ଧମକ ଦେଇଥିଲେ । ଏ ସମ୍ପର୍କରେ ସୋନପୁର ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ ଆୟଶା । କିନ୍ତୁ ଘଟଣା ତରଭା ଅଞ୍ଚଳରେ ହୋଇଥିବାରୁ ତରଭା ଥାନାରେ ଏତଲା ଦେବା ପାଇଁ ଆଇଆଇସି କହିଥିଲେ । ଏହାକୁ ନେଇ ଗୁରୁବାର ଆୟଶା ନାରୀନେତ୍ରୀ ସୋନାଲି ବିଶିଙ୍କ ସହାୟତାରେ ଏସପି ରାମ ପ୍ରସାଦ ସାହୁଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ଏତଲା ରଖିନଥିବା ଏସ୍ଆଇଙ୍କ ଉପରେ ମଧ୍ୟ କଡ଼ା ଆକ୍ସନ ନେବା ପାଇଁ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ ଶ୍ରୀ ସାହୁ । ଘଟଣାକୁ ଗୁରୁତ୍ୱର ସହ ନେଇ ସଙ୍ଗେ ସଙ୍ଗେ ମାମଲା ରୁଜୁ କରିବାକୁ ତରଭା ଥାନାକୁ ନିର୍ଦ୍ଦେଶ ଦେବା ସହ ଯୁବତୀଙ୍କୁ ପୋଲିସ ଏସ୍କର୍ଟ ସହ ତରଭା ଥାନାକୁ ପଠାଇବା ପରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ଜନସମୁଦ୍ର ପାଲଟିଲା ମା’ ଦ୍ୱାରସେହ୍ନି ଦେବୀଙ୍କ ଡେଙ୍ଗସର୍ଗି ଯାତ୍ରା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଅଞ୍ଚଳର ଅଧିଷ୍ଠାତ୍ରୀ ତଥା ରାଜ ଦେବୀ ମାଁ ଦ୍ୱାରସେହ୍ନିଙ୍କ ପ୍ରସିଦ୍ଧ ଡେଙ୍ଗସର୍ଗି ଯାତ୍ରା ପୂର୍ଣ୍ଣ ସଫଳତା ସହ ସମ୍ପନ୍ନ ହୋଇଯାଇଛି । ପରମ୍ପରା ଅନୁସାରେ ଦେବୀଙ୍କ ଡେଙ୍ଗସର୍ଗି ଯାତ୍ରା ଯଦି ହୁଏ ତାହେଲେ ବିଜୟା ଦଶମୀ ଦିନ ବୋଏଲବୁଲା ଯାତ୍ରା ମଧ୍ୟ ଗୋଟିଏ ପ୍ରକାର ସୁନିଶ୍ଚିତ ହୋଇଥାଏ । ଯାହାକୁ ନେଇ ଅଞ୍ଚଳର ଛୋଟରୁ ବଡ଼ ସମସ୍ତ ବର୍ଗର ଲୋକେ ଅପେକ୍ଷାରେ ଅନାଇ ବସିଛନ୍ତି । ଚଳିତ ବର୍ଷ ସିନ୍ଧେକେଲାରେ ମାଁଙ୍କ ଆଦେଶରୁ ଦୁର୍ଗା ମଣ୍ଡପରେ ନବରାତ୍ର ପୂଜା ଆୟୋଜନ ହେଉଥିବାରୁ ଲୋକଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଡେଙ୍ଗସର୍ଗି ଯାତ୍ରାରେ ଦିହାରି ବୁଢ଼ାରଜା ରୂପରେ ଝପିତଲୁ ବାହାରି ମନ୍ଦିରକୁ ଯାଇ ସେଠାରୁ ନିଜର ସମସ୍ତ ସେବାୟତ ଦଳ ଓ ଛତ୍ରବାଉତି ଦେବୀ ସହ ବରଯାତ୍ରୀ ଢଙ୍ଗରେ ସବୁ ବର୍ଷ ଭଳି ଏଥର ମଧ୍ୟ ଏଠାରୁ ୯ କିଲୋମିଟର ଇଜଗାଁ ଅଭିମୁଖେ ଯାତ୍ରା କରିଥିଲେ । ସାଙ୍ଗରେ ରାଜା ଅରୁଣ ସିଂଦେଓ ବର ସାଜି ସୁସଜ୍ଜିତ ଗାଡ଼ିରେ ଯାଇଥିଲେ । ଇଜଗାଁ ତଥା ରାସ୍ତାରେ ପଡୁଥିବା ସମସ୍ତ ଗ୍ରାମରେ ଲୋକେ ରାଜାଙ୍କୁ ଫୁଲମାଳ ପିନ୍ଧାଇ ବାଦ୍ୟଯନ୍ତ୍ର ଦ୍ୱାରା ସ୍ୱାଗତ କରିଥିଲେ । ଇଜଗାଁ ମନ୍ଦିରରେ ବୁଢ଼ାରଜା ଓ ଦ୍ୱାରସେହ୍ନି ଦେବୀଙ୍କ ରୀତିନୀତି ଅନୁସାରେ ଏକ ପ୍ରକାର ବିବାହ ସମ୍ପନ୍ନ ହେବା ପରେ ଦିହାରି ଶରୀରରେ ଦ୍ୱାରସେହ୍ନି ପ୍ରସନ୍ନ ହୋଇ ସିନ୍ଧେକେଲାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସର୍ବ ପ୍ରଥମେ ଫୁଲ ପିନ୍ଧା ମଣ୍ଡପରେ ପହଞ୍ଚି ଦେବୀଙ୍କୁ ଫୁଲବରିଆ ସେବାୟତ ଦ୍ୱାରା ମନ୍ଦାର ଫୁଲ, ଦହନା ଫୁଲ ପିନ୍ଧାଇ ଦେବୀଙ୍କୁ ସଜା ଯାଇଥିଲା । ତାପରେ ଦେବୀ ମହରା ସେବାୟତ ଘରକୁ ଯାଇ ସେଠାରୁ ଛତ୍ରବାଉତି ମନ୍ଦିର ସମ୍ମୁଖକୁ ଆସିଥିଲା । ସେଠାରେ ପ୍ରବଳ ଭକ୍ତଙ୍କ ଗହଣରେ ଖଣ୍ଡାକୁ ଦେବୀ ନିଜ ଦାନ୍ତରେ ବଙ୍କା କରି ଶକ୍ତି ପ୍ରଦର୍ଶନ କରିବା ସହ ବାଡ଼ି ଖେଳ ନୃତ୍ୟ କରିଥିଲା । ତୁରନ୍ତ ପରେ ରାଜା ଘର ସମ୍ମୁଖରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହା ପରେ ରାଜା ଘର ପାଟପୂଜା ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଡେଙ୍ଗସର୍ଗି ଯାତ୍ରା ପରେ ଆସନ୍ତା ୧୦ ତାରିଖ ମହାଷ୍ଟମୀ ଦିନ ମନ୍ଦିରରେ ବଡ଼ପୁଜା ଓ ୧୨ରେ ବିଜୟା ଦଶମୀ ଦିନ ପ୍ରସିଦ୍ଧ ବୋଏଲବୁଲା ଅର୍ଥାତ ଦେବୀଙ୍କ ଗ୍ରାମ ଭ୍ରମଣ ଯାତ୍ରା ହେବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ଡେଙ୍ଗସର୍ଗି ଯାତ୍ରାରେ ରାଜା ଅରୁଣ ସିଂଦେଓ ସାଙ୍ଗରେ ରାଜ ପରିବାରର ଉଦିତ ନାରାୟଣ ସିଂଦେଓ, ଟିଙ୍କୁ ସିଂଦେଓଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଅୟୁବ ଖାଁ , ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ସମ୍ପାଦକ ଅଜୟ ଶର୍ମା, ସାଂସଦ ପ୍ରତିନିଧି ଅନିଲ ନାଏକ, ଟିଟିଲାଗଡ ବିଧାୟକ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ବାଗ ପ୍ରମୁଖ ସାମିଲ୍ ହୋଇଥିଲେ । ଡେଙ୍ଗସର୍ଗିଯାତ୍ରାରେ ହାରାହାରି ୨୦ ହଜାର ଲୋକଙ୍କ ସମାଗମ ହୋଇ ଜନ ସମୁଦ୍ର ପାଲଟିଥିଲା



## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନୂତନ ରୋଟାରାକ୍ଟ କ୍ଲବ ଗଠନ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମ ସହ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରାମର୍ଶ ତଥା ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବାଲେଶ୍ୱର ରୋଟାରୀ କ୍ଲବର ସହଯୋଗ ଓ ପ୍ରାୟୋଜିତରେ ନୂତନ ରୋଟାରାକ୍ଟ କ୍ଲବ ଗଠନ କରାଯାଇଛି । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ଏହି କ୍ଲବ ଗଠନର ସଂଯୋଜକ ଡ଼କ୍ଟର ପ୍ରତିମା ପ୍ରଧାନ ତଥା ବାଲେଶ୍ୱର ରୋଟାରୀ କ୍ଲବର ପ୍ରେସିଡେଣ୍ଟ କର୍ଣ୍ଣଲ କ୍ଷେତ୍ରମୋହନ ମହାପାତ୍ର, ସେକ୍ରେଟେରୀ ପ୍ରବଳ ସିହ୍ନା, ଉପଦେଷ୍ଟା ସୁବ୍ରତ କୁମାର କର, ଦେବେନ୍ଦ୍ର କୁମାର ଧଳ, ଏସ.କେ ଅସଗର ଅଲ୍ଲୀ, ଚିତ୍ତରଞ୍ଜନ ବେହେରା ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତି ରେ ଏହି କ୍ଲବ ସଂପର୍କିତ ବିଭିନ୍ନ ତଥ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ଏହି କ୍ଲବ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା, ଦାୟିତ୍ୱ ନିର୍ବାହ, ନେତୃତ୍ୱ, ଏକତାଭାବ, ସ୍ୱେଚ୍ଛାସେବୀ ମନୋଭାବ, ଗୋଷ୍ଠୀ ତଥା ସାମାଜିକ ତତ୍ତ୍ୱ ସହ ସଂଯୋଗ ସ୍ଥାପନ ଇତ୍ୟାଦି ସଂପର୍କରେ ଆଲୋଚନା କରାଯାଇଥିଲା । ଦେଶ ଓ ରାଜ୍ୟ ସ୍ତରରେ ରୋଟାରୀ କ୍ଲବ ଓ ଏଥି ଅନ୍ତର୍ଭୁକ୍ତ କାର୍ଯ୍ୟକଳାପର ଭୂମିକା ବିଷୟରେ ଛାତ୍ରଛାତ୍ରୀମାନେ ପଚାରି ବୁଝିଥିଲେ । ଏହାସହିତ ଏହି କ୍ଲବର ପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଥିଲା । ପ୍ରେସିଡେଣ୍ଟ ସ୍ଲୋଗାନ ବାରିକ, ସେକ୍ରେଟେରୀ ମନୀଷା ସାହୁ, ଭାଇସ-ପ୍ରେସିଡେଣ୍ଟ ସୁଶ୍ରୀ ବାରିକ, ଯୁଗ୍ମ ସଚିବ ଋତୁରାଜ ମହାପାତ୍ର, କୋଷାଧକ୍ଷ ଆଶିଷ କୁମାର ସାମଲ ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ରୋଟାରୀ କ୍ଲବର ସଦସ୍ୟଙ୍କୁ ବିଶ୍ୱବିଦ୍ୟାଳୟରେ କ୍ଲବ ଗଠନରେ ସହଯୋଗ ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ଛାତ୍ରଛାତ୍ରୀଙ୍କୁ ଏହି କ୍ଲବର ଅଂଶବିଶେଷ ଭାବେ ସମାଜ ପାଇଁ ନିଷ୍ଠାର ସହିତ କର୍ମ କରିବାକୁ ଉତ୍ସାହିତ କରିଥିଲେ ।

## ନୟାଗଡ଼ ସହରରେ ଆମ ପୋଖରୀ ଯୋଜନା ବାଟବଣା

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**



ସହରାଞ୍ଚଳର ପୋଖରୀକୁ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ଆମ ପୋଖରୀ ଯୋଜନା । ଯାହାଦ୍ୱାରା ପୋଖରୀ ଗୁଡ଼ିକ ପୁଣିଥରେ ତା’ର ପୂର୍ବାବସ୍ଥାକୁ ଫେରି ଆସିବ । କିନ୍ତୁ ନୟାଗଡ଼ ସହରରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ । କେବଳ ପ୍ରସ୍ତାବରେ ପୁନରୁଦ୍ଧାର କାର୍ଯ୍ୟ ଅଟକି ରହିଥିବା ଦେଖିବାକୁ ମିଳିଛି । ଫଳରେ ପୋଖରୀ ଗୁଡ଼ିକ ଏବେ ପୋତି ହେବା ଅବସ୍ଥାକୁ ଆସିଗଲାଣି । ପ୍ରତିଦିନ ଘରର ପୂଜା ସାମଗ୍ରୀ ପୋଖରୀରେ ପକାଇବା ସହ ବହୁ ସମୟରେ ଆବର୍ଜନା ମଧ୍ୟ ପକାଉଛନ୍ତି । ଫଳରେ ପୋଖରୀ ତା’ର ସ୍ୱଚ୍ଛତା ହରାଇ ବସୁଛି । ନୟାଗଡ଼ ସହରରେ ସାଗର ବନ୍ଧ, ବଲାଙ୍ଗୀ ବନ୍ଧ, ପେସ୍କାର ଟ୍ୟାଙ୍କ, ରାମେଶ୍ୱର ଟ୍ୟାଙ୍କ, ଦେୱାନ ବନ୍ଧ-୧, ଦେୱାନ ବନ୍ଧ-୨, ଗୌଡ଼ ସାହି ବନ୍ଧ, ପଟେଲ ବନ୍ଧ, ରହପୁର ବନ୍ଧ ଓ ବେବର୍ତ୍ତାପଲ୍ଲୀ ପୋଖରୀ ଭାବେ ମୋଟ ୧୦ଟି ପୋଖରୀ ରହିଛି । ରତ୍ନପୁର ବନ୍ଧ ଓ ବେବର୍ତ୍ତାପଲ୍ଲୀ ପୋଖରୀ ନୟାଗଡ଼ ବ୍ଲକ ଅଧିନରେ ରହିଥିବା ବେଳେ ପୌର ପରିଷଦ ଅଧିନରେ ଅନ୍ୟ ୮ଟି ପୋଖରୀ ରହିଛି । ସେଥିମଧ୍ୟରୁ ୬ଟି ପୋଖରୀ ‘ଆମ ପୋଖରୀ’ ଯୋଜନାରେ ସାମିଲ୍ ହୋଇଥିବା ବେଳେ ୫ ବର୍ଷ ଧରି ବଲାଙ୍ଗୀ ବନ୍ଧ ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁ ରହିଛି । ସେହିଭଳି ପୁରୁଣା ସହରରେ ରହିଥିବା ବହୁ ପୁରାତନ ସାଗର ପୋଖରୀକୁ ଆଦର୍ଶ ପୋଖରୀ ଭାବେ ରୂପ ଦେବା ନେଇ ପୌର ପରିଷଦ ଲକ୍ଷ୍ୟ ରଖିଛି । ଉକ୍ତ ପୋଖରୀର ଚାରିପଟ ହୁଡ଼ାକୁ ପ୍ରାକୃତିକ ଭାବେ ମାଟିରେ ଥାକ ଥାକ କରି ପାଣିକୁ ସ୍ୱଚ୍ଛ କରୁଥିବା ଏକ ଗଛ ବାହାର ରାଜ୍ୟରୁ ଅଣାଯିବ । ବର୍ଷା ହେଲେ ପାଣି ହୁଡ଼ାରୁ ତଳକୁ ଖସିଲା ବେଳେ ହୁଡ଼ାରେ ଲାଗିଥିବା ସେହି ଗଛ ପାଣିକୁ ସ୍ୱଚ୍ଛ କରିବ । ଏଭଳି ଭାବେ ପୋଖରୀର ପୁନରୁଦ୍ଧାର କରାଯିବ ବୋଲି ପୌର ପରିଷଦ କୁହାଯାଇଛି । ସହରାଞ୍ଚଳରେ ରହିଥିବା ପୋଖରୀ ଗୁଡ଼ିକର ପୁନରୁଦ୍ଧାର ପାଇଁ ୨୦୨୩ ଜୁଲାଇ ୬ରେ ରାଜ୍ୟ ସରକାର ଆମ ପୋଖରୀ ଯୋଜନାର ଶୁଭାରମ୍ଭ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ପୌର ପରିଷଦ ପକ୍ଷରୁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ । ଫଳରେ ପୋଖରୀ ଗୁଡ଼ିକ ଏବେ ଆର୍ବଜନା ଓ ଦଳରେ ଭର୍ତ୍ତି ହେବାକୁ ଲାଗିଲାଣି ।

## ପାଚିକା ଚୟନ ପ୍ରକ୍ରିୟା ନେଇ ବିଡ଼ିଓଙ୍କୁ ଭେଟିଲେ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ଲୁଣ୍ଡରୁଝୋରୀ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପାଚିକା ପଦ ପାଇଁ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ବ୍ଲକସ୍ତରୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ଅଭିଯୋଗ କାର୍ଯ୍ୟକାରୀ ହୋଇନ ଥିବାରୁ ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିବା ଜଣା ପଡିଛି । ସୂଚନା ଅନୁଯାଇ ଲୁଣ୍ଡରୁ ଝୋରୀ ଅଙ୍ଗନ ୱାଡି କେନ୍ଦ୍ରରେ ପାଚିକା ପଦ ପୂରଣ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ପଦବୀ ପାଇଁ ଗ୍ରାମର ତିନିଜଣ ପ୍ରାର୍ଥୀନି ଆବେଦନ କରିଥିଲେ । ଗ୍ରାମବାସୀଙ୍କ କହିବା ମୁତାବକ ତିନି ଜଣଙ୍କ ମଧ୍ୟରୁ ସବୁଠୁ କମ୍ ମାର୍କ ରଖିଥିବା ପ୍ରାର୍ଥୀନୀ, ଅର୍ଥାତ ଉକ୍ତ ଅଙ୍ଗନବାଡିର କର୍ମୀଙ୍କ ଝିଅକୁ ଉକ୍ତ ପଦବୀ ପାଇଁ ଚୟନ କରାଯାଇଛି । ଏ ଚୟନରେ ଅନିୟମିତତା ହୋଇଥିବା ଗ୍ରାମବାସୀ ସିଡିପିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ଘଟଣାକୁ ବିଚାରକୁ ନେବାପାଇଁ ସିଡିପିଓ ଗ୍ରାମବାସୀଙ୍କୁ ସାତ ଦିନ ସମୟ ମାଗିଥିଲେ । ପ୍ରାୟ ଅଠର ଦିନ ବିତିଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିଲା ନାହିଁ । ଏହା ନେଇ ଗ୍ରାମର ଅଭିଭାବକ ମାନେ ଅଙ୍ଗନବାଡି କେନ୍ଦ୍ରକୁ ନିଜର ଛୁଆ ମାନଙ୍କୁ ପାଠ ପଢ଼ିବା ପାଇଁ ଛାଡି ନଥିଲେ ଏବଂ କେନ୍ଦ୍ରରେ ତାଲା ପକାଇଥିଲେ । ଘଟଣା ନେଇ କର୍ମୀ ଜଣକ ମହିଳା ଅଭିଭାବକ ମାନଙ୍କୁ ଗାଳି କରିଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ମହିଳା ମାନେ ହରଭଙ୍ଗା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପହଞ୍ଚି ଗଣ୍ଡା ପାଜୁ କେନ୍ଦ୍ରର ସମସ୍ୟା ଉପରେ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ଜିଲ୍ଲାପାଳ ଏହାର ତଦନ୍ତ କରିବା ପାଇଁ ସିଡ଼ିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଡ଼ିପିଓ କାର୍ଯ୍ୟକାରୀ କରିନଥିବା ଓ ଉକ୍ତ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ହରଭଙ୍ଗା ବିଡ଼ିଓ ଶରତ କୁମାର ସେଠୀଙ୍କ ଦ୍ୱାରସ୍ଥ ହୋଇଥିଲେ । ଏକ ଲିଖିତ ଅଭିଯୋଗ ପତ୍ର ମଧ୍ୟ ଦେଇଥିଲେ । ଏପଟେ ଗ୍ରାମବାସୀ ପାଚିକା ଚୟନ ଅନିୟମିତତା ହୋଇଥିବା ଓ ପୁନଃ ପ୍ରମାଣ ପତ୍ର ଯାଞ୍ଚ କରି ନିଯୁକ୍ତି କରିବାକୁ ଦାବି କରିଛନ୍ତି ।



## ଚଣ୍ଡୀ ମନ୍ଦିରରେ ନବରାତ୍ର ପୂଜା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଧରା ପୃଷ୍ଠରେ ମା’ଙ୍କ ଆଗମନ । ସମସ୍ତ ଦେବୀପୀଠ ଉତ୍ସବ ମୁଖର । ଏହି ନବରାତ୍ର ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ଭାବେ ଆଗେଇ ଚାଲିଛି ଏହି ପୂଜା । ବିଭିନ୍ନ ମନ୍ଦିରରେ ଦେଖିବାକୁ ମିଳିଛି ଆଧାତ୍ମିକ ପରିବେଶ । ଏହି ଅବସରରେ ଯାଜପୁର ଜିଲ୍ଲା ଚଣ୍ଡୀଖୋଲର ପ୍ରସିଦ୍ଧ ଚଣ୍ଡି ମନ୍ଦିର ଚଳଚଞ୍ଚଳ ହୋଇ ଉଠିଛି । ସକାଳୁ ସକାଳୁ ମାଆଙ୍କ ନିକଟରେ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ସ୍ନାନ, ବେଶ, ସୂର୍ଯ୍ୟପୂଜା, ଗୋ-ପୂଜା, ଷୋଡଶ ଉପଚାର ପୂଜା, ୧୦୮ ପଦ୍ମରେ ବଡସିଂହାର ବେଶ, ଚଣ୍ଡିପାଠ, ଘୃତାହୂତି ଓ ମହାଆଳତୀ ନୀତିକାନ୍ତିରେ ପୂଜାର୍ଚ୍ଚନା ଚାଲିଛି । ନବ ଦିନ ଧରି ମାଆଙ୍କ ୯ ଗୋଟି ବେଶ ଓ ୯ ଦେବୀଙ୍କ ନାମରେ ପୂଜା ପାଇବେ । ପୂଜା ଅବସରରେ ଅନେକ ଶ୍ରଦ୍ଧାଳୁ ଅଖଣ୍ଡ ଦୀପ ଲଗାଇ ପୂଜାର୍ଚ୍ଚନା କରି ମା’ଙ୍କ କୃପା ଲାଭ କରିଥିଲେ ।

## ବାଲିଗୁଡ଼ା ବିଜେପି ପକ୍ଷରୁ ଅଧିବକ୍ତା ସଦସ୍ୟତା ଅଭିଯାନ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଜନତା ପାର୍ଟି ଓଡ଼ିଶା ପକ୍ଷରୁ ଅକ୍ଟୋବର ୧ ତାରିଖ ଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ବିଶେଷ ସଦସ୍ୟତା ଅଭିଯାନ ମାଧ୍ୟମରେ ବାଲିଗୁଡା ନିର୍ବାଚନ ମଣ୍ଡଳୀର ଅଧିବକ୍ତା ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଦସ୍ୟତା ଅଭିଯାନ ଅଧିବକ୍ତା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଅଧିବକ୍ତା କ୍ଷମା ସାଗର ପ୍ରଧାନଙ୍କ ଅଧକ୍ଷତାରେ ଏହି ବିଶେଷ ସଦସ୍ୟତା ଦିବସ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଏହି ସଦସ୍ୟତା ଅଭିଯାନରେ ଅଧିବକ୍ତା ମାନେ ସାମିଲ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା କ୍ଷମା ସଗାର ପ୍ରଧାନ ସମେତ ନାରାୟଣ ଚୌଧୁରୀ, ଅନିଲ କୁମାର ଦାସ, ରବୀନ ଚନ୍ଦ୍ର ସାହୁ, ସୁରେଶ ପଟ୍ଟନାୟକ, ସୁବ୍ରତ କୁମାର ପ୍ରଧାନ, ନିମାଇଁ ସାହାଣି, ଅନିଲ କୁମାର ଲେଙ୍କା, ଜଗଦୀଶ ସାମନ୍ତରାୟ, ବି.ଶ୍ରୀକାନ୍ତ, ରମାକାନ୍ତ ସାହୁ, ମଦନ ମୋହନ ପ୍ରଧାନ ସମେତ ୩୦ ଜଣ ଅଧିବକ୍ତା ଉପସ୍ଥିତ ରହି ସଦସ୍ୟତା ହୋଇଥିଲେ । ସଦସ୍ୟତା ଗ୍ରହଣ କରିଥିବାରୁ ସମସ୍ତ ଅଧିବକ୍ତାଙ୍କୁ କ୍ଷମାସାଗର ପ୍ରଧାନ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମସ୍ତଙ୍କ ସହଭାଗିତା ରହିବା ଆବଶ୍ୟକ ବୋଲି କହିଥିଲେ । ଭାରତୀୟ ଜନତା ପାର୍ଟିର ନୂତନ ସଦସ୍ୟତା ଗ୍ରହଣ କରିଥିବା ଅଧିବକ୍ତା ମାନଙ୍କୁ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଧନ୍ୟବାଦ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଛନ୍ତି ।

## ଭାରତ ଭ୍ରମଣରେ ଆସି କେନ୍ଦୁଝରରେ ପହଞ୍ଚିଲେ ରିଷିରାଜ ସନାତନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ସମ୍ପୂର୍ଣ୍ଣ ଭାରତ ସନାତନ ତୀର୍ଥ ଯାତ୍ରାରେ ଉତ୍ତର ବଙ୍ଗଳା ଆଲିପୁରର ଜୟଗାଁଓ ନିକଟସ୍ଥ ଭୁଟାନ ସୀମା ନିକଟରୁ ସମ୍ପୂର୍ଣ୍ଣ ଭାରତ ଭ୍ରମଣ ଲକ୍ଷଣେଇ ସାଇକେଲରେ ବାହାରି ଛନ୍ତି ୨୨ ବର୍ଷର ଯୁବ ସନାତନୀ ପ୍ରେମୀ ରିଷିରାଜ ସନାତନ । ଗତ ୨୯ ଜୁନ୍‌ରୁ ସେ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ । ଏହି ସମ୍ପୂର୍ଣ୍ଣ ଭାରତ ସନାତନ ତୀର୍ଥ ଯାତ୍ରାରେ ସେ ଦ୍ୱାଦଶଃ ଜ୍ୟୋତିର୍ଲିଙ୍ଗ, ଏକାବନ ଶକ୍ତିପୀଠ ଓ ଚାରିଧାମ ଯାତ୍ରା କରିବାର ଲକ୍ଷ୍ୟ ରଖିଛନ୍ତି । ଏହା ସହିତ ସେ ପରିବେଶର ସୁରକ୍ଷା ପାଇଁ ସେ ନିମ୍ବ, ବର ଓ ଅଶ୍ୱସ୍ଥ ବୃକ୍ଷର ରୋପଣ ଓ ସୁରକ୍ଷା ଉପରେ ସମସ୍ତଙ୍କୁ ବୁଝାଇବାରେ ଲାଗିଛନ୍ତି । ସେ ଏହି ଯାତ୍ରା ୩ ବର୍ଷରେ ସମ୍ପୂର୍ଣ୍ଣ କରିବାର ଲକ୍ଷ ରଖିଛନ୍ତି । ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ୧୬ ବର୍ଷ ବୟସରେ ଭାରତ ଭ୍ରମଣର କଥା ତାଙ୍କୁ ଭାରତ ଭ୍ରମଣ ପାଇଁ ବେଶ ପ୍ରଭାବିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି । ରିଷିରାଜ ବଙ୍ଗଳା, ଆସାମ, ଝାରଖଣ୍ଡ ଗସ୍ତ କରି ଓଡିଶା ସୀମାରେ ପ୍ରବେଶ କରିବା ପରେ ଗତକାଲି କେନ୍ଦୁଝରରେ ପହଁଚିଛନ୍ତି । ବର୍ତ୍ତମାନ ସୁଦ୍ଧା ରିଷିରାଜ ତାଙ୍କର ସାଇକେଲରେ ୩ ହଜାର କିଲୋମିଟର ରାସ୍ତା ଅତିକ୍ରମ କରି କେନ୍ଦୁଝରରେ ପହଞ୍ଚିଥିବା କହିଛନ୍ତି । କେନ୍ଦୁଝରରେ ତାଙ୍କୁ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ନଗର ସମ୍ପାଦକ, ସୁବ୍ରତ ମହାନ୍ତି, ସଭାପତି ତୁଷାର ସାମନ୍ତ, ସମ୍ପାଦକ ସ୍ୱପଣେଶ୍ୱର ସାହୁ, ସହ ସମ୍ପାଦକ କେଦାର ନାଥ ଦାଶ, ଦୁର୍ଯ୍ୟୋଧନ ମହାନ୍ତ, ନଗର ସହ ସମ୍ପାଦକ ରଞ୍ଜନ କୁମାର ସାହୁ ମିଡିଆ ସଂଯୋଜକ ସତ୍ୟଜିତ ସାମନ୍ତରାୟ କାର୍ଯ୍ୟାଳୟରେ ଭବ୍ୟ ସ୍ୱାଗତ କରାଯିବା ସହ ରାତ୍ରିଯାପନର ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ସଂଗଠନ, କେନ୍ଦୁଝରର ନାଗରିକେ ଓ ସ୍ୱୟଂସେବକ ମାନେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭେଟି ସ୍ୱାଗତ କରିବା ସହିତ ତାଙ୍କର ଏହି ଯାତ୍ରାର ସଫଳତା କାମନା କରିଥିଲେ । ତାଙ୍କର ଏହି ତୀର୍ଥ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସନାତନ ଧର୍ମର ପ୍ରଚାର ସହିତ ପରିବେଶର ସୁରକ୍ଷା ତଥା ନିଶା ମୁକ୍ତ ଭାରତ । ନିଶାର କଳା ବାଦଲ ଆଜିର ଅନେକ ଯୁବ ବର୍ଗଙ୍କୁ ଢାଙ୍କି ରଖିଥିବା ଦେଖିବାକୁ ମିଳୁଛି । ଏଥିପାଇଁ ସେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି ଯେ ନିଶାମୁକ୍ତ ଭାରତ ନିର୍ମାଣ ପାଇଁ ସରକାର ପ୍ରୟାସ ଆରମ୍ଭ କରିବା ଦରକାର । ତାଙ୍କର ଏହି ଯାତ୍ରାରେ ବିଭିନ୍ନ ସ୍ଥାନରେ ତାଙ୍କୁ ଭବ୍ୟ ସ୍ୱାଗତ ମିଳିବା ସହିତ ତାଙ୍କସହିତ ମିଶି ଲୋକମାନେ ଖୁସି ହେଉଥିବା ସେ କହିଛନ୍ତି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ୍ ଶକ୍ତିର ମା’ ମାନେ ରିଷିରାଜଙ୍କୁ ମାଣ୍ଡିଆରେ ନିର୍ମିତ ବିଭିନ୍ନ ଶୁଖିଲା ଖାଦ୍ୟ ପୁଡିଆ ଦେଇ ଖୁସି ପ୍ରକାଶ କରିଥିଲେ । ତାଙ୍କର ଏହି ଯାତ୍ରାର ସଫଳତା ପାଇଁ ରିଷିରାଜ ସନାତନ ସମସ୍ତଙ୍କର ଆଶୀର୍ବାଦ କାମନା କରିଛନ୍ତି ।

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ସଫା ହେଉନି ମହାବିଦ୍ୟାଳୟ ରାସ୍ତା:ରାସ୍ତାକଡ଼ରେ ବଢୁଛି ବେଆଇନ୍ ମାଲ୍ ବୋଝେଇ ଭାରିଯାନ ପାର୍କିଂ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସହରର ଅନ୍ୟତମ ପୁରାତନ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ହେଉଛି ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ । ଏହା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ନାମରେ ନାମିତ ହୋଇଛି । ମହାବିଦ୍ୟାଳୟରେ ଯୁକ୍ତ ୨ ଠାରୁ ଆରମ୍ଭ କରି ସ୍ନାତକୋତର ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ସହର ସମେତ ଆଖପାଖର ପ୍ରାୟ ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଦୂରଦୂରାନ୍ତରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ହରିଡ଼ାଖଣ୍ଡି ଛକ ଠାରୁ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ଦିନ ଧରି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଦୁଃଖର କାରଣ ପାଲଟିଛି । ମହାବିଦ୍ୟାଳୟକୁ ଯିବା ନିମନ୍ତେ ଏହା ଏକ ମାତ୍ର ରାସ୍ତା । ପୋଖରୀ ପାର୍ଶ୍ୱରେ ରହିଥିବା ବେଳେ ଏଠାରେ ସର୍ବଦା ଲୋକେ ମଳତ୍ୟାଗ କରିଥାନ୍ତି । ଏହା ସହ ଲଟାବୁଦାରେ ପରିପୂର୍ଣ୍ଣ ହୋଇରହିଛି ରାସ୍ତା । ରାସ୍ତା ପାର୍ଶ୍ୱକୁ ଅଳିଆ ଆବର୍ଜନାର ଡ଼ମ୍ପିଂୟାର୍ଡ଼ ଭାବେ ବ୍ୟବହାର କରାଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ଉକ୍ତ ଅଞ୍ଚଳରେ ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଫଳରେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀଙ୍କ ଯାତାୟାତ କରିବାରେ ସମସ୍ୟା ହେଉଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଏହି ରାସ୍ତା ଦେଇ ଯିବାକୁ ଛାତ୍ରଛାତ୍ରୀମାନେ କୁଣ୍ଠା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି । ସେପଟେ ରାସ୍ତାକଡ଼ରେ ବହୁ ସଂଖ୍ୟାରେ ମାଲ୍ ବୋଝେଇ ଟ୍ରକ୍ ବେଆଇନ୍ ପାର୍କିଂ କରି ଲୋଡ଼ିଂ ଓ ଅନ୍‌ଲୋଡ଼ିଂ କରୁଥିବାରୁ କେତେବେଳେ ଯେ କିଛି ଅଘଟଣ ଘଟିବ ସେ ନେଇ ଆଶଙ୍କା ରହିଛି । ଏଥିପାଇଁ ସମ୍ପୃକ୍ତ ଅଞ୍ଚଳରେ ସବୁବେଳେ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି । ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏଭଳି ବିଭିନ୍ନ ସମମସ୍ୟା ଦେଇ ଗତି କରି ଆସୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ନେଇ ବାରମ୍ବାର କଲେଜ ଓ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ମଧ୍ୟ କରିଛନ୍ତି । ତଥାପି ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି । ତୁରନ୍ତ ସମସ୍ୟାର ସମାଧାନ ଦିଗରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ଗ୍ରହଣ କରାନଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ଛାତ୍ରଛାତ୍ରୀମାନେ ଧମକ ଦେଇଛନ୍ତି । ଏନେଇ ବିଏମ୍‌ସି ଡ଼େପୁଟି କମିଶନ ଆର୍ଶୀବାଦ ପରିଡ଼ା କହିଛନ୍ତି ଯେ, ହରିଡ଼ାଖଣ୍ଡି ଛକ ଠାରୁ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ବିଭିନ୍ନ ସମୟରେ ବିଏମ୍‌ସି ପକ୍ଷରୁ ସଫେଇ କରାଯାଉଛି । ତେବେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଞ୍ଚଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅଶାନ୍ତିକୁ ନେଇ କଲେଜ କର୍ତ୍ତୃପକ୍ଷ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ପ୍ରଥମ ଟି-୨୦ : ବାଂଲାଦେଶକୁ ୭ ୱିକେଟ୍‌ରେ ହରାଇଲା ଭାରତ

**ଗ୍ୱାଲିୟର**

ଭାରତ ଓ ବାଂଲାଦେଶ ମଧ୍ୟସ୍ଥ ୩ଟି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ରବିବାରଠାରୁ ଆରମ୍ଭ ହୋଇଛି। ଆଉ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୭ ୱିକେଟ୍‌ରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଗ୍ୱାଲିୟରରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ଦ୍ୱାରା ୧୨୮ ରନର ଲକ୍ଷ୍ୟ ରଖାଯାଇଥିବାବେଳେ ଭାରତ ମାତ୍ର ୧୧.୫ ଓଭର ଖେଳି ୧୩୨ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୁ ସାମସନ ଓ ସୂର୍ଯ୍ୟକୁମାର ଯାଦବ ୨୯ ରନ ଲେଖାଏଁ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୩୯ ରନ କରିଥିଲେ। ଅଭିଷେକ ଶର୍ମା ଓ ନୀତୀଶ ରେଡ୍ଡୀ ୧୬ ରନ ଲେଖାଏଁ କରିଥିଲେ।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆରମ୍ଭରୁ ବାଂଲାଦେଶ ୧୪ ରନରେ ୨ଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା । ତେବେ ନଜମୁଲ ହୁସେନ ସାଣ୍ଟୋ ପାଳିକୁ ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ମାତ୍ର ସେ ମାତ୍ର ୨୭ ରନ କରି ଆଉଟ ହୋଇ ଯାଇଥିଲେ। ଦଳର ମଧ୍ୟକ୍ରମ ବ୍ୟାଟରମାନେ ବିଶେଷ ଯୋଗଦାନ ଦେଇପାରିନଥିଲେ ଓ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲେ। ତେବେ ମେହେଦି ହାସାନ ମିରାଜ କିଛି ସମୟ ଭାରତୀୟ ବୋଲରଙ୍କ ସହ ଲଢେଇ କରିଥିଲେ। ସେ ଅପରାଜିତ ୩୫ ରନ କରିଥିଲେ। ତସ୍କିନ ଅହମ୍ମଦ ଓ ତାହିଦ୍ ହ୍ରିଦୟ ୧୨ ରନ ଲେଖାଏଁ କରିଥିଲେ। ଦଳ ୧୯.୫ ଓଭରରେ ୧୨୭ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ବରୁଣ ଚକ୍ରବର୍ତ୍ତି ୩ଟି ଲେଖାଏଁ ୱିକେଟ ନେଇଥିଲେ। ୱାସିଂଟନ ସୁନ୍ଦର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଯାଦବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।



## ମହିଳା ଟି-୨୦ ବିଶ୍ୱକପ୍

# ପାକିସ୍ତାନକୁ ୬ ୱିକେଟରେ ହରାଇଲା ଭାରତ

**ଦୁବାଇ**

ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡ଼ିୟମଠାରେ ଖେଳାଯାଇଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପର ୭ମ ମ୍ୟାଚ୍‌ରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି ଭାରତୀୟ ମହିଳା ଦଳ। ପାକିସ୍ତାନର ୧୦୬ ରନ ଟାର୍ଗେଟ୍‌କୁ ଭାରତ ୧୯ତମ ଓଭରରେ ୪ ୱିକେଟ ହରାଇ ହାସଲ କରିନେଇଥିଲା। ଭାରତ ପକ୍ଷରୁ ଶେଫାଳି ବର୍ମା ୩୨ ରନ କରିଥିବାବେଳେ ଜେମିମା ରୋଡରିଗସ୍ ୨୩ ରନ କରିଥିଲେ। ଅଧିନାୟିକା ହରମନପ୍ରିତ କୌର ୨୯ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ ।



ଏହି ମ୍ୟାଚରେ ପାକିସ୍ତାନ ମହିଳା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଆରମ୍ଭରୁ ହିଁ ଭାରତୀୟ ବୋଲରମାନେ ପାକିସ୍ତାନର ବ୍ୟାଟରମାନଙ୍କୁ ଚାପରେ ରଖିଥିଲେ। ପାକିସ୍ତାନ ମାତ୍ର ୧ ରନରେ ନିଜର ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲା। କେବଳ ନିଦା ଦର୍ ସର୍ବାଧିକ ୨୮ ରନ ଓ ମୁନିବା ଅଲ୍ଲି ୧୭ ରନ ଓ ସଇଦା ଆୟୁବ ୧୪ ରନ କରିଥିଲେ। ସେହିପରି ଫାତିମା ସାନା ୧୩ ରନ କରିଥିଲେ।

ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ୩ଟି ୱିକେଟ ନେଇଥିବାବେଳେ ଶ୍ରେୟଙ୍କା ପାଟିଲ୍ ୨ଟି ୱିକେଟ ନେଇଥିଲେ। ଆଶା ଶୋଭନା, ରେଣୁକା ସିଂ ଓ ଦିପ୍ତି ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ବାରବାଟୀ କ୍ୟାରମ୍ ପ୍ରତିଯୋଗିତା ଉଦ୍‌ଘାଟିତ

**କଟକ**



ବାରବାଟୀ କ୍ୟାରମ ଏକାଡେମୀ ଆନୁକୂଲ୍ୟରେ କ୍ୟାରମ୍ ସଂଘ ପ୍ରକୋଷ୍ଠରେ ୧୨ଶ ଯୁଗଳ କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏକାଡେମୀର ସାଧାରଣ ସମ୍ପାଦକ ଗଣେଶ ଭଗତଙ୍କ ନେତୃତ୍ୱରେ ଦିଲ୍ଲୀପ କୁମାର ବେହେରା, ଶିଶିର ଲେଙ୍କା, ବନମାଳୀ ରାଉତ, ସାଗର ଚୌଧୁରୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାୟାଧର ସାହୁ, ସୂରଜ କୁମାର କାନୁନଗୋ, ଶକ୍ତିପ୍ରସାଦ ଜେନା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବାଂଲାଦେଶ ବିପକ୍ଷ ଟି-୨୦ରୁ ବାଦ୍ ପଡ଼ିଲେ ଶିବମ ଦୁବେ

**ନୂଆଦିଲ୍ଲୀ**



ଗ୍ୱାଲିୟରରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚ୍ ପୂର୍ବରୁ ଦଳର ଷ୍ଟାର ଅଲରାଉଣ୍ଡର ଶିବମ ଦୁବେ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ପଡ଼ିଥିଲେ। ଦୁବେ ଟି-୨୦ ସିରିଜ ଖେଳିବେ ନାହିଁ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ କୁହାଯାଇଛି ଯେ ବ୍ୟାକ୍ ଇଞ୍ଜୁରୀ ବା ପିଠିରେ ଯନ୍ତ୍ରଣା ଯୋଗୁ ଦୁବେ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ପଡ଼ିଛନ୍ତି।

ସେହିପରି କ୍ରିକେଟ ବୋର୍ଡ ପକ୍ଷରୁ ତାଙ୍କ ବଦଳ ଖେଳାଳିଙ୍କ ନାଁ ମଧ୍ୟ ଘୋଷଣା କରାଯାଇଛି। ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଲକ ବର୍ମା ବାଂଲାଦେଶ ବିପକ୍ଷ ଟି-୨୦ ସିରିଜରେ ଦୁବେଙ୍କ ସ୍ଥାନ ନେଇଥିଲେ। ରବିବାର ପ୍ରଥମ ଟି-୨୦ ଖେଳାଯାଇଥିବା ବେଳେ ୯ ତାରିଖରେ ଦ୍ୱିତୀୟ ଓ ୧୨ ତାରିଖରେ ତୃତୀୟ ଟି-୨୦ ଅନୁଷ୍ଠିତ ହେବ। ଭ୍ରମଣକାରୀ ବାଂଲାଦେଶ ଟିମ୍ ୦-୨ରେ ଭାରତ ଠାରୁ ଟେଷ୍ଟ ସିରିଜ୍ ହାରିଛି। ତେଣୁ ଟି-୨୦ରେ ଦଳ କମ୍‌ବ୍ୟାକର ଲକ୍ଷ୍ୟ ରଖିଛି।

## ରାଜ୍ୟ ସ୍ତରୀୟ ସାହାଣୀ କପ୍-୨୦୨୪

# ମୟୂରଭଞ୍ଜକୁ ହରାଇ ବରଗଡ଼ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**





ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଓ ଓଡ଼ିଶା ଫୁଟବଲ୍ ଆସୋସିଏସନର ସହଯୋଗିତାରେ ଅନୁଷ୍ଠିତ ସାହାଣୀ କପ୍-୨୦୨୪ର ଫାଇନାଲ ମ୍ୟାଚ୍‌ରେ ବରଗଡ଼ ୩-୦ ଗୋଲରେ ମୟୂରଭଞ୍ଜ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ବରଗଡ ଦଳର ରାଜୁ ଭାନ ୧୪ ମିନିଟରେ, ପ୍ରଭାସ ଗଣ୍ଡସେନା ୩୧ ମିନିଟରେ ଓ ଚନ୍ଦ୍ର ମୁର୍ମୁ ୯୧ ମିନିଟରେ ଗୋଲ ଦେଇଥିଲେ। ସୁବ୍ରତ କୁମାର ପୁରୋହିତ, ଦିଲ୍ଲୀପ କୁମାର ରାଉତ, ଲକ୍ଷ୍ମଣ ସେଠ, ଜୀତେନ୍ଦ୍ର ପାତ୍ର ଓ ସୁଜିତ କୁମାର ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ ଓ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମାନ୍ୟବର ଲୋକସଭା ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଓର ସାଧାରଣ ସମ୍ପାଦକ ଡଃ ଆଶୀର୍ବାଦ ବେହେରା, ଉପ ସଭାପତି ବିଜୟ ଦାସ, ପଦ୍ମଲୋଚନ ଲେଙ୍କା ଓ ଅସିତ ପତି ତଥା ଫାଓ ସହ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଅଲମ୍ପିକ ଆସୋସିଏସନର କୋଷାଧକ୍ଷ ଅଦିପ ଦାସ ଓ ଭଦ୍ରକ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କୋଷାଧକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗୌରୀ ଶଙ୍କର ସିନ୍‌ହା, ସୌରଭ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି ଓ ଅମ୍ବିକା ରାଉତ ଉପସ୍ଥିତ ଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବରଗଡର ପ୍ରଭାତ ଦଣ୍ଡସେନା, ଚନ୍ଦ୍ର ମୁର୍ମୁ, ସିରାଜ ଖାନ, ସିଦ୍ଧାନ୍ତ ପ୍ରଧାନ ତଥା ମୟୂରଭଞ୍ଜର ଫାଗୁ ହେମ୍ବ୍ରମ ଓ ମାନଚିତ୍ର ମାର୍ଣ୍ଡିଙ୍କୁ ଆର.କେ. ଫାଉଣ୍ଡେସନର ନିର୍ଦ୍ଦେଶକ ଅମର ସେଠୀ ତାଙ୍କ ପିତାମାତାଙ୍କ ସ୍ମୃତିରେ ୫ ହଜାର ପ୍ରୋତ୍ସାହନ ରାଶି ଅତିଥିଙ୍କ ହାତରେ ପ୍ରଦାନ କରି ପୁରସ୍କୃତ କରିଥିଲେ। ତତ୍‌ସହିତ ବାରିପଦା ପୌରପାଳିକା ତରଫରୁ ୫୦ ହଜାର ଓ ଭଞ୍ଜସେନା ତରଫରୁ ୩୦ ହଜାର ଓ ସାଂସଦଙ୍କ ତରଫରୁ ୩୦ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ମୟୂରଭଞ୍ଜ ଦଳକୁ ଉତ୍ସାହିତ କରାଯାଇଥିଲା ଓ ମୟୂରଭଞ୍ଜ କ୍ରୀଡ଼ାର ବିକାଶ ପାଇଁ ଜୀବନତମାମ ପ୍ରଚେଷ୍ଟା କରିଥିବା ୭ ଜଣଙ୍କୁ ସ୍ମୃତି ସମ୍ମାନ ତଥା ବର୍ତ୍ତମାନର ବରିଷ୍ଠ ୧୫ ଜଣ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଡଃ ଆଶୀର୍ବାଦ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାହାଣୀ କପ୍-୨୦୨୪କୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ସାହାଯ୍ୟ କରିଥିବା ସମସ୍ତଙ୍କୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୭ ବର୍ଷ ପରେ ଇରାନୀ କପ୍ ଜିତିଲା ମୁମ୍ବାଇ

**ନୂଆଦିଲ୍ଲୀ**



ରଣଜୀ ଟ୍ରଫି ବିଜେତା ମୁମ୍ବାଇ ଇରାନୀ କପରେ କମାଲ କରିଛି। ଦଳ ରେଷ୍ଟ ଅଫ ଇଣ୍ଡିଆକୁ ହରାଇ ୨୭ ବର୍ଷ ପରେ ଇରାନୀ କପ ତୋଳି ଧରିବାକୁ ସକ୍ଷମ ହୋଇଛି। ଅଜିଙ୍କ୍ୟ ରାହାଣେଙ୍କ କ୍ୟାପ୍ଟେନ୍ସିରେ ଖେଳୁଥିବା ମୁମ୍ବାଇ ପ୍ରଥମ ଇନିଂସର ଅଗ୍ରଣୀ ଆଧାରରେ ବିଜେତା ହୋଇପାରିଛି।

ପ୍ରଥମ ଇନିଂସରେ ମୁମ୍ବାଇ ସର୍ଫରାଜ ଖାନଙ୍କ ଦମ୍‌ଦାର ଅପରାଜିତ ୨୨୨ ରନ ବଳରେ ବିଶାଳ ୫୩୭ ରନ କରିଥିଲା। ଏହାର ଜବାବରେ ରେଷ୍ଟ ଅଫ ଇଣ୍ଡିଆର ଅଭିମନ୍ୟୁ ଈଶ୍ୱରନ ୧୯୧ ରନ କରିଥିଲେ। ଧ୍ରୁବ ଜୁରେଲ ମଧ୍ୟ ୯୩ ରନର ଇନିଂସ ଖେଳିଥିଲେ। କିନ୍ତୁ ପୂରା ଟିମ୍ ଶାମ୍ସି ମୁଲାନୀ ଓ ତନୁଶ କୋଟିୟାନଙ୍କ ସ୍ପିନ ଜାଲରେ ଫସି ଯାଇଥିଲା। ଉଭୟ ୩ଟି ଲେଖାଏଁ ୱିକେଟ ନେବାରୁ ରେଷ୍ଟ ଅଫ ଇଣ୍ଡିଆ ୪୧୬ ରନରେ ଅଟକି ଯାଇଥିଲା।

ଫଳରେ ମୁମ୍ବାଇକୁ ୧୨୧ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ମିଳିଥିଲା। ଦ୍ୱିତୀୟ ଇନିଂସର ପୃଥ୍ୱୀ ଶ'ଙ୍କ ୭୬ ଓ ତନୁଶ କୋଟିୟାନଙ୍କ ଅପରାଜିତ ୧୧୪ ରନ ବଳରେ ମୁମ୍ବାଇ ଶେଷ ଦିନର ଚା' ପାନ ବିରତି ଯାଏ ବ୍ୟାଟିଂ କରିଥିଲା।

ଦଳର ସ୍କୋର ୩୨୯/୮ ଥିବା ବେଳେ ରାହାଣେ ପାଳି ଘୋଷଣା କରିଥିଲେ। ତେବେ ମ୍ୟାଚ୍ ଡ୍ର' ଆଡ଼କୁ ଯାଉଥିବାରୁ ଉଭୟ ଟିମ୍‌ର ସହମତି ଆଧାରରେ ଏହାକୁ ସେଇଠାରେ ବନ୍ଦ କରାଯାଇଥିଲା। ପ୍ରଥମ ଇନିଂସ ଲିଡ୍ ଆଧାରରେ ମୁମ୍ବାଇ ଇରାନୀ ଟ୍ରଫି ଚାମ୍ପିୟନ ହୋଇଥିଲା।

ମୁମ୍ବାଇ ଏଥରକୁ ମିଶାଇ ୧୫ଥର ପାଇଁ ଇରାନୀ କପ୍ ଜିତିଛି। କିନ୍ତୁ ଏଥର ଦଳକୁ ଟ୍ରଫି ପାଇଁ ୨୭ ବର୍ଷ ଅପେକ୍ଷା କରିବାକୁ ପଡ଼ିଛି। ଦଳ ଶେଷଥର ପାଇଁ ୧୯୯୭/୯୮ରେ ଇରାନୀ କପ ଜିତିଥିଲା। ଏହା ପରଠାରୁ ଇରାନୀ କପ ଜିତିବାକୁ ଦଳ ସୌଭାଗ୍ୟ ପାଇ ନଥିଲା।

ଚଳିତ ବର୍ଷ ରଣଜୀ ଟ୍ରଫି ଜିତିବା ପରେ ମୁମ୍ବାଇ ଇରାନୀ କପ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ମୁମ୍ବାଇ ସାମ୍ନାରେ ଭାରତର ବଛା ବଛା ଖେଳାଳି ରହିଥିଲେ। କିନ୍ତୁ ରାହାଣେଙ୍କ ମୁମ୍ବାଇ ଚମତ୍କାର ପ୍ରଦର୍ଶନ କରି ଋତୁରାଜ ଗାଏକ୍ୱାଡ୍‌ଙ୍କ ରେଷ୍ଟ ଅଫ ଇଣ୍ଡିଆକୁ ହରାଇ ଇରାନୀ କପ୍ ହାତେଇଛି।

# ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପ୍‌ରେ ଚମକିଲେ ଓଡ଼ିଆ ପୁଅ ରୋହିତ

**କୋରାପୁଟ**



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପ୍‌ରେ ୧୨୦ କିଲୋଗ୍ରାମ+ ସବ୍‌ଜୁନିୟର ବର୍ଗରେ ଡେଡ୍ ଲିଫ୍ଟରେ ସ୍ୱର୍ଣ୍ଣ ପଦକ ଏବଂ ବେଞ୍ଚ ପ୍ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଇଂଲଣ୍ଡର ୱିଲ ଆଣ୍ଡର୍ସ ଏବଂ ଉତ୍ତର ଆୟରଲାଣ୍ଡର ଜ୍ୟାକ୍ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟ୍‌ଙ୍କୁ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରି ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ୱ ସ୍ତରରେ ଚମତ୍କାର ପ୍ରଦର୍ଶନ କରିବା ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ସହର କୋରାପୁଟକୁ ଗର୍ବିତ କରିଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବ ଆଣିଛି ବୋଲି ଆଲୋକପାତ କରିଥିଲେ। ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ଆମ ରାଜ୍ୟ ଏବଂ ଆମ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ତାଙ୍କର କର୍ତ୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଦିବାସୀ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା କୋରାପୁଟରେ ଏହି ସଫଳତା ଏବେ ପାୱାରଲିଫ୍ଟିଂ ଚାମ୍ପିୟନ ସୃଷ୍ଟି ପାଇଁ କୋରାପୁଟ ପରିଚିତ ହେବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

କ୍ରୀଡ଼ାରେ ଉତ୍କୃଷ୍ଟ ହେବା ବ୍ୟତୀତ ରୋହିତ ସମନ୍ୱିତ ଗଣିତର ସ୍ନାତକୋତ୍ତର ଛାତ୍ର ଭାବରେ ନିଜର ଶିକ୍ଷାଗତ କାର୍ଯ୍ୟକୁ ସନ୍ତୁଳିତ କରିବା ଜାରି ରଖିଛନ୍ତି, ଯାହା ତାଙ୍କ ସଫଳତାରେ ଅଧିକ ଭିନ୍ନତା ଯୋଡ଼ିଛି। ସମଗ୍ର ବିଶ୍ୱବିଦ୍ୟାଳୟ ସମୁଦାୟ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ଏକାଠି ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି। ରୋହିତ ପାତ୍ର ଭାରତୀୟ ପାୱାରଲିଫ୍ଟିଂରେ ଜଣେ ଉଦୀୟମାନ ତାରକା ଏବଂ କୋରାପୁଟ ତଥା ଏହା ବାହାରେ ଯୁବବର୍ଗଙ୍କ ପାଇଁ ଆଦର୍ଶ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛନ୍ତି।

# ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ ଜିତିବାର ଅନ୍ୟ ଏକ କାରଣ କହିଲେ ରୋହିତ

**ନୂଆଦିଲ୍ଲୀ**

ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ର ଫାଇନାଲ ମ୍ୟାଚ୍ ଏବେ ବି ଭାରତୀୟ କ୍ରିକେଟପ୍ରେମୀଙ୍କ ମନରେ ତାଜା ଅଛି। ସୂର୍ଯ୍ୟ କୁମାର ଯାଦବଙ୍କ କ୍ୟାଚ୍ ହେଉ ଅବା ଡେଥ୍ ଓଭରରେ ପେସରଙ୍କ ଉଦାହରଣୀୟ ବୋଲିଂ ଅବା ବିରାଟ କୋହଲିଙ୍କ ପ୍ରଶଂସନୀୟ ଅର୍ଦ୍ଧଶତକ – ଏମିତି ଅନେକ କାରଣ ରହିଛି, ଯେଉଁଥିପାଇଁ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ତେବେ ଅଧିନାୟକ ରୋହିତ ଶର୍ମା ଏହି ଐତିହାସିକ ବିଜୟ ପଛରେ ଆଉ ଏକ କାରଣ ଯୋଡ଼ିଛନ୍ତି। କପିଲ ଶର୍ମାଙ୍କ କମେଡି ଶୋ'ରେ ଯୋଗ ଦେବା ଅବସରରେ ରୋହିତ ଶର୍ମା ଏହି କାରଣ ସଂପର୍କରେ କହିଥିଲେ।

ସେ କହିଥିଲେ, ଯେତେବେଳେ ଦକ୍ଷିଣ ଆଫ୍ରିକା ୩୦ ବଲ୍‌ରେ ୩୦ ରନ୍ ଆବଶ୍ୟକ କରୁଥିଲା, ତା' ପୂର୍ବରୁ ଏକ ଛୋଟିଆ ବିରତି ନିଆଯାଇଥିଲା। ସେହି ବିରତି ପାଇବା ପାଇଁ ପନ୍ତ (ଋଷଭ ପନ୍ତ) ମୁଣ୍ଡ ଖଟାଇଥିଲେ। ମ୍ୟାଚ୍ ଦ୍ରୁତଗତିରେ ଆଗେଇ ଚାଲିଥିଲା। ସେହି ସ୍ଥିତିରେ ସମସ୍ତ ବ୍ୟାଟର ଚାହାନ୍ତି ଶୀଘ୍ର ଶୀଘ୍ର ବୋଲିଂ ହେଉ।



କିନ୍ତୁ ସେତେବେଳେ ଆମେ ଦକ୍ଷିଣ ଆଫ୍ରିକାର ବ୍ୟାଟରମାନଙ୍କ ଲୟ ଭାଙ୍ଗିବାକୁ ଚାହୁଁଥିଲୁ। ମୁଁ ଫିଲ୍ଡ ସେଟ୍ କଲା ବେଳେ ଓ ବୋଲରମାନଙ୍କ ସହିତ ଆଲୋଚନା କଲା ବେଳେ ହଠାତ୍ ଦେଖିଲି ପନ୍ତ ତଳେ ପଡ଼ିଗଲେ। ତା'ପରେ ଫିଜିଓଥେରାପିଷ୍ଟ ଆସିଲେ ଓ ତାଙ୍କ ଆଣ୍ଠୁରେ ଏକ ନି' ଟ୍ୟାପ୍ ଲଗାଇଥିଲେ। କ୍ଲାସେନ୍ ମ୍ୟାଚ୍ ପୁଣି ଥରେ ଆରମ୍ଭ ହେବାକୁ ଅପେକ୍ଷା କରିଥିଲେ। ମୁଁ କହୁନାହିଁ ଯେ ଏହା ଏକମାତ୍ର କାରଣ, କିନ୍ତୁ ଏହା ସେହି କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ପନ୍ତ ସାହେବ ଟିକେ ବୁଦ୍ଧି ପ୍ରୟୋଗ କଲେ ଓ ସ୍ଥିତି ଆମ ସପକ୍ଷରେ ଯାଇଥିଲା।

ସେହି ବ୍ରେକ୍ ପରେ ହେନରିଚ କ୍ଲାସେନଙ୍କୁ ଆଉଟ୍ କରି ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଏହା ସହିତ ସ୍ଥିତି ବଦଳି ଯାଇଥିଲା ଓ ମ୍ୟାଚ୍ ପୁଣି ଭାରତ ହାତକୁ ଚାଲି ଯାଇଥିଲା। ଯଦିଓ ସେତେବେଳେ ଡାଭିଡ୍ ମିଲର ଥିଲେ, କିନ୍ତୁ ଶେଷ ୨- ୩ ଓଭରରେ ଦକ୍ଷିଣ ଆଫ୍ରିକା ଉପରେ ଜୋର ଚାପ ପଡ଼ିଥିଲା ଓ ଏଥିରୁ ଭାରତ ଫାଇଦା ନେଇଥିଲା।

ରୋହିତ କହିଥିଲେ, ଯାହା ଚାହୁଁଥିଲୁ, ତାହା ଘଟିଥିଲା। କ୍ଲାସେନଙ୍କୁ ହାର୍ଦ୍ଦିକ ଆଉଟ୍ କରି ଦେଇଥିଲେ। ତା'ପରଠାରୁ ଦକ୍ଷିଣ ଆଫ୍ରିକା ଉପରେ ଚାପ ବଢ଼ି ବଢ଼ି ଚାଲିଲା। ଏହା ପରେ ଟିମ୍‌ର ସମସ୍ତ ସଦସ୍ୟ ଏକାଠି ହୋଇ ସେମାନଙ୍କ ବ୍ୟାଟରମାନଙ୍କ ମନୋବଳ ଭାଙ୍ଗିବାକୁ ସ୍ଲେଜିଂ କରିବା ଆରମ୍ଭ କରିଥିଲେ। ସେ ନେଇ ବିସ୍ତାରିତ ଭାବେ ଏଠାରେ କହି ହେବ ନାହିଁ। କିନ୍ତୁ ଏହା ଆବଶ୍ୟକ ଥିଲା। କାରଣ ଯେକୌଣସି ମୂଲ୍ୟ ଦେଇ ଆମେ ଏହି ମ୍ୟାଚ୍ ଜିତିବା ପାଇଁ ଚାହୁଁଥିଲୁ। ମ୍ୟାଚ୍ ଜିତିବା ପାଇଁ ଆମେ କିଛି ଜରିମାନା ଭରିବାକୁ ରାଜି ଥିଲୁ। ସେଥିପାଇଁ ମୁଁ ସାଥୀ ଖେଳାଳିମାନଙ୍କୁ କହିଥିଲି, ସେମାନେ ଯାହା ଭାବୁଛନ୍ତି, ତାହା କୁହନ୍ତୁ। ପରେ ଆମେ ଅମ୍ପାୟାର ଓ ରେଫରୀଙ୍କୁ ସମ୍ଭାଳିବା।

# ଜାତୀୟ ସ୍ତରୀୟ ଭଲିବଲ ଉତ୍ସବରେ ମୟୂରଭଞ୍ଜ ଦଳର ଅଂଶ ଗ୍ରହଣ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କିଟ୍ ଓ କିସ୍ ପରିସରରେ ଜାତୀୟ ସ୍ତରୀୟ ଭଲିବଲ ଉତ୍ସବରେ ମୟୂରଭଞ୍ଜର ମା' କିଚକେଶ୍ୱରୀ ଭଲିବଲ ଏକାଡେମୀର ୨୪ ଜଣିଆ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବରେ ୧୪ ଓ ୧୬ ବର୍ଷରୁ କମ୍ ବର୍ଗର ଖେଳାଳି ଅଂଶ ଗ୍ରହଣ କରିଥିବା ବେଳେ ଏହା ଚଳିତ ମାସ ୩ ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଖେଳାଳି ଚୟନ କରିଥିବା ବେଳେ ପୂର୍ବତନ ଜାତୀୟ ଖେଳାଳି ଦୀପକ ବେହେରା ଓ ଅନିଲ କୁମାର ଗିରି



ଏବଂ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ଭଲିବଲ ସମ୍ପାଦକ ତାଙ୍କୁ ସହଯୋଗ କରିଥିଲେ। ଦଳ ସହିତ କୋଚ ଓ ମ୍ୟାନେଜର ଭାବେ ଦେବାଶିଷ ସେଠୀ, ରୋହିତ ମହାନ୍ତି ଓ ଅବିନାଶ କୁମାର ସାମିଲ ଥିଲେ।

B-371

GOVERNMENT OF ODISHA
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice

Letter No. 3578 dtd. 30.09.2024

Bid Identification No. SE (R & B)-BDH 06/2024-25

| | | |
|---|---|---|
| 1) | Name of the work | 01 (One) No of Electrical work (Single cover) |
| 2) | Estimated Cost | 6.76 lakh |
| 3) | Period of Completion | 01 (One) Calendar month. |
| 4) | Date & Time of availability of Bid documents in the portal | From 09.10.2024, 10.00 AM to 24.10.2024, 5.00 PM |
| 5) | Last date/time for seeking of Tender Clarification | 24.10.2024 up to 1.00 P.M |
| 6) | Last date / time for receipt of bids in the portal | up to 5.00 P.M. of dated 24.10.2024 |
| 7) | Date & time of opening of tender /Bid | 25.10.2024 at 11.30 A.M |
| 8) | Name and address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in

Sd/- Additional Chief Engineer
Boudha (R&B) Division, Boudh

OIPR-34134/11/0004/2425

# ଗୋ' ସେବାଶ୍ରମ ଜାଳିଦେଲେ ଦୁର୍ବୃତ୍ତ : ୪୦ରୁ ଊର୍ଦ୍ଧ୍ୱ ଗୋରୁ ବେସାହାରା

**, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘିକୁଣ୍ଡି ଗାଁରେ ଥିବା ମା' ମାହେଶ୍ୱରୀ ଗୋ' ସେବାଶ୍ରମକୁ କିଛି ଦୃର୍ବୃତ୍ତ ଜାଳି ଦେବା ସହିତ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀକୁ ମାରଣାସ୍ତ୍ର ଦେଖେଇ ହତ୍ୟା ଧମକ ଦେବା ବୀରମହାରାଜପୁର ଥାନାରେ ଗୋ' ସେବକ ଅଭିଯୋଗ କରିଛନ୍ତି।

ରାଜ୍ୟରେ ମୋହନ ମାଝୀ ସରକାର ଗୋ' ସୁରକ୍ଷା ନେଇ ଯୋଜନା ପ୍ରସ୍ତୁତ କରିବା ସହିତ ରାଜ୍ୟର ପ୍ରତି ବିଧାନସଭା କ୍ଷେତ୍ରରେ ଗୋ' ସେବା କେନ୍ଦ୍ର କରିବାକୁ ସମସ୍ତ ବିଧାୟକମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଥିବା ଗୋ ସେବା କେନ୍ଦ୍ର ଓ ଗୋ ସେବକଙ୍କ ଉପରେ ଆକ୍ରମଣ ଏବଂ ଗୋ' ଚାଲାଣ ଚାଲିଥିବା ଅଭିଯୋଗ ହେଇଆସୁଛି। ପ୍ରାପ୍ତ ସୂଚନା ଅନୁସାରେ ବୀରମହାରାଜପୁର ଥାନା ଘିକୁଣ୍ଡୀ ଗାଁରେ ଗୁଞ୍ଜିପାଲି ଗାଁର ମଧୁସୂଦନ ମହାକୁରଙ୍କ ମାଲିକାନାରେ ଥିବା ମା' ମାହେଶ୍ୱରୀ ଗୋ ସେବାଶ୍ରମରେ ଗୁଞ୍ଜିପାଲି ଓ ଘିକୁଣ୍ଡ ଗାଁର ୩ ଜଣ ବ୍ୟକ୍ତି ଗତ ନିର୍ବାଚନରେ ମଧୁସୂଦନ



ବ୍ୟକ୍ତିଗତ ଭାବେ ବିଜେପି ସମର୍ଥକ ହୋଇଥିବାରୁ ତାଙ୍କ ଗୋ' ସେବାଶ୍ରମକୁ ଯାଇ ଗୋପାଳକ ମଧୁସୂଦନଙ୍କୁ ମାରଣାସ୍ତ୍ର ଦେଖାଇ ଗୋରୁଗୁଡ଼ିକ ଗୋ' ବେପାରୀକୁ ବିକ୍ରି କରିବା ସହିତ ତତେ ଜୀବନରେ ମାରିଦେବୁ କହି ମାରଧର କରିଥିଲା ବେଳେ ବନ୍ଧୁକ ଦେଖେଇ ମାରିଦେବା ଧମକ ଦେବାରୁ ମଧୁସୂଦନ ଜୀବନ ବିକଳରେ ସେଠାରୁ ପଳେଇ ଯାଇଥିଲେ। ପରେ ରାଗରେ ଦୃର୍ବୃତ୍ତମାନେ ଆଶ୍ରମରେ ଥିବା ସମସ୍ତ ଗୋରୁଗୁଡ଼ିକ ନେଇ ଯିବା ଉଦ୍ଦେଶ୍ୟରେ ଗୁହାଳରୁ ଫିଟେଇ ଦେଇ ମାଡ଼ମାରି ଜଙ୍ଗଲରେ ଛାଡ଼ିଦେବା ସହ ଗୋରୁମାନଙ୍କ ପାଇଁ ଗଚ୍ଛିତ ଥିବା ଖାଦ୍ୟ ପୁଆଳ, ଦାନା, ତସୁ ସବୁକୁ ନିଆଁ ଲଗେଇ ଦେଇଥିଲେ। ଘଟଣାରେ ଘିକୁଣ୍ଡ୍ ଗାଁର ଅଯୋଧ୍ୟା ବଣ୍ଡକି ଓ ଗୁଞ୍ଜିପାଲି ଗାଁର ଚତୁରୁ ବାଗ ଓ ପ୍ରଦୀପ ମହାକୁର ଥିବା ସୂଚନା ରହିଛି। ପୁଲିସ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଶୋଭାକର ସେଟ୍ ସୂଚନା ଦେଇଛନ୍ତି। ବଜରଙ୍ଗ ଦଳ କର୍ମୀ, ଗୋ ସେବା ଶ୍ରମ କର୍ମଚାରୀ, ଗ୍ରାମବାସୀ ଓ ଗୋ ସେବକ ଆସାମୀମାନଙ୍କୁ ପୁଲିସ ଗିରଫ ନ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନ ନେଇ ଧମକ୍ ଦେଇଛନ୍ତି। ଏ ନେଇ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ନିର୍ବାଚନ ସରିବା ଅନେକ ଦିନ ହେବ ସହିତ ନୂଆ ସରକାର ଗଠନ ହୋଇ ରାଜ୍ୟ ହିତ ଓ ହିନ୍ଦୁ ସୁରକ୍ଷା, ଗୋ ରକ୍ଷା ନେଇ ବଦ୍ଧ ପରିକର ଥିବା ବେଳେ ଗୋ'ମାନଙ୍କ କ୍ଷତି କରିଥିବା ଅପରାଧୀମାନଙ୍କୁ କ୍ଷମା କରାଯିବ ନାହିଁ ଆଇନ୍ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ।





# ରାଜଧାନୀରେ ନିର୍ମାଣାଧୀନ ବିଶ୍ୱର ବିଭିନ୍ନ ସ୍ମାରକୀ ବହନ କରୁଥିବା ଦୁର୍ଗାପୂଜା ତୋରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଦୁର୍ଗାପୂଜା ମହୋତ୍ସବ ସରସ ସୁନ୍ଦର ଏବଂ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜଧାନୀ ଭୁବନେଶ୍ୱର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ମାରକୀ ବହନ କରୁଥିବା ସୌନ୍ଦର୍ଯ୍ୟପୂର୍ଣ୍ଣ ଦୃଶ୍ୟକୁ ନେଇ ସୁଉଚ୍ଚ ତୋରଣମାନ ନିର୍ମାଣ କରାଯାଉଛି। ସୂଚନା ଅନୁସାରେ ରସୁଲଗଡରେ ଗୁଜୁରାଟର ସ୍ୱାମୀ ନାରାୟଣ ମନ୍ଦିର ସଦୃଶ୍ୟ ତୋରଣ ନିର୍ମାଣ କରାଯାଉଥିବା ବେଳେ ବମିଖାଲରେ କାଞ୍ଚନିକ ମାହାଲ, ନୟାପଲ୍ଲୀରେ ହରିଦ୍ୱାର ପ୍ୟାଲେସ, ୟୁନିଟ୍-୮ ହରପାର୍ବତୀ ପୂଜା କମିଟିର ସୂର୍ଯ୍ୟ ମନ୍ଦିର, ପଳାଶୁଣିରେ ଭଟିକାନ ସିଟି, ପୂରୁଣା ଷ୍ଟେସନ ବଜାରରେ କାମ୍ବୋଡିଆ ଅଂଗକାର ୱାଟ ମନ୍ଦିର, ଡୁମଡୁମାରେ କାଠମାଣ୍ଡୁର ବୁଦ୍ଧ ମନ୍ଦିର, ଗଙ୍ଗନଗରରେ ତପୋବନ ଗ୍ରୀନ ଗେଟ୍, ଡମଣା ଗୋପିନାଥଜୀଉ ଦୁର୍ଗାପୂଜା କମିଟିର ଦୁବାଇ ମିରାକିଲ୍ ଗାର୍ଡେନ, ଭିଏସ୍ଏସ୍ନଗରରେ ଢୋଲ୍ ସଫେଦ୍ ଗେଟ୍, ଆଇଗିଣିଆରେ ଜିରାଙ୍ଗ ମନ୍ଦିର, ଚକେଇସିଆଣୀରେ ବେଲୁର୍ ମଠ, ଲକ୍ଷ୍ମୀସାଗର କଟକରୋଡ୍ରେ ରାଜସ୍ଥାନ ଚିତ୍ତୋରଗଡ ପଦ୍ମାବତୀ ପ୍ୟାଲେସ, କେଶୁରାରେ ସିକିମ୍ ଗୋଲ୍ଡେନ୍ ମନ୍ଦିର, ଘାଟିକିଆ ଭୁଆଶୁଣୀ କମିଟିର ତାଜମହଲ, ବମିଖାଲରେ ଫ୍ରେଞ୍ଚ ପ୍ୟାଲେସ, ଶୈଳଶ୍ରୀବିହାର ଫେଜ୍-୭ରେ ଯୋଧପୁର ଗ୍ରେଟ୍ ରୟାଲ ପ୍ୟାଲେସ ଏବଂ ଝାରପଡାରେ ଇମ୍ପେରିଆଲ ପ୍ୟାଲେସ ସଦୃଶ ତୋରଣମାନ ନିର୍ମାଣ କରାଯାଉଛି।

# ଭୟଙ୍କର ସଡ଼କ ଦୁର୍ଘଟଣା : ଜଳିଗଲା ଟ୍ରକ୍-କଣ୍ଟେନର, ଜଣେ ଜୀବନ୍ତ ଦଗ୍ଧ

**କୁଚିଣ୍ଡା, ନ୍ୟୁଜ ବ୍ୟୁରୋ**

ଭୟଙ୍କର ସଡ଼କ ଦୁର୍ଘଟଣା। ମୁହାଁମୁହିଁ ଧକ୍କା ପରେ ଜଳିଗଲା ଟ୍ରକ୍ ଓ କଣ୍ଟେନର। ଏଥିରେ କଣ୍ଟେନର ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ତାଙ୍କ ସହଯୋଗୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ଘଟିଛି ଜମନକିରା ଥାନା ୫୩ ନମ୍ବର ଜାତୀୟ ରାଜପଥର କଦଳୀପାଳ ନିକଟରେ । ସୂଚନା ଅନୁଯାୟୀ, ଉଭୟ ପାର୍ଶ୍ୱରୁ ଆସୁଥିବା ଏହି ଦୁଇଟି ଗାଡ଼ି ମୁହାଁମୁହିଁ ଧକ୍କା ହେବା ପରେ ଏଥିରେ ନିଆଁ ଲାଗିଯାଇଥିଲା। ଆଉ ନିଆଁ ଏତେ ଭୟଙ୍କର ଥିଲା ଯେ, ଏଥିରେ କଣ୍ଟେନର ଚାଳକ ରେହମାନ ଖାନ ଜୀବନ୍ତ ଦଗ୍ଧ ହୋଇଯାଇଥିବା। ସେହିଭଳି ତାଙ୍କ ସହଯୋଗୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସଦର ଡାକ୍ତରଖାନାକୁ ପଠାଯାଇଛି। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଅନ୍ୟପଟେ ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକଙ୍କ କୌଣସି ସୂଚନା ମିଳିପାରିନଥିବାବେଳେ, ଦୁର୍ଘଟଣା ଯୋଗୁଁ ରାସ୍ତାର ଉଭୟ ପଟେ ଶହ ଶହ ଗାଡ଼ି ଅଟକି ରହିଛି। ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଉପସ୍ଥିତ ରହିଛନ୍ତି । ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହେବା ପରେ ହିଁ ସବୁକିଛି ସ୍ପଷ୍ଟ ହେବ।

# ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା କଣ୍ଟ୍ରୋଲ ଦୋକାନୀ ସଂଘ କର୍ମକର୍ତ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





ଓଡ଼ିଶା ଫେୟାର ପ୍ରାଇସ ସପ ଡିଲର୍ସ ଫେଡେରେସନ ଅର୍ଥାତ ଓଡ଼ିଶା କଣ୍ଟ୍ରୋଲ ଦୋକାନୀ ସଙ୍ଘର କର୍ମକର୍ତ୍ତାମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସଭାପତି ନଗେନ୍ଦ୍ର ନାଥ ଜେନାଙ୍କର ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଏଠାରେ ସକ୍ଷାତ କରିଥିବା ଜଣାଯାଇଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ଶାସନକୁ ଆସିବା ପରେ କଣ୍ଟ୍ରୋଲ ଦୋକାନୀମାନଙ୍କର କାର୍ଯ୍ୟକାଳକୁ ଆସନ୍ତା ଦେଢ଼ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ସଙ୍ଘ ତରଫରୁ କୃତଜ୍ଞତା ପ୍ରକାଶ କରିବା ସାଙ୍ଗକୁ ଏହି ମହତ ନିଷ୍ପତ୍ତି ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସଙ୍ଘ ତରଫରୁ ଶ୍ରୀ ମାଝି ଏବଂ ଶ୍ରୀ ପାତ୍ରଙ୍କୁ ଆଠ ଦଫା ବିଶିଷ୍ଟ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଦାବୀପତ୍ରରେ ସ୍ଥାନ ପାଇଥିବା ଦାବୀଗୁଡ଼ିକ ମଧ୍ୟରେ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ କଣ୍ଟ୍ରୋଲ ଆଇନ ୨୦୧୬ରୁ ଧାରା ୪ କୁ ଉଚ୍ଛେଦ କରାଯାଇ ଘରୋଇ ଡିଲରମାନଙ୍କୁ ସାମିଲ କରାଯିବା, ଡିଲରଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ପୁନଃ ନିଯୁକ୍ତି କରାଯିବା ସହ ବକେୟା ଅର୍ଥ ସହସା ପ୍ରଦାନ କରାଯିବା, ପିଓଏସ୍ ମେସିନରେ ଗୋଟିଏ ଥର ଆଙ୍ଗୁଠି ଛାପ ନିଆଯାଇ ରାସନ ସାମଗ୍ରୀ ଦିଆଯିବାର ବ୍ୟବସ୍ଥା କରାଯିବା, ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ଇ-କେୱାଇସି କାର୍ଯ୍ୟ ଚାଲୁ ରହିଥିବା ପରିପ୍ରେକ୍ଷୀରେ ପିଓଏସ୍ ମେସିନ ସହିତ ଓଜନ ମାପ ଯନ୍ତ୍ରର ସଂଯୋଗୀକରଣକୁ ଖାଉଟିମାନଙ୍କର ସାମୁହିକ ହିତକୁ ଦୃଷ୍ଟିରେ ରଖି ଆସନ୍ତା ଅପ୍ରେଲ ୨୦୨୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରଥମ ଅଶୀ ଭାଗର ବଣ୍ଟନ ସହିତ ଅଗ୍ରୀମ କମିଶନ ରାଶିକୁ ସଂଯୁକ୍ତ କରାଯାଇ ପ୍ରଦାନ କରାଯିବା, ବର୍ତ୍ତମାନ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଅହେତୁକ ମୂଲ୍ୟ ବୃଦ୍ଧି ହେତୁ ପରିବାର ପ୍ରତିପୋଷଣ ଦିଗରେ ଅସୁବିଧା ସୃଷ୍ଟି ହେଉଥିବା ଦୃଷ୍ଟିରୁ ଅନ୍ୟ ରାଜ୍ୟମାନଙ୍କ ଭଳି ଏଠାରେ ମଧ୍ୟ ପାରିଶ୍ରମିକ ରାଶିକୁ ଯଥୋଚିତ ବୃଦ୍ଧି କରାଯିବା, ସଦ୍ୟ ପ୍ରଚଳିତ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟବୀମା ଯୋଜନା ଅଧିନରେ ସମସ୍ତ କଣ୍ଟ୍ରୋଲ ଦୋକାନୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ସାମିଲ କରାଯିବା, ବିଗତ ଦିନରେ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଗହମ ଯୋଗାଣ କରାଯାଇଥିଲେ ସୁଦ୍ଧା ପୁରୀ ଜିଲ୍ଲାକୁ ୧୩ ମାସ ହେଲା ଗହମ ଯୋଗାଇ ଦିଆଯାଇନଥିବାରୁ, ତୁରନ୍ତ ପୁରୀ ଜିଲ୍ଲା ପାଇଁ ବକେୟା ଗହମ ପ୍ରଦାନ କରାଯାଇ ଏହି ଗୁରୁତର ସମସ୍ୟାର ସମାଧାନ କରାଯିବା ଆଦି ଅନ୍ତର୍ଭୁକ୍ତ। ଦାବୀଗୁଡ଼ିକୁ ସହୃଦୟତାର ସହିତ ବିଚାର କରିବାକୁ ଉଭୟ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିବା ସଙ୍ଘର ସଭାପତି ନଗେନ୍ଦ୍ର ନାଥ ଜେନା ଏଠାରେ ଗଣମାଧ୍ୟମକୁ ସୂଚାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କଣ୍ଟ୍ରୋଲ ଦୋକାନୀ ମାନେ ବିଭାଗୀୟ ନିର୍ଦ୍ଦେଶାନୁସାରେ ଖାଉଟିମାନଙ୍କର ସ୍ୱାର୍ଥ ପ୍ରତି ସମୁଚିତ ପ୍ରାଧାନ୍ୟ ଦେବା ସହିତ ସଠିକ ଓଜନ ଏବଂ ସାମଗ୍ରୀମାନଙ୍କର ସ୍ୱଚ୍ଛ ବଣ୍ଟନକୁ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟ ପ୍ରଣାଳୀରେ ପାରଦର୍ଶିତା ପ୍ରମାଣିତ କଲେ ପର୍ଯ୍ୟାୟ କ୍ରମେ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କର ଦାବୀଗୁଡ଼ିକ ପୂରଣ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିବା ଶ୍ରୀ ଜେନା ଦର୍ଶାଇଥିଲେ। ଏହି ପ୍ରତିନିଧି ଦଳରେ ସାମିଲ ଥିବା ସଙ୍ଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଭାପତି ନଗେନ୍ଦ୍ର ନାଥ ଜେନା, ଉପ-ସଭାପତି ଦଉହରି ସାମଲ, କୋଷାଧ୍ୟକ୍ଷ ସୁଧାଂଶୁ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ବୃନ୍ଦ ଯଥା: ଜଗନ୍ନାଥ ବେହେରା, କରୁଣାକର ବେହେରା, ଶତ୍ରୁଘ୍ନ ନାୟକ, ନୀଳମଣି ସାହୁ ଏବଂ ରବି ନାରାୟଣ ଜେନା ପ୍ରମୁଖ ଅନ୍ୟତମ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇସ୍ରାଏଲ ଉପରେ...

ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ଇରାନର ପ୍ରକ୍ସି ଯୋଦ୍ଧାମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉଛି ଏବଂ ସେମାନଙ୍କୁ ଗରିଲା ଯୁଦ୍ଧ ନୀତି ମାଧ୍ୟମରେ ଆକ୍ରମଣର ତାଲିମ ଦିଆଯାଉଛି।

ଗତ ବର୍ଷ ହମାସ ଆତଙ୍କ ସୃଷ୍ଟି କରିଥିଲା, ଏଥର ହିଜବୁଲ୍ଲା ଏବଂ ହୁତି ବିଦ୍ରୋହୀ ଏକାଠି ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି।

ଆମେରିକାର ଗୁପ୍ତଚର ଏଜେନ୍ସି ଏଫବିଆଇ ଏକ ସତର୍କ ସୂଚନା ଜାରି କରି କହିଛି ଯେ ଅକ୍ଟୋବର ୭ରେ ହମାସ ଆକ୍ରମଣର ଗୋଟିଏ ବର୍ଷ ପୂରଣ ସମୟରେ ଇରାନର ପ୍ରକ୍ସି ଯୋଦ୍ଧାମାନେ ଇସ୍ରାଏଲ ଉପରେ ଏକ ବଡ଼ ଧରଣ ଆକ୍ରମଣ ଯୋଜନା କରୁଛନ୍ତି । ଏଥର ଆକ୍ରମଣ ପୂର୍ବ ଅପେକ୍ଷା ଅଧିକ ବଡ଼ ହୋଇପାରେ। ସେନେଇ ଇସ୍ରାଏଲ ସତର୍କ ରହିବା ଆବଶ୍ୟକ।

ପ୍ରକ୍ସି ସଦସ୍ୟମାନେ କ୍ରମାଗତ ଭାବରେ ରୁଷିଆ ଏବଂ ଇରାକରୁ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରୁଛନ୍ତି ହୁତିମାନେ ସର୍ବାଧିକ ରୁଷିଆ ଅସ୍ତ୍ରଶସ୍ତ୍ର ପାଇଛନ୍ତି । ଅନ୍ୟ ସଂଗଠନଗୁଡ଼ିକୁ ମଧ୍ୟ ସାମରିକ ସହାୟତା ଦିଆଯାଉଛି । ଏହି କାରଣରୁ ଇସ୍ରାଏଲ୍କୁ ୭ ଟି ଫ୍ରଣ୍ଟ ଘେରି ରହିଛନ୍ତି। ପ୍ରଥମ ଏବଂ ସର୍ବାଧିକ ଆକ୍ରମଣକାରୀ ଫ୍ରଣ୍ଟ ଲେବାନନ ହୋଇଛି, ଯେଉଁଠାରୁ ହିଜବୁଲ୍ଲା ଆକ୍ରମଣ କରୁଛି। ଅନ୍ୟପଟେ ପାଶ୍ଚାତ୍ୟରୁ ଇସ୍ରାଏଲ ଉପରେ ଆକ୍ରମଣ କରାଯାଉଛି।

ଇସଲାମିକ ଜିହାଦ ଗୋଷ୍ଠୀ ସେଠାରେ ହିଜବୁଲ୍ଲାକୁ ସାହାଯ୍ୟ କରୁଛନ୍ତି । ଗତ ୧୧ ମାସ ଧରି ଇସ୍ରାଏଲ ତୃତୀୟ ସାମ୍ମୁଖ୍ୟ ସହିତ ଗାଜାରେ ଯୁଦ୍ଧ କରୁଛି । ସେଠାରେ ହମାସ ସହିତ ଯୁଦ୍ଧ ହେଉଛି। ଲୋହିତ ସାଗରରେ ପାଶ୍ଚାତ୍ୟ ଦେଶର ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରି ୟେମେନ ସାମ୍ନାରେ ହୁତିମାନେ ଆକ୍ରମଣାତ୍ମକ ହେଉଛନ୍ତି।

ପଞ୍ଚମ ସାମ୍ମୁଖ୍ୟ ହେଉଛି ଇରାନ। ଏହା ଇସ୍ରାଏଲ ଉପରେ ଯେକୌଣସି ସମୟରେ କ୍ଷେପଣାସ୍ତ୍ର ଆକ୍ରମଣ କରିବାର ଆଶଙ୍କା ରହିଛି। ଷଷ୍ଠ ଫ୍ରଣ୍ଟ, ଇରାକର କତାଇବ ହିଜବୁଲ୍ଲା ମଧ୍ୟ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ସପ୍ତମ ସାମ୍ମୁଖ୍ୟ ହେଉଛି ସିରିଆର ବଦର ସଂଗଠନ ଯାହା ଆମେରିକାର ସାମରିକ ବେସ୍ ଉପରେ ଆକ୍ରମଣ କରୁଛି । ଏନେଇ ଆରବରେ ପରିସ୍ଥିତି ଅତ୍ୟନ୍ତ ଭୟାନକ ହୋଇପଡିଥିବା କୁହାଯାଉଛି।

## ମଧ୍ୟପ୍ରଦେଶରେ ...

କାରବାର ତଥା ଅପବ୍ୟବହାରକୁ ରୋକିବା ପାଇଁ ତଦନ୍ତକାରୀ ସଂସ୍ଥା କିପରି ଭାବେ ଅହୋରାତ୍ର ଉଦ୍ୟମ କରୁଛନ୍ତି, ତାହା ଦର୍ଶାଉଛି ସ୍ୱାସ୍ଥ୍ୟ ତଥା ନିରାପତ୍ତା ରକ୍ଷା କରିବାରେ ସେମାନଙ୍କର ସହଯୋଗୀ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ଏକ ନିରାପଦ ତଥା ସୁସ୍ଥ ରାଷ୍ଟ୍ର କରିବା ପାଇଁ ସେମାନଙ୍କ ମିଶନରେ ସେମାନଙ୍କୁ ସମର୍ଥନ ଜାରି ରଖିବା।

ପ୍ରକାଶ ଥାଉକି, ନିକଟରେ ଦିଲ୍ଲୀରେ ବଡ଼ ଧରଣର ଚଢଉ କରାଯାଇଥିଲା । ଏଥିରେ ୫ ହଜାର ୬୦୦ କୋଟି ଟଙ୍କାର କୋକେନ ଏବଂ ହାଇଡ୍ରୋପୋନିକ ଗଞ୍ଜେଇ ଜବତ ହୋଇଥିଲା।

## ମାଓ ପ୍ରଭାବିତ ...

ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ । ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ।

## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ...

ମୁଖ୍ୟମନ୍ତ୍ରୀ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ବି ଭେଟିବାର କାର୍ଯ୍ୟକ୍ରମ ରହିଛି।

ସୋମବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ହେବ । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ବୈଠକ ବସିବ।

## ଜୁନିଅର ଡାକ୍ତରଙ୍କ...

ଆମର ପ୍ରତିଶ୍ରୁତି ଅନୁଯାୟୀ ଡ୍ୟୁଟିରେ ଯିବୁ କିନ୍ତୁ ଆମେ କିଛି ଖାଇବୁ ନାହିଁ।

ଜୁନିଅର ଡାକ୍ତରମାନେ କହିଛନ୍ତି ଯେ ବର୍ତ୍ତମାନ ୬ ଜଣ ଜୁନିଅର ଡାକ୍ତର ଆମରଣ ଅନଶନରେ ଅଛନ୍ତି । ଅନଶନ କରୁଥିବାର ୬ ଜଣ ଡାକ୍ତରଙ୍କ ମଧ୍ୟରେ କୋଲକାତା ମେଡିକାଲ କଲେଜ ଏବଂ ହସ୍ପିଟାଲର ସ୍ନିଗ୍ଧା ହାଜରା, ତାନିଆ ପାଞ୍ଜା ଏବଂ ଅନୁଷ୍ଟପ ମୁଖୋପାଧ୍ୟାୟ ଅଛନ୍ତି । ସେହିପରି ଏସଏସକେଏସର ଅର୍ଣ୍ଣବ ମୁଖୋପାଧ୍ୟାୟ ଏବଂ ଏନଆରଏସ ମେଡିକାଲ କଲେଜ ଏବଂ ହସ୍ପିଟାଲର କେ.ପି.ସି ମେଡିକାଲ କଲେଜ ଏବଂ ହସ୍ପିଟାଲର ପୁଲସ୍ତ ଆଚାର୍ଯ୍ୟ ଅଛନ୍ତି । ସେହିପରି କେପିସି ମେଡିକାଲ କଲେଜର ସାୟନ୍ତନି ଘୋଷ ହାଜରା ମଧ୍ୟ ଅନଶନ କରୁଛନ୍ତି ।

ଜୁନିଅର ଡାକ୍ତରମାନେ କହିଛନ୍ତି ଯେ ଅନଶନ ସମୟରେ ଯଦି କୌଣସି ଡାକ୍ତରଙ୍କ ସ୍ୱାସ୍ଥ୍ୟ ଖରାପ ହୁଏ, ତେବେ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ସେମାନେ କହିଛନ୍ତି, ଆମପ୍ରତି ଲୋକଙ୍କର ସମର୍ଥନ ଅଛି ଏବଂ ସେଥିପାଇଁ ଆମେ ପ୍ରଶାସନର କୌଣସି ପ୍ରକାର ପ୍ରତିବନ୍ଧକକୁ ଭୟ କରୁନାହୁଁ । ଆମର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମେ ଅନଶନ ଜାରି ରଖିବୁ । ଜୁନିଅର ଡାକ୍ତରଙ୍କ ପ୍ରତିବାଦ ସଭାରେ ବହୁ ସଂଖ୍ୟାରେ ସାଧାରଣ ଲୋକ ଏବଂ କିଛି ସେଲିବ୍ରିଟି ଉପସ୍ଥିତ ଥିଲେ। ଜୁନିଅର ଡାକ୍ତରମାନେ ଧର୍ମଘଟ ବନ୍ଦ କରିବା ପରେ ଅନଶନ ଆରମ୍ଭ କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

## ନଦୀରେ ବୁଡ଼ିଗଲେ...

ଯାଇ ବୁଡ଼ି ଯାଇଥିଲେ। ଫଳରେ ଅନ୍ୟମାନ ତାଙ୍କୁ ଉଦ୍ଧାର କରିବା ପାଇଁ ନଦୀକୁ ପଶିଥିଲେ। କିନ୍ତୁ ଜଣଙ୍କ ପରେ ଜଣେ ପାଣିରେ ବୁଡି ଯାଇଥିଲେ।

ସ୍ଥାନୀୟ ଲୋକେ ପିଲାମାନଙ୍କ ପାଟି ଶୁଣି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଟିମ୍କୁ ଖବର ଦେଇଥିଲେ। ଖବର ପାଇ ଉଦ୍ଧାରକାରୀ ଟିମ୍ ପାଞ୍ଚ ଜଣଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ହୋଇଯାଇଛି । ସେହିପରି ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବର୍ତ୍ତମାନ ସେମାନଙ୍କ ଚିକିତ୍ସା ଚାଲିଛି । ସେପଟେ, ଅନ୍ୟ ଦୁଇ ପିଲାଙ୍କ ପତ୍ତା ମିଳୁନି।

## ଓଏସ୍ଏସ୍ସି ଷ୍ଟାଟିଷ୍ଟିକାଲ...

ଅଭିଯୋଗ କରିଥିବା ପରୀକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷ ଅଟକ ରଖିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ରବିବାର ସମଗ୍ର ରାଜ୍ୟରେ ଓଏସ୍ଏସ୍ସି ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ପରୀକ୍ଷା ପାଇଁ ପୂର୍ବାହ୍ନ ସାଢେ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଥିଲା। ପରୀକ୍ଷା ହଲ୍ ମଧ୍ୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଯିବା ନିୟମ ଥିବା ବେଳେ ବାଲେଶ୍ୱରର ଗୋପାଳ ଗାଁ ପରୀକ୍ଷା କେନ୍ଦ୍ରରୁ ଆସିଛି ସାଂଘାତିକ ଅଭିଯୋଗ । ପରୀକ୍ଷା ଆରମ୍ଭର ବହୁ ପୂର୍ବରୁ ସିଲ୍ ଖୋଲାଯାଇ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଗୌରହରି ସାହୁ ନାମକ ପରୀକ୍ଷାର୍ଥୀ କରିଥିବା ଅଭିଯୋଗ ଅନୁଯାୟୀ, ପରୀକ୍ଷା ହଲ୍ରେ ବସିଥିବା ସମୟରେ ପ୍ରଶ୍ନପତ୍ର ସିଲ ଖୋଲାଥିବା ଦେଖିବାକୁ ପାଇଲୁ । ଏନେଇ ଅଭିଯୋଗ କରିବାରୁ ପ୍ୟାକେଟ ସେପରି ଆସିଥିବା ଶିକ୍ଷୟିତ୍ରୀ କହିଥିଲେ । ମାତ୍ର ବିଶ୍ୱାସ ନ ହେବାରୁ ସିସି କ୍ୟାମେରା ଦେଖିବାକୁ କହିଥିଲୁ । ସିସିଟିଭିରେ ସାଢେ ୯ଟାରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ପାଇଲୁ। ଏନେଇ ପୁଲିସ୍କୁ ଜଣାଇବାକୁ ଚାହିଁବାରୁ ମୋତେ ବାହାରକୁ ଛାଡ଼ିଲେନି କି କଲ୍ କରିବାକୁ ଦେଲେନି । ଏପରିକି ସେମାନେ ମୋତେ ଗୋଟିଏ ରୁମ୍ରେ ଅଟକ ରଖିବାରୁ ମୁଁ ପରୀକ୍ଷା ଦେବାରୁ ବଞ୍ଚିତ ହେଲି ବୋଲି କହିଥିଲେ। ପ୍ରଶ୍ନପତ୍ର ଆଖି ଆଗରେ ଖୋଲାଯିବା କଥା। ମାତ୍ର ସେମାନେ ଦେଢ ଘଣ୍ଟା ଆଗରୁ ସିଲ୍ କାଟି ହଲ୍କୁ ଆଣିଥିଲେ। ଏହା ସମ୍ପୂର୍ଣ୍ଣ ନିୟମ ବହିର୍ଭୂତ କାମ । ତେଣୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ସନ୍ଦେହ କରୁଛୁ। ମାତ୍ର କଲେଜ ସୁପରିଣ୍ଟେଣ୍ଡେଣ୍ଟ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଯେଉଁ ସମୟରେ ପ୍ରଶ୍ନପତ୍ର ଖୋଲାଯିବା କଥା ସେ ସମୟରେ ଖୋଲାଯାଇଥିଲା । ପ୍ରଶ୍ନପତ୍ରରେ ସିଲ୍ ରହିଛି, ମାତ୍ର ସମ୍ପୃକ୍ତ ଛାତ୍ରଜଣକ ମିଥ୍ୟା ଅଭିଯୋଗ କରିଛନ୍ତି । ତାଙ୍କୁ ଅଟକ ରଖାଯାଇନି କି ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇନି।

## ଜିଆରଏସ ପଦକୁ ...

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେପ୍ଟେମ୍ବର ୨୫ର ନିର୍ଦ୍ଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରସ୍ୱତୀ ମଣ୍ଡଳ ଓ ଅନ୍ୟ ୧୦ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ନଭେମ୍ବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୨୦୧୮ରେ ଜିଆରଏସ ଭାବେ ନିଯୁକ୍ତି ପାଇଥିଲେ। ୨୦୨୧, ଜୁଲାଇ ୧ରେ ପ୍ରକାଶିତ ଜିଆରଏସଙ୍କ ଗ୍ରେଡେସନ ତାଲିକାରେ ଆବେଦନକାରୀଙ୍କ ନାଁ ସ୍ଥାନ ପାଇଥିଲା। ୨୦୨୪, ଫେବୃୟାରୀ ୨୭ରେ ପଞ୍ଚାୟତିରାଜ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ନିୟମାବଳୀ, ୨୦୨୪ ଜାରି କରାଯାଇଥିଲା। ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ସଂକ୍ରାନ୍ତରେ ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ଏକ ଗାଇଡ଼ଲାଇନ ଜାରି କରିଥିଲା। ଏହାପରେ ମାର୍ଚ୍ଚ ୧୫ରେ ୧୮୨ଜଣ ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ଦିଆଯାଇଥିଲା। ଆବେଦନକାରୀମାନେ ନୂଆ ପଦବୀରେ ନିଯୁକ୍ତି ପରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ଗରଦପୁର, ରାଜକନିକା ଓ ଅନ୍ୟ ବ୍ଲକରେ କାର୍ଯ୍ୟ କରୁଥିବା ବେଳେ ହଠାତ ଗତ ସେପ୍ଟେମ୍ବର ୨୫ରେ ସେମାନଙ୍କୁ ପୁଣି ପୂର୍ବ ଅବସ୍ଥା (ଜିଆରଏସ ପଦ)କୁ ଫେରାଇ ନେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ କାର୍ଯ୍ୟ କରିବା ବେଳେ ଆବେଦନକାରୀ ପାଇଥିବା ଦରମା ବାବଦ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ନିର୍ଦ୍ଦେଶ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ହାଇକୋର୍ଟରେ ଦାୟର ମାମଲାରେ ଦର୍ଶାଯାଇଛି ଯେ ଖାଲି ପଡ଼ିଥିବା ୨୫୯ଟି ମଞ୍ଜୁରୀପ୍ରାପ୍ତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ଜିଆରଏସ ଭାବେ କାର୍ଯ୍ୟ କରୁଥିବା ଆବେଦନକାରୀ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ପଞ୍ଚାୟତିରାଜ ବିଭାଗ ତରଫରୁ ଜାରି ନିୟମାବଳୀ ଅନୁସାରେ ଆବେଦନକାରୀଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ବେଳେ ବିନା କାରଣରେ ସେମାନଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବାକୁ ନିର୍ଦ୍ଦେଶ ଦିଆଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଭଳି ନିର୍ଦ୍ଦେଶ ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା । ଏହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ। ସେପ୍ଟେମ୍ବର ୨୫ର ନିର୍ଦ୍ଦେଶକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଜେନା ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ସ୍ୱୟଂପ୍ରଭୁ ଜେନା ସହାୟତା କରୁଥିଲେ।

## ପୁଟିନଙ୍କ ପଦକ୍ଷେପ ...

ଏହି ଆକ୍ରମଣ ସହିତ ସିରିଆରୁ ହିଜବୁଲ୍ଲା ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ହୋଇଯାଇଛି। କେବଳ ଏତିକି ନୁହେଁ, ଇସ୍ରାଏଲ ବାୟୁସେନା ଆକ୍ରମଣରେ ଲେବାନନକୁ ସିରିଆ ସହିତ ସଂଯୋଗ କରୁଥିବା ୨ କିଲୋମିଟର ଲମ୍ବା ଟନେଲ ନଷ୍ଟ ହୋଇଯାଇଛି । ଏହି ଟନେଲ ମାଧ୍ୟମରେ ହିଜବୁଲ୍ଲାକୁ ଇରାନରୁ ଅସ୍ତ୍ରଶସ୍ତ୍ର ପଠାଯାଉଥିଲା । ଏହି ଟନେଲ ଉପରେ କେବଳ ହିଜବୁଲ୍ଲାର ୟୁନିଟ୍-୪୪୦୦ର ନିୟନ୍ତ୍ରଣ ଥିଲା।

## ପୃଥିବୀ ମୁହାଁ ...

ଏହା ସହିତ ଦୁଇଟି ବିରାଟ ସିଏମଇ ମଧ୍ୟ ବାହାରିଥିଲା। ଅକ୍ଟୋବର ୪ରେ ପ୍ରଥମ ସିଏମଇ ପୃଥିବୀରେ ଧକ୍କା ହୋଇଥିଲା । କିନ୍ତୁ ଏହାର ପ୍ରକୃତ ପ୍ରଭାବ ଅକ୍ଟୋବର ୬ ରବିବାର ଦିନ ପଡିଛି। ଯେତେବେଳେ ଏକ ଶକ୍ତିଶାଳୀ ସିଏମଇ ଜି-୩ ବର୍ଗର ଜିଓମ୍ୟାଗ୍ନେଟିକ ଝଡ ସୃଷ୍ଟି କରିବାର ଆଶଙ୍କା ରହିଛି ଏହା ଯୋଗୁ ମଧ୍ୟ-ଅକ୍ଷାଂଶରେ ଏକ ସୁନ୍ଦର ଅରୋରା ଅର୍ଥାତ ଆକାଶରେ ଉଜ୍ଜ୍ୱଳ ଆଲୋକ ଦୃଶ୍ୟମାନ ହୋଇପାରେ ।

# ଆନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ବିୟୁଟିଫୁଲ ମାଇଣ୍ଡ ୟୁଥ ମେଣ୍ଟରିଂ ପକ୍ଷରୁ ଭୁବନେଶ୍ୱର ରାଜ୍ୟ ସଂଗ୍ରାହଳୟ ସମ୍ମିଳନୀ କକ୍ଷ ପରିସରରେ ଆନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ "ୱମେନ ହେଲ୍ଥ' ବିଷୟ ବସ୍ତୁକୁ ନେଇ ସର୍ବମୋଟ ୪୨ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇସିଏଏ ସଚିବ ସଂଜୀବ ବିଶ୍ୱାଳ, ବିଶିଷ୍ଟ ଚିତ୍ରଶିଳ୍ପୀ ଜୀତେନ୍ଦ୍ର ସାହୁ, ସୋଲାର ଇନ୍ଫ୍ରାର ଏମ୍ଡି ସାଇ କ୍ରିଷ୍ଣା ଚିତ୍ରକଳା ଉପରେ ନିଜ ନିଜର ମତବ୍ୟକ୍ତ କରିଛନ୍ତି। କ୍ରିଏଟିଭ୍ ଆର୍ଟ ନିର୍ଦ୍ଦେଶିକା କଲ୍ୟାଣି ଆଚାର୍ଯ୍ୟ ଛାତ୍ର ଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ହିଁ ଚିତ୍ରକଳାର ବିକାଶ ଘଟାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମର ବିଜେତା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବିଉଟିଫୁଲ ମାଇଣ୍ଡର ପ୍ରତିଷ୍ଠାତା ସୁଚିସ୍ମିତା ପଣ୍ଡା।

## ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ଅମିନ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ହାବୁଡରେ ପଡିଲେ ଅମିନ । ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅମିନ ଭିଜିଲାନ୍ସ ପଞ୍ଜାରେ ପଡିଛନ୍ତି । ଝାରସୁଗୁଡା କିର୍ମିରା ତହସିଲର ଅମିନ ଭାସ୍କର ମେହେର ମହେନ୍ଦ୍ର ଓରାମ ନାମକ ବ୍ୟକ୍ତିଙ୍କ ଠାରୁ ଜମିଜମା କାଗଜପତ୍ର କରିବାକୁ ଲାଞ୍ଚ ନେଉଥିଲେ । ଭିଜିଲାନ୍ସ ଡିଏସ୍ପିଙ୍କ ନେତୃତ୍ୱରେ ମାଡି ବସିଲା ସ୍ୱତନ୍ତ୍ର ଟିମ୍ ।

## ବିଜେଡିର ଉପଦେଷ୍ଟା କମିଟି ବୈଠକ

# ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଜୁ ଜନତା ଦଳର ଉପଦେଷ୍ଟା କମିଟିର ବୈଠକ ଦଳର ବରିଷ୍ଠ ନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆଜି ଶଙ୍ଖ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ଦଳର ବରିଷ୍ଠ ନେତା ତଥା ଉପଦେଷ୍ଟା କମିଟିର ସଦସ୍ୟମାନେ କହିଥିଲେ ଯେ, ବିଜୁ ଜନତା ଦଳ ଗତ ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥିଲେ ହେଁ, ବିଭିନ୍ନ ଦଳ ପାଇଥିବା ଭୋଟ ସଂଖ୍ୟା ହିସାବରେ, ଏବେବି ରାଜ୍ୟର ଏକ ନମ୍ବର ଦଳ ହୋଇ ରହିଛି। ତାଛଡା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେବି ଓଡିଶାବାସୀଙ୍କ ସବୁଠାରୁ ଅଧିକ ପସନ୍ଦ ନେତାର ମାନ୍ୟତା ବଜାୟ ରଖିଛନ୍ତି। ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟରେ ଆରମ୍ଭ ହୋଇଥିବା ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ଦେଖିବାକୁ ମିଳୁଛି। ବର୍ତ୍ତମାନର ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବିଫଳତା ଜନ ସାଧାରଣଙ୍କ ପାଖରେ ପହଁଚିଛି। ବିଜେପି ଦ୍ୱାରା ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ମଧ୍ୟ ଜନସାଧାରଣ ଜାଣିଲେଣି। ବିଜେପିର ମିଛ ପ୍ରତିଶ୍ରୁତିକୁ ଲୋକଙ୍କ ନିକଟରେ ସଚେତନ କରିବା ସଙ୍ଗେ ସଙ୍ଗେ ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ବିଜୁ ଜନତା ଦଳ ତାର କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ଉପସ୍ଥିତ ଥିବା ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଦଳ ତରଫରୁ ବିଭିନ୍ନ ପ୍ରସଙ୍ଗ ଉପରେ ନିଆଯାଇଥିବା ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକ୍ରମ ରୂପାନ୍ତରୀଣ କମିଟିର ଆବାହକ ସଞ୍ଜୟ ଦାସବର୍ମା ଓ ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ସେମାନଙ୍କର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି ଦଳର ମିଡ଼ିଆ ଟିମ୍ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏହି ବୈଠକରେ, ଉପଦେଷ୍ଟା କମିଟିର ସଦସ୍ୟମାନେ ଯଥା, ଉଷା ଦେବୀ, ପ୍ରଫୁଲ୍ଲ ସାମଲ, ଚନ୍ଦ୍ର ଶେଖର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମନାଭ ବେହେରା, ବଦ୍ରି ନାରାୟଣ ପାତ୍ର, ଭୂପିନ୍ଦର ସିଂ, ମଙ୍ଗଳା କିସାନ, ରବି ନାରାୟଣ ନନ୍ଦ, ଆୟୁବ ଖାନ, ଶଶୀ ଭୂଷଣ ବେହେରା, ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ରଜନୀ କାନ୍ତ ସିଂ, ଗଣେଶ୍ୱର ବେହେରା ଇତ୍ୟାଦି ଯୋଗଦେଇ ନିଜର ମତ ରଖିଥିଲେ।

## ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ଓସ୍ଡମା

# ଖୋଲିବ ୪ ନୂଆ ଡିଭିଜନ : ସୃଷ୍ଟି ହେବ ୩୭ ନୂଆ ପଦବୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ହେବ ବଡ଼ ବିପଦ ହୋଇ ଛିଡ଼ା ହେଲାଣି। ଏହାର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍ଡମା) ଅଣ୍ଟା ଭିଡ଼ିଛି । ଏଥିପାଇଁ ଓସ୍ଡମାର ହେବ ନବକଳେବର । ବଦଳିବ ଢାଞ୍ଚା । ଖୋଲିବ ୪ ନୂଆ ଡିଭିଜନ । ବଢ଼ିବେ ମାନବ ସମ୍ବଳ । ସୃଷ୍ଟି ହେବ ୩୭ ନୂଆ ପଦବୀ । ୧୯୯୯ ମହାବାତ୍ୟାରେ ଓଡ଼ିଶା ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା । ଜୀବନ ହରାଇଥିଲେ ୧୦ ହଜାରରୁ ଅଧିକ । କ୍ଷୟକ୍ଷତି ଆକଳନଠାରୁ ଢେର ଅଧିକ ଥିଲା । ଏହା ପରବର୍ତ୍ତୀ ବିପର୍ଯ୍ୟୟ ମୁକାବିଲା ପାଇଁ ଓସ୍ଡମା ଗଢ଼ି ଓଡ଼ିଶା ସାରା ଦେଶକୁ ଦେଇଥିଲା ମଡେଲ୍ । ପରବର୍ତ୍ତୀ ସମୟରେ ଯେତେ ବାତ୍ୟା, ବାତ୍ୟା ଓଡ଼ିଶା ମୁହାଁ ହୋଇଛି, ଓସ୍ଡମା ଦେଖାଇଛି ଦକ୍ଷତା । ପୂର୍ବରୁ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି କରିବାକୁ ପଡୁଥିଲା । ଏବେ ଅଚାନକ ବିପଦ ମାଡ଼ି ଆସୁଛି । ତେଣୁ ପୁରୁଣା ଢାଞ୍ଚା ଛାଡ଼ି ଏବେ ନୂଆ ଢାଞ୍ଚା ଆଣିବ ଓସ୍ଡମା । ଜାତୀୟ ବିପର୍ଯ୍ୟୟ ମୁକାବିଲା ଢାଞ୍ଚାରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ନୂଆ ନୂଆ ଜ୍ଞାନ କୌଶଳ ଉପଯୋଗ କରାଯିବ । ଏଥିପାଇଁ ମାନବ ସମ୍ବଳର ଦକ୍ଷତା ବୃଦ୍ଧି କରାଯିବ । ୪ଟି ଡିଭିଜନ ମଧ୍ୟରେ ଜେନେରାଲ ଡିଭିଜନ, କାର୍ଯ୍ୟ ଦକ୍ଷତା ବୃଦ୍ଧି, ପ୍ରକଳ୍ପ ଓ ବୈଷୟିକ ଜ୍ଞାନ କୌଶଳ, ଅର୍ଥ ଡିଭିଜନ ରହିବ । ପ୍ରତି ଡିଭିଜନରେ ଜଣେ ଲେଖାଏଁ ନିର୍ବାହୀ ନିର୍ଦ୍ଦେଶକ (ଆଇଏଏସ୍ କିମ୍ବା ଓଏଏସ୍) ରହିବେ । ପ୍ରତି ବିଭାଗରେ ବୈଷୟିକ ଜ୍ଞାନ ଥିବା ବିଶେଷଜ୍ଞ, କନସଲଟାଣ୍ଟ ନିଯୁକ୍ତ ହେବେ । ପ୍ରକଳ୍ପ ଓ ବୈଷୟିକ ଜ୍ଞାନ କୌଶଳ ଡିଭିଜନର ନିର୍ବାହୀ ନିର୍ଦ୍ଦେଶକ ଜଣେ ଯନ୍ତ୍ରୀ ରହିବେ, ଯିଏକି ରାଜ୍ୟ ସରକାରଙ୍କ ଯନ୍ତ୍ରୀ ହୋଇଥିବେ କିମ୍ବା କେନ୍ଦ୍ର ଟେଲିକମ ବିଭାଗରୁ ଆସିବେ । ଅର୍ଥ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଓଏଫଏସ୍ ପାହ୍ୟାରେ ହେବେ। ବର୍ତ୍ତମାନ ଓଏସ୍ଡମାରେ ୧୦୨ଜଣ କର୍ମଚାରୀ ଅଛନ୍ତି । ଏଥିରୁ ୧୦ଟି ପଦବୀ ଉଚ୍ଛେଦ ହେବ । ୩୭ଟି ନୂଆ ପଦବୀ ସୃଷ୍ଟି କରାଯିବା ସହ ମୋଟ ପଦବୀ ସଂଖ୍ୟା ୧୨୯ ହେବ।

ଭୁବନେଶ୍ୱର
୦୭ ଅକ୍ଟୋବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମା' ମଙ୍ଗଳାଙ୍କ ରନ୍ଗିରି ବିଜେ ନୀତି ସମାପନ



## ବିଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ମା'

**ପୁରୀ, ୬/୧୦ ନ୍ୟୁଜ ବ୍ୟୁରୋ**
କାକଟପୁର ମାଆ ମଙ୍ଗଳାଙ୍କ ପୀଠରେ ଚାଲିଛି ପୂଜାର୍ଚ୍ଚନା । ନବପତ୍ରିକା ପୂଜାରେ ମାଆ ମଙ୍ଗଳାଙ୍କ ବିଭିନ୍ନ ବେଶ ଓ ନାଲିକଲି କଳାକଲି ଠାରୁ ଆରମ୍ଭ କରି ତୀର କମାଣ, କାତିଖର୍ପର, ସିଂହବାହିନୀ ସହ ମହିସାମର୍ଦ୍ଦିନୀ ବେଶ କରାଯାଉଛି । ଏହିସବୁ ବେଶରେ ଦର୍ଶନ ଦେବେ ମାଆ ମଙ୍ଗଳା । ମଙ୍ଗଳାଙ୍କ ପ୍ରଥମେ ବେଶ ଆରମ୍ଭ ହୋଇଥିବାରୁ ମାଆଙ୍କ ପାଦପଦ୍ମ ଲାଗିସହ ନାଲିକଲି ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ରବିବାର ସମସ୍ତ ନୀତିକାନ୍ତି ପରେ ମାଆଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ମଣି ବିମାନରେ ରନ୍ଗିରି ବିଜେ ନୀତି ସମାପନ ହୋଇଥିଲା । ମାଆଙ୍କ ଚଳନ୍ତି ପ୍ରତିମା ମଣି ବିମାନରେ ରନ୍ଗିରି ମଣ୍ଡପକୁ ବିଜେ କରିଥିଲେ । ପୂଜା ସମାପନ ହେବାପରେ ମାଆଙ୍କ ପାଦପଦ୍ମ ଲାଗିହେଲା ଓ ନବପତ୍ରିକାର ପଞ୍ଚମୀଠାରୁ ମାଆଙ୍କ ବେଶରେ ପରିବର୍ତ୍ତନ ହୋଇଛି । ପଞ୍ଚମୀରେ ତୀରକମାଣ ବେଶରୁ ନେଇ ସିଂହବାହିନୀ ବେଶ ଓ ଶେଷରେ ମହିସାମର୍ଦ୍ଦିନୀ ବେଶରେ ଦର୍ଶନ ଦେବା ପରେ ପରେ ଶାନ୍ତି ବେଶରେ ମାଆ ଦର୍ଶନ ଦେଇଥାନ୍ତି । ଶେଷରେ ଶାରଦୀୟ ପାର୍ବଣ ପୂଜା ସମାପନ ହୋଇଥାଏ ।

## ହବିଷ୍ୟାଳିଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ

**ପୁରୀ,୦୬/୧୦ ନ୍ୟୁଜ ବ୍ୟୁରୋ**
ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ରହି ରାଇଦାମୋଦର ବ୍ରତ ପାଳନ କରିବା ପାଇଁ ରବିବାର ଠାରୁ ଆଶାୟୀ ହବିଷ୍ୟାଳିଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି । ବ୍ରତ ପାଳନ ସମୟରେ ସେମାନଙ୍କୁ ମାଗଣାରେ ସମସ୍ତ ସୁବିଧା ମିଳିବ । ଆସନ୍ତା ୧୧ ତାରିଖ ଅଥବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ଚାଲିବ । ଚଳିତ ବର୍ଷ ୨୫୦୦ ହବିଷ୍ୟାଳିଙ୍କୁ ପୁରୀରେ ରହି ଏହି ବ୍ରତ ପାଳନ କରିବାର ସୁଯୋଗ ମିଳିବ ।



ଜଗତଜନନୀ ମା' ଦୁର୍ଗାଙ୍କ ମୃଣ୍ମୟୀମୂର୍ତ୍ତିରେ ଶିଳ୍ପୀଙ୍କ ଶେଷ ସ୍ପର୍ଶ...
(ଫଟୋ : ସମ୍ବାଦ କଳିକା)

### ହୀରାକୁଦ ଡ୍ୟାମ ପ୍ରକଳ୍ପ କେନାଲର ହେବ ନବୀକରଣ

# ୪ବର୍ଷରେ ଖର୍ଚ୍ଚ ହେବ ୮୫୫କୋଟି

**ଭୁବନେଶ୍ୱର, ୬/୧୦ ନ୍ୟୁଜ ବ୍ୟୁରୋ**
ହୀରାକୁଦ ସେଚାଞ୍ଚଳର ଜଳପଥଗୁଡିକ ବର୍ତ୍ତମାନ ଜରାଜୀର୍ଣ୍ଣ ଓ ଅଚଳ ହୋଇପଡ଼ିଛି । ଫଳସ୍ୱରୂପ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି । ଯେଉଁଥିପାଇଁ କେନାଲରେ ସୁଷମ ଜଳ ବଣ୍ଟନ ହୋଇପାରୁ ନାହିଁ । ଏହାର ସମାଧାନ ନିମନ୍ତେ ହୀରାକୁଦ ବନ୍ଧ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନାକୁ ଆଗାମୀ ୪ବର୍ଷ ଅର୍ଥାତ ଆର୍ଥିକ ବର୍ଷ ୨୦୨୪-୨୫ରୁ ୨୦୨୭-୨୮ମଧ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ୮୫୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ସଙ୍କଳ୍ପପତ୍ର ଜାରି ହୋଇଛି । ହୀରାକୁଦ ସେଚାଞ୍ଚଳ ଅଦ୍ୟାବଧି ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲ୍ଲାର ଚାଷୀଙ୍କୁ ଖରିଫ ଓ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦେବା ସହିତ ସେମାନଙ୍କ ସାମାଜିକ ତଥା ଆର୍ଥିକ ଉନ୍ନତିରେ ସହାୟତା କରିଆସୁଛି । କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ବଣ୍ଟନ ବ୍ୟବସ୍ଥାରେ ଜଳର କ୍ଷତିକୁ ହ୍ରାସ କରି ତଳମୁଣ୍ଡରେ ଜଳ ଉପଲବ୍ଧତା ବୃଦ୍ଧି କରାଯାଇ ପାରିବ । ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଏବଂ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀ ମାନଙ୍କରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ, ସିଡି, ଆଉଟଲେଟ ଇତ୍ୟାଦିର ନବୀକରଣ କରାଯିବ । ଏଥିସହିତ ସାଇଫନ, ଏଚଆର, ସିଆର ଏବଂ ଭିଆରବି ଇତ୍ୟାଦିର ସ୍ଥିରୀକରଣ କରାଯିବ । ଦକ୍ଷିଣ ଏବଂ ବାମ ସ୍ପିଲୱେ ଫାଉଣ୍ଡେସନ ଗ୍ୟାଲେରି ମରାମତି ଏବଂ ନବୀକରଣ ସହିତ ଦକ୍ଷିଣ ଆବ୍ୟୁଟମେଣ୍ଟ ଏବଂ ଏହାର ସଂଲଗ୍ନ ହୀରାକୁଦ ବନ୍ଧର ଛୋଟ ପୁନଃସଂଯୋଜନା କରିବାକୁ ଯୋଜନା ରହିଛି । ସେଚାଞ୍ଚଳ ନବୀକରଣ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ୬୫ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଥିବାବେଳେ ୨୦୨୫-୨୬ରେ ୧୮୮କୋଟି, ୨୦୨୬-୨୭ରେ ୧୮୮କୋଟି, ୨୦୨୭-୨୮ରେ ୧୮୯କୋଟି, ଏହିପରି ସମୁଦାୟ ୬୩୦କୋଟି ଟଙ୍କା ବିନିଯୋଗ କରାଯିବ । ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଏବଂ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ, ସିଡି ଏବଂ ଆଉଟଲେଟ୍ ଇତ୍ୟାଦିର ନବୀକରଣ ହେବ । ଭିଆରବି, ସିଆର, ଏଚଆର, ସାଇଫନ ଇତ୍ୟାଦିର ସ୍ଥିରୀକୃତ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ୩୦ କୋଟି, ୨୦୨୫-୨୬ରେ ୪୪କୋଟି, ୨୦୨୬-୨୭ରେ ୪୪କୋଟି ଏବଂ ୨୦୨୭-୨୮ରେ ୪୫ କୋଟି ଏହିପରି ମୋଟ ୧୬୩ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଆର୍ଥିକ ବର୍ଷ ୨୦୨୪-୨୫ରେ ସେଚାଞ୍ଚଳ ନବୀକରଣ ନିମନ୍ତେ ମାଇନର ୪୪କି.ମି., ସବ୍-ମାଇନର ୧-୫୫କି.ମି., ସବ୍-ମାଇନର ୨-୬୦କି.ମି. କରାଯିବ । ସେହିପରି ୨୦୨୫-୨୬ରେ ମାଇନର ୧୨୪କି.ମି. ସବ୍-ମାଇନର ୧-୧୫୫କି.ମି., ସବ୍-ମାଇନର ୨-୧୭୧.୪୩କି.ମି. ନିର୍ମାଣ ହେବ । ଆର୍ଥିକ ବର୍ଷ ୨୦୨୬-୨୭ରେ ମାଇନର ୧୨୪କି.ମି., ସବ୍-ମାଇନର ୧-୧୫୫କି.ମି., ସବ୍-ମାଇନର ୨-୧୭୧.୪୩କି.ମି. ନିର୍ମାଣ କରାଯିବ । ଏଥିସହିତ



ଆର୍ଥିକ ବର୍ଷ ୨୦୨୭-୨୮ରେ ମାଇନର ୧୧୫କି.ମି. ସବ୍-ମାଇନର ୧-୧୮୭କି.ମି. ଏବଂ ସବ୍‌ମାଇନର ୨-୧୪୮.୧୪କି.ମି. ନିର୍ମାଣ କରାଯିବ । ଡାହାଣ ଆବ୍ୟୁଟମେଣ୍ଟ ଏବଂ ଏହାର ସଂଲଗ୍ନ ହୀରାକୁଦ ବନ୍ଧର ଛୋଟ କାନ୍ଥ ୧୫୬୦ ମିଟର ଲମ୍ବ ଏବଂ ବଡ଼ କାନ୍ଥ ସହିତ ଡ୍ରେନ ୩୯୦ମିଟର ଲମ୍ବ ତିଆରି କରାଯିବ । ହୀରାକୁଦ ବନ୍ଧ ପ୍ରକଳ୍ପର ଗ୍ୟାଲେରିର ମରାମତି ତଥା ନବୀକରଣ ହେବ । ୨୦୨୪-୨୫ ଆର୍ଥିକ ବର୍ଷରେ ଛିଦ୍ର ଓ ଫାଟ ଗୁଡିକର ସର୍ଭେକ୍ଷଣ ଏବଂ ୮୨ଟି ଛିଦ୍ର ଓ ୨୨୮ଡ୍ରିଲ ଛିଦ୍ର ସଫା କରାଯିବ । ୨୦୨୫-୨୬ବର୍ଷରେ ଛୋଟ ବଡ଼ ଛିଦ୍ର ଓ ଫାଟର ମରାମତି କରାଯିବ । ଏହି ଯୋଜନା ଜଳସମ୍ପଦ ବିଭାଗ ଦ୍ୱାରା ଆସନ୍ତା ୪ବର୍ଷ ଅବଧିରେ ଶେଷ କରାଯିବ । ଏହା ରାଜ୍ୟ ସରକାରଙ୍କ ନିଜସ୍ୱ ସମ୍ବଳରୁ ଜଳସମ୍ପଦ ବିଭାଗର ଯୋଜନା ପାଣ୍ଠି ମାଧ୍ୟମରେ ଖର୍ଚ୍ଚ କରାଯିବ । ଯୋଜନାକୁ ବିଭାଗରେ କାର୍ଯ୍ୟରତ ମାନବ ସମ୍ବଳ ଦ୍ୱାରା କାର୍ଯ୍ୟକାରୀ କରାଯିବ ବୋଲି ସଂକଳ୍ପପତ୍ରରେ କୁହାଯାଇଛି ।

### ପ୍ରବାସୀ ଶ୍ରମିକଙ୍କୁ ରାସନ କାର୍ଡ ଯୋଗାଇବାରେ ବିଳମ୍ବ ମାମଲା

# ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୬/୧୦**
ପ୍ରବାସୀ ଶ୍ରମିକମାନଙ୍କୁ ରାସନ କାର୍ଡ ଯୋଗାଇବାରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ବିଫଳତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । ସର୍ବୋଚ୍ଚ ଅଦାଲତ କହିଛନ୍ତି ଆମର ଆଉ ଧୈର୍ଯ୍ୟ ନାହିଁ । ତୁରନ୍ତ ଏ ନେଇ ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି । ଏ ସମ୍ପର୍କିତ ମାମଲାର ଶୁଣାଣି କରି ଜଷ୍ଟିସ୍ ସୁଦର୍ଶନ ଧୁଲିଆ ଏବଂ ଅସନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ଏପରି କହିଛନ୍ତି । ଏଥିସହିତ ନଭେମ୍ବର ୧୯ ତାରିଖ ସୁଦ୍ଧା ପଦକ୍ଷେପ ନେବାକୁ ସରକାରମାନଙ୍କୁ ଅନ୍ତିମ ସୁଯୋଗ ଦେଇଛନ୍ତି କୋର୍ଟ । ଏନେଇ କୋର୍ଟ କହିଛନ୍ତି "ଆମ ପାଖରେ ଆଉ ଧୈର୍ଯ୍ୟ ନାହିଁ । ନିର୍ଦ୍ଦେଶ ପାଳନ କରିବା ପାଇଁ ଆମେ ଶେଷ ସୁଯୋଗ ଦେଉଛୁ । ନହେଲେ ଆପଣଙ୍କ ସଚିବ ଉପସ୍ଥିତ ରହିବେ ।" କେନ୍ଦ୍ର ସରକାରଙ୍କ ପାଇଁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଥିଲେ ଯେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧୀନରେ ପ୍ରାଥମିକ ପର୍ଯ୍ୟାୟର ପରିବାରକୁ କେବଳ ଗୋଟିଏ ରାସନ କାର୍ଡ ଦିଆଯାଉଛି । ୨୦୨୦ରେ କୋଭିଡ ପରେ ପ୍ରବାସୀ ଶ୍ରମିକମାନେ ରାସନ ପାଇଁ ସମସ୍ୟା ଭୋଗିବା ପରେ କୋର୍ଟ ନିଜ ଆଡୁ ମାମଲା ରୁଜୁ କରି ଶୁଣାଣି କରିଥିଲେ । ସର୍ବୋଚ୍ଚ ଅଦାଲତ ଏହା ପୂର୍ବରୁ ୨୦୨୧ର ରାୟର ଅନୁପାଳନ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ରାସନ କାର୍ଡ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ପଦକ୍ଷେପ ପ୍ରଦାନ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଏକ ଆଫିଡେଭିଟ୍ ଦାଖଲ କରିବା ପାଇଁ କହିଥିଲେ । ୨୯ ଜୁନ୍ ୨୦୨୧ର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଓ ପରବର୍ତ୍ତୀ ନିର୍ଦ୍ଦେଶରେ, କୋଭିଡ-୧୯ ମହାମାରୀ ସମୟରେ ପୀଡିତ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ 'ଇ-ଶ୍ରମ' ପୋର୍ଟାଲ୍ ପଞ୍ଜିକୃତ ରାସନ କାର୍ଡ ପ୍ରଦାନ ସମେତ କଲ୍ୟାଣମୂଳକ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧ ରାୟରେ ସର୍ବୋଚ୍ଚ ଅଦାଲତ ଅସଂଗଠିତ ଶ୍ରମିକଙ୍କ ପାଇଁ ଜାତୀୟ ଡାଟାବେସ୍ ସୃଷ୍ଟି କରିବାରେ କେନ୍ଦ୍ରର 'ଉଦାସୀନତା ଏବଂ ଅଭାବନୀୟ ମନୋଭାବ'କୁ ଅକ୍ଷମଣୀୟ ବୋଲି କହିଥିଲେ ଏବଂ ୩୧ ଜୁଲାଇ ୨୦୨୧ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହା ଦ୍ୱାରା ସମସ୍ତ ପ୍ରବାସୀ ଶ୍ରମିକ ପଞ୍ଜୀକୃତ ହେବେ ଏବଂ କୋଭିଡ ଭଳି ଖରାପ ସ୍ଥିତିରେ ସେମାନଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟ ସେମାନଙ୍କ ପାଖରେ ପହଞ୍ଚିବ । କେବଳ ସେତିକି ନୁହେଁ, ମହାମାରୀ ଶେଷ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ମାଗଣା ଶୁଖିଲା ରାସନ ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ କେନ୍ଦ୍ରକୁ ଏଥିପାଇଁ ଅତିରିକ୍ତ ଖାଦ୍ୟଶସ୍ୟ ଯୋଗାଇ ଦେବାକୁ ମଧ୍ୟ କହିଥିଲେ ।



### ସରକାରୀ କ୍ୱାର୍ଟର୍ସରେ ଆଇପିଏସ୍‌ଙ୍କ ଉତ୍ପାତ ଘଟଣା

## ଡିଜିପିଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**ଭୁବନେଶ୍ୱର ୦୬/୧୦ ନ୍ୟୁଜ ବ୍ୟୁରୋ**
ଜଣେ ଇନ୍‌ସପେକ୍ଟର ସରକାରୀ କ୍ୱାର୍ଟର୍ସରେ ଆଇପିଏସ୍‌ଙ୍କ ଉତ୍ପାତ ଘଟଣା ପୁଣି ଚର୍ଚ୍ଚାକୁ ଆସିଛି । ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆରସି) ଘଟଣାକୁ ଗୁରୁତର ସହ ନେଇଛନ୍ତି । ଏନେଇ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ ବି ଖୁରାନିଆଙ୍କୁ ରିପୋର୍ଟ ତଲବ କରିଛନ୍ତି । ଆସନ୍ତା ୮ ସପ୍ତାହ ଭିତରେ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ ଏନେଇ ଏନ୍‌ଏଚ୍‌ଆରସିରେ ପିଟିସନ ଦାଖଲ କରିଥିଲେ । ଜୁଲାଇ ୨୭ ତାରିଖ ରାତିରେ ଆଇପିଏସ୍‌ଜଣକ ନିଶାସକ୍ତ ଅବସ୍ଥାରେ କ୍ୟାପିଟାଲ ଥାନା ଅଧୀନରେ ଥିବା ଜଣେ ମହିଳା ଇନ୍‌ସପେକ୍ଟରଙ୍କ ସରକାରୀ କ୍ୱାର୍ଟର୍ସକୁ ଯାଇଥିଲେ । କ୍ୱାର୍ଟର୍ସରୁ ମହିଳା ଅଧିକାରୀଙ୍କୁ ଘୋଷାଡ଼ି ଆଣି ନାନା ପ୍ରକାର ଗାଳିଗୁଲଜ କରିଥିଲେ । ତାଙ୍କୁ ଜୋରଜବରଦସ୍ତି ବିବାହ କରିବାକୁ ବାଧ୍ୟ କରିଥିଲେ । ମହିଳା ଅଧିକାରୀଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାରପିଟ କରିଥିଲେ ଆଇପିଏସ୍ ଜଣକ । କ୍ୟାପିଟାଲ ଥାନାରୁ ଏକ ପିସିଆର ଭ୍ୟାନ୍ ଘଟଣାସ୍ଥଳକୁ ଯାଇଥିଲା । କିନ୍ତୁ ଆଇପିଏସ୍‌ଙ୍କ ଭୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ପଳାଇ ଆସିଥିଲା । ଇନ୍‌ସପେକ୍ଟରଙ୍କ ସ୍ୱାମୀ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । କିନ୍ତୁ ପୀଡ଼ିତା ଜଣକ ସମ୍ପୃକ୍ତ ଆଇପିଏସ୍‌ଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନଥିଲେ । ଆଇପିଏସଙ୍କ ଡରରେ ସେ କୌଣସି ଥାନାରେ ଅଭିଯୋଗ କରିନଥିଲେ । ଏହି ପିଟିସନର ଶୁଣାଣିରେ ଗତ ୧ ତାରିଖରେ ଏନ୍‌ଏଚ୍‌ଆରସି ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ଚୀନ୍ ଆଡ଼କୁ ମୁହାଁଉଛନ୍ତି ବିଦେଶୀ ନିବେଶକ

**ନୂଆଦିଲ୍ଲୀ, ୬/୧୦**
ଏବେ ଭାରତ ଛାଡ଼ି ଚୀନ୍ ଆଡ଼କୁ ମୁହାଁଉଛନ୍ତି ବିଦେଶୀ ନିବେଶକ ବା ଏଫପିଆଇ । କାରଣ ବିଗତ କିଛି ମାସ ମଧ୍ୟରେ ଏଫପିଆଇ ପ୍ରାୟ ୧.୨୪ ଲକ୍ଷ କୋଟି ଟଙ୍କା ଭାରତୀୟ ଶେୟାର ମାର୍କେଟରୁ ପ୍ରତ୍ୟାହାର କରିଛନ୍ତି । ଏଥିରେ ଜୁନ୍‌ରେ ୨୬,୫୬୫ କୋଟି ଟଙ୍କା, ଜୁଲାଇରେ ୩୨,୩୬୫ କୋଟି ଟଙ୍କା, ଅଗଷ୍ଟରେ ୭,୩୨୦ ଏବଂ ସେପ୍ଟେମ୍ବରରେ ୫୭, ୭୨୪ କୋଟି ଟଙ୍କା ରହିଛି । ବଡ଼ କଥା ହେଲା ଅକ୍ଟୋବରରେ ମାତ୍ର ଚାରି ଦିନରେ ୨୭ ହଜାର କୋଟି ଟଙ୍କାରୁ ଅଧିକ ପ୍ରତ୍ୟାହାର କରିଛନ୍ତି । ଏହା କୌଣସି ସାମାନ୍ୟ ତଥ୍ୟ ନୁହେଁ । ତେବେ କାହିଁକି ଶେୟାର ବଜାରରୁ ଏତେ ଟଙ୍କା କାଢ଼ିଛନ୍ତି ଏଫପିଆଇ ? ଏହାର କ'ଣ କାରଣ ରହିଛି ? ପ୍ରକୃତରେ କିଛି ବର୍ଷରୁ ଉଦୀୟମାନ ବଜାରରେ ଟଙ୍କା ଲଗାଉଥିବା ନିବେଶକ ଭାରତ ଉପରେ ଭରସା ଏଥିପାଇଁ କରୁଥିଲେ, କାରଣ ଚୀନର ଅର୍ଥନୀତିରେ ହ୍ରାସ ଦେଖିବାକୁ ମିଳୁଥିଲା । କୋଭିଡ ପରେ ଯେଉଁ ପରିସ୍ଥିତି ସାମ୍ନାକୁ ଆସିଥିଲା ସେଥିରେ ଚୀନ ବଜାର ଉପରୁ ବିଦେଶୀ ନିବେଶକ ଭରସା ହରାଇଥିଲେ । ଆଉ ଏମିତିରେ ବିଦେଶୀ ନିବେଶକ, ବିକଳ୍ପ ଭାବରେ ଭାରତରେ ଖୁବ୍ ଅର୍ଥ ନିବେଶ କରିଥିଲେ । ହେଲେ ଏବେ ଏକ ନୂଆ ଚାଲ୍ ଖେଳି ଚୀନ ଏହି ଏଫପିଆଇଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ଲାଗିଛି । ପ୍ରକୃତରେ ଚୀନ ସରକାର ଅର୍ଥନୀତିକୁ ବୁଷ୍ଟ୍ କରିବା ପାଇଁ ୧୪୦ ବିଲିୟନ ଡଲାରର ପ୍ୟାକେଜ ଘୋଷଣା କରିଛନ୍ତି । ଏହାର ପ୍ରଭାବ ଏଭଳି ହୋଇଛି ଯେ, ବିଦେଶୀ ନିବେଶକ ଭାରତର ଶେୟାର ବଜାରରୁ ଲାଭ ନେଇ ଚୀନର ଶେୟାର ବଜାରରେ ଲଗାଇଛନ୍ତି । ଯେଉଁ କାରଣରୁ ଗତ ସପ୍ତାହରେ ଶେୟାର ବଜାରରେ ୪.୫ ପ୍ରତିଶତୀ ହ୍ରାସ ଦେଖିବାକୁ ମିଳିଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ, କଞ୍ଚାତେଲ ଦାମ୍‌ରେ ବୃଦ୍ଧି ଏବଂ ଚୀନ ବଜାରର ଉତ୍ତମ ପ୍ରଦର୍ଶନ କାରଣରୁ ଅକ୍ଟୋବରର ପ୍ରଥମ ତିନି କାରବାର ଦିନରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ଭାରତୀୟ ଶେୟାର ବଜାରରୁ ୨୭,୧୪୨ କୋଟି ଟଙ୍କା କାଢ଼ିଲେଣି । ଏହା ପୂର୍ବରୁ ସେପ୍ଟେମ୍ବରରେ ଭାରତୀୟ ଶେୟାର ବଜାରରେ ଏଫପିଆଇ ନିବେଶ ୯ ମାସର ଉଚ୍ଚସ୍ତର ୫୭, ୭୨୪ କୋଟି ଟଙ୍କାରେ ପହଞ୍ଚିଥିଲା । ଏପ୍ରିଲ-ମେ ଶେୟାରରୁ ୩୪, ୨୫୨ କୋଟି ଟଙ୍କା କାଢ଼ିବା ପରେ ଜୁନରୁ ହିଁ ଲଗାତାର ଭାବରେ କ୍ରୟ ଜାରି ରଖିଛନ୍ତି ନିବେଶକ । ଡିପୋଜିଟୋରୀ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୪ରେ ଜାନୁଆରୀ, ଏପ୍ରିଲ ଏବଂ ମେ'କୁ ଛାଡ଼ି ଦେଲେ ଅନ୍ୟ ମାସରେ ଏଫପିଆଇ କ୍ରୟ କରିଛନ୍ତି । ସେହିଭଳି ଚଳିତ ବର୍ଷରେ ଏପର୍ଯ୍ୟନ୍ତ ଏଫପିଆଇ ଶେୟାରରେ ୭୩, ୪୬୮ କୋଟି ଟଙ୍କା ଏବଂ ଋଣ କିମ୍ବା ବଣ୍ଡ ବଜାରରେ ୧.୦୯ ଲକ୍ଷ କୋଟି ଟଙ୍କାର ନିବେଶ କରିଛନ୍ତି । ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଭୂ-ରାଜନୈତିକ ଘଟଣାକ୍ରମ ଏବଂ ଭବିଷ୍ୟତରେ ସୁଧ ହାର କିଭଳି ରହିବ ତାହା ଭାରତୀୟ ବଜାରରେ ଏଫପିଆଇର ନିବେଶ ଦିଗ ନିର୍ଦ୍ଧାରିତ କରିବ ।




## ଗୋଶାଳାରେ ଜନ୍ମଦିନ ପାଳିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଭଦ୍ରକ ୦୬।୧୦ ନ୍ୟୁଜ ବ୍ୟୁରୋ**
ଗୋଶାଳାରେ ମନ୍ତ୍ରୀ ପାଳିଲେ ଜନ୍ମଦିନ । ଗୋମାତାଙ୍କୁ ଖାଇବା ଦେବା ସହ ନିଜ ଜନ୍ମଦିନ ପାଳନ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ । ଭଦ୍ରକ ସହରର ବାଇପାସ୍ ସ୍ଥିତ ଶ୍ରୀ ଗୋପାଳ ଜୀଉ ଗୋଶାଳାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ଜନ୍ମଦିନ ପାଳନ କରିଚନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ ତାଙ୍କର ଶୁଭେଚ୍ଛୁ ମାନେ କୁଆଁସ ସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି । ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ସମର୍ଥକଙ୍କ ସହ ଶ୍ରୀ ଗୋପାଳଜୀଉଙ୍କ ବାସଭବନରେ ପହଞ୍ଚିଥିଲେ ।


## ଏବେ ବଜାରରେ ଉପଲବ୍ଧ...

### 'କଥାକଳିକା': ମହାପୂଜା ସଂଖ୍ୟା-୨୦୨୪




**ଏଥର ସଂଖ୍ୟାରେ ଆମର ଗାଳ୍ପିକ...**

**ସ୍ମରଣୀୟ କଥା :** ପ୍ରଶାନ୍ତ ନନ୍ଦ, ଭାସ୍କର ଜେନା ।
**ସମକାଳର କଥା :** ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ରଂଜନ କୁମାର ଦାସ, ପୁଷ୍ପାଞ୍ଜଳି କର, ପ୍ରତାପ ବିଶ୍ୱାଳ, ବିଭାଷ କାନୁନ୍‌ଗୋ, ଗଙ୍ଗାଧର ବିଶ୍ୱାଳ, ସୋମା ଚାନ୍ଦ, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବନ୍ଦନା ପଣ୍ଡା, ସୁଜାତା ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଅଜୟ ମହାପାତ୍ର, ଲକ୍ଷ୍ମୀ ଚାନ୍ଦ, ବିଜନବାଳା ପାଟଯୋଶୀ ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଶରତ କୁମାର ନାୟକ, ସୁନାକର ସାହୁ, ପ୍ରକାଶ କୁମାର ସାହୁ, ସୁନୀତା କର, ଲଲାଟେନ୍ଦୁ ସାହୁ, ସରୋଜ କୁମାର ମହାନ୍ତି, ବିରେଶ୍ୱର ମହାନ୍ତି, ପ୍ରଫୁଲ୍ଲ ବାରିକ, ସରୋଜ କୁମାର ସାହୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୪୪ ଏ ସଂଖ୍ୟାର ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଡିସେମ୍ବର ୨୬ରୁ ଯୁକ୍ତ ଦୁଇ ପରୀକ୍ଷା

**ଭୁବନେଶ୍ୱର ୦୬/୧୦ ନ୍ୟୁଜ ବ୍ୟୁରୋ**
ଯୁକ୍ତ ଦୁଇ ପରୀକ୍ଷା ତାରିଖ ଘୋଷଣା କଲା ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ । ଏନେଇ ସୂଚନା ଦେଲେ ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡା । ଏଥର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ପରୀକ୍ଷା । ଇଣ୍ଟରନାଲ୍, ପ୍ରାକ୍ଟିକାଲ୍ ଏବଂ ମେନ୍ ପରୀକ୍ଷା ହେବ । ସୂଚନା ମୁତାବକ, ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡା ଯୁକ୍ତ ଦୁଇ ପରୀକ୍ଷା ତାରିଖ ଘୋଷଣା କରିଛନ୍ତି । ଏଥର ଯୁକ୍ତ ଦୁଇ ପରୀକ୍ଷା ଦୁଇ ଭାଗରେ ହେବ ବୋଲି ସେ କହିଛନ୍ତି । ଇଣ୍ଟରନାଲ୍ ଓ ମେନ୍ ପରୀକ୍ଷା । ଡିସେମ୍ବର ୨୬ ରୁ ୩୦ ଯାଏଁ ଇଣ୍ଟରନାଲ୍ ପରୀକ୍ଷା ଏବଂ ଜାନୁଆରୀ ୨ରୁ ୧୨ ଭିତରେ ପ୍ରାକ୍ଟିକାଲ୍ ପରୀକ୍ଷା ହେବ । ଫେବୃୟାରୀ ୧୫ରୁ ମାର୍ଚ୍ଚ ୨୦ ଭିତରେ ମେନ୍ ପରୀକ୍ଷା ହେବ । ସମସ୍ତ ଷ୍ଟ୍ରିମର ଫଳାଫଳ ପରୀକ୍ଷା ସରିବାର ୪୫ ଦିନ ଭିତରେ ବାହାରିବ । ତେବେ ବର୍ତ୍ତମାନ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ ଚାଲିଛି । ଯେଉଁମାନେ କରି ନାହାନ୍ତି, ସେମାନେ ଫାଇନ ଡେଟ୍‌ରେ ଫାଇନ ଭରି ଫର୍ମ ଫିଲ୍‌ଅପ କରିବେ । ଯେଉଁ ଛାତ୍ରଛାତ୍ରୀଙ୍କର ଉପସ୍ଥାନ ୭୫% ନଥିବ, ସେମାନଙ୍କୁ ଆଡମିଟ କାର୍ଡ ମିଳିବ ନାହିଁ ।

# ରାଜଧାନୀ ଭୁବନେଶ୍ୱର ଭିକାରୀ ମୁକ୍ତ : ବଢ଼ିଛନ୍ତି ସ୍ମାର୍ଟ ଭିକାରୀ

**ଭୁବନେଶ୍ୱର,୦୬/୧୦ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ଏମିତି କୌଣସି ଛକ ନାହିଁ, ଯେଉଁଠି ଭିକାରୀ ନାହାନ୍ତି । ଏମାନେ ମନ୍ଦିର, ମସଜିଦ୍ ସାମ୍ନାରେ ବସୁଥିବା ଭିକାରୀଙ୍କ ପରି ନୁହନ୍ତି । ଛିଣ୍ଡା, ଫଟା ପୋଷାକ, ଲୁଗା ପିନ୍ଧି ନଥାନ୍ତି କିମ୍ବା ହାତରେ ଧରି ନଥାନ୍ତି ଫଟା ବେଲା କି ଥାଳି । ସ୍ମାର୍ଟ ସିଟି ଭୁବନେଶ୍ୱରର ସ୍ମାର୍ଟ ଭିକାରୀଙ୍କ ବେଶଭୂଷା ଟିକେ ଅଲଗା । ଏମାନଙ୍କ ଭିତରୁ କେତେକ ନକଲି କିନ୍ନର ବେଶରେ, କଲମ ଆଦି କିଛି ଜିନିଷ ବିକ୍ରି କରିବା ଆଳରେ ପାଖକୁ ଆସନ୍ତି । ଆଉ ହାତ ପତାଇ ଟଙ୍କା ମାଗନ୍ତି । କିନ୍ତୁ ସରକାର କହୁଛନ୍ତି ଖୋର୍ଦ୍ଧା ଜିଲ୍ଲାରେ ମାତ୍ର ୧୫୦ ଭିକାରୀ ଥିବା ବେଳେ ସାରା ରାଜ୍ୟରେ ଅଛନ୍ତି ୩ ହଜାର ୯ ଜଣ ଭିକାରୀ । ମନ୍ଦିର ସାମ୍ନାରେ ଜରି ଅଖା ଉପରେ ବସି କମ୍ବଳ ଘୋଡ଼ାଇ ହାତରେ କଂସା ଧରି ଭିକ ମାଗୁଥିଲେ ଖାଲି ଭିକାରୀ ବୋଲି ହିସାବ କରନ୍ତି ସରକାର । ବେଶ ବଦଳାଇ ସହର ସାରା ବୁଲି ବୁଲି ଲୋକଙ୍କୁ ଟଙ୍କା ମାଗୁଥିବା ଲୋକ ଯେ ଭିକାରୀ ଭିତରେ ଗଣାଯାଇ ପାରିବ ସେ ହିସାବ ସରକାରଙ୍କ ପାଖରେ ନାହିଁ । ନାଲ୍‌କୋ ଛକ ହେଉ କି ମ୍ୟାଗନେଟିକ୍ ଛକ, ଜୟଦେବ ବିହାର ହେଉ କି ସିଆରପି ଛକ, ରସୁଲଗଡ ଆଦି ସହରର ଅଧିକାଂଶ ଛକରେ ଟ୍ରାଫିକ୍ ଅଟକିଥିବା ସମୟରେ ଏଭଳି ଭିକାରୀମାନେ ଆସି ପହଞ୍ଚି ଯାଆନ୍ତି । ମୁହଁରେ ଅସହାୟ ଭାବ ନେଇ ଟ୍ରାଫିକ୍ ସବୁଜ ସଂକେତକୁ ଅପେକ୍ଷା କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏମାନେ ହାତ ପତାଇ ମାଗନ୍ତି ଟଙ୍କା । ଏଭଳି ବିଭିନ୍ନ ବର୍ଗର ବ୍ୟକ୍ତି ଟଙ୍କା ମାଗୁଥିବା ଦେଖିବାକୁ ମିଳୁଛି ଭିକାରୀ ମୁକ୍ତ ସହର ଭୁବନେଶ୍ୱରରେ । ବିଏମ୍‌ସି ଜରିଆରେ ଅନେକ କିନ୍ନର ସ୍ୱାବଲମ୍ବୀ ହୋଇଥିଲେ ମଧ୍ୟ ଅନେକ ଏବେବି ଛକରେ ଭିକ୍ଷାବୃତ୍ତି କରୁଛନ୍ତି । ତେବେ ଏମାନେ କିନ୍ନର ବେଶଧାରୀ ନା ପ୍ରକୃତରେ କିନ୍ନର ତାହା ସ୍ପଷ୍ଟ ହେଉନି । ଦ୍ୱିତୀୟ ବର୍ଗ ହେଲେ ଯାଯାବର । ସହରର ଛକରେ କେତେକ ଅଣଓଡିଆ ନାବାଳକ ନାବାଳିକା, କିଶୋର କିଶୋରୀ, ମହିଳା ହାତରେ ଗଣ୍ଡାଏ ପେନ୍ କିମ୍ବା ଘର ସଜ୍ଜା ଜିନିଷ ବିକ୍ରି ପାଇଁ ଧରିଥାନ୍ତି, କିନ୍ତୁ ଉଦ୍ଦେଶ୍ୟ ଥାଏ ଭିକ୍ଷାବୃତ୍ତି । ଟଙ୍କା ମାଗିଲା ବେଳେ ମଧ୍ୟ ସେମାନେ ନିଜର ଅସହାୟତା ପ୍ରକାଶ କରୁଥାନ୍ତି ଏବଂ କିଛି ସାମଗ୍ରୀ କିଣିବାକୁ ବାଧ୍ୟ କରୁଥାନ୍ତି । କିନ୍ତୁ ଅଧିକାଂଶ ଲୋକେ ଅନାବଶ୍ୟକ ପେନ୍, ଖେଳନା ଚଢ଼େଇ ନ କିଣି ଖାଲିରେ ସେମାନଙ୍କୁ କିଛି ଟଙ୍କା ଧରେଇ ଦିଅନ୍ତି । ତା'ଛଡ଼ା ଟ୍ରାଫିକ୍ ଛକରେ ଜବରଦସ୍ତ ଆସି କିଛି ଲୋକ ମଥାରେ ଚନ୍ଦନ, ସିନ୍ଦୂର ଟୋପା ଲଗାଇ ଦିଅନ୍ତି, ଆଉ ଟଙ୍କା ମାଗନ୍ତି । ଟଙ୍କେ କି ଦୁଇଟଙ୍କା ଏମାନେ ନିଅନ୍ତି ନାହିଁ । ସେହିପରି ରାଜଧାନୀ ଉପକଣ୍ଠରୁ କିମ୍ବା ସହରର ଆଖପାଖ ଅଞ୍ଚଳରୁ ଆସି କିଛି ଦିବ୍ୟାଙ୍ଗ ମଧ୍ୟ ଭିକ୍ଷାବୃତ୍ତି କରୁଥିବା ଦେଖାଯାଉଛି । ତେବେ ସେମାନେ କ'ଣ ଭିକାରୀ ନୁହନ୍ତି ! ଏ ବାବଦରେ ବିଏମସି ଅଧିକାରୀଙ୍କ ସହ ଆଲୋଚନା ବେଳେ ଜଣାପଡିଛି, ଗତ ୬ ମାସରେ ପ୍ରାୟ ୩୦ରୁ ୩୫ ଜଣ ଭିକାରୀଙ୍କୁ ଉଦ୍ଧାର କରି ଥଇଥାନ କରାଯାଇଛି । ରାଜଧାନୀକୁ ଭିକାରୀ ମୁକ୍ତ ସହର କରିବା ଉଦ୍ଦେଶ୍ୟରେ ବିଏମସି, କମିଶନରେଟ୍ ପୋଲିସ ଏବଂ ୪ଟି ଏଜେନ୍ସି ମିଳିତ ଭାବରେ କାମ କରୁଛନ୍ତି । ବର୍ତ୍ତମାନ ସହରରେ ୫ଟି ପୁନର୍ବାସ କେନ୍ଦ୍ର ରହିଛି । ଯେଉଁଥିରୁ ଗୋଟିଏ କେନ୍ଦ୍ର କେବଳ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରତ୍ୟେକ କେନ୍ଦ୍ରରେ ସର୍ବାଧିକ ୧୦୦ ଭିକ୍ଷୁକଙ୍କ ଲାଗି ରହିବା ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ପ୍ରତ୍ୟେକ ପୁନର୍ବାସ କେନ୍ଦ୍ରରେ ପ୍ରାୟ ୯୦ରୁ ଅଧିକ ଅନ୍ତେବାସୀ ରହୁଛନ୍ତି । ଅର୍ଥାତ୍ ପ୍ରାୟ ୪୫୦ରୁ ଅଧିକ ଭିକ୍ଷୁକ ରହୁଛନ୍ତି । ତେବେ ଆଗକୁ ଭିକ୍ଷାବୃତ୍ତି କରୁଥିବା କିନ୍ନରଙ୍କ ଲାଗି ମଧ୍ୟ ଏକ ସ୍ୱତନ୍ତ୍ର ପୁନର୍ବାସ କେନ୍ଦ୍ର ଖୋଲିବାକୁ ଆଲୋଚନା ଚାଲିଛି । କିନ୍ତୁ ଯାଯାବର ଭିକ୍ଷୁକଙ୍କ ଲାଗି କୌଣସି ସମାଧାନ ବାହାରିପାରି ନାହିଁ । ସେମାନେ ପୁନର୍ବାସ କେନ୍ଦ୍ରରେ ସମସ୍ତଙ୍କ ସହ ନ ରହି ପରିବାର ଭଳି ଅଲଗା ରହିବାକୁ ଦାବି କରୁଛନ୍ତି । ଏଣୁ ସେମାନଙ୍କୁ ଉଦ୍ଧାର କରି ସ୍ୱାବଲମ୍ବୀ କରିବା ସମ୍ଭବ ହୋଇପାରୁନି ବୋଲି ବିଏମସି ଅଧିକାରୀ କହିଛନ୍ତି ।

